R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୬୪
ତିଥି : ଷଷ୍ଠୀ
୦୧ ଜୁଲାଇ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 264
01 July 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଉତ୍ତର ଓଡ଼ିଶାରେ ପ୍ରବଳ ବନ୍ୟା

ଭୁବନେଶ୍ୱର, ୩୦।୬ (ସବ୍ୟୁ): ଝାଡଖଣ୍ଡ ଉପର ମୁଣ୍ଡ ଓ ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ତଳ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇଛି । ଆସନ୍ତା ୨୪ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଆସନ୍ତା ୩ ଦିନ ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଯଦି ବର୍ଷା ବଢେ ଏହି ୩ ନଦୀରେ ବନ୍ୟାସ୍ଥିତି ଗମ୍ଭୀର ହେବ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ।

ସୋମବାର ଅପରାହ୍ନ ୩ ଟା ସୁଦ୍ଧା ସୁବର୍ଣ୍ଣରେଖାର ରାଜଘାଟ ଠାରେ ବନ୍ୟା ଜଳ ୧୧.୫୬ ମିଟର ଉପରେ ପ୍ରବାହିତ ହେଉଛି । ଯାହା ବିପଦ ସଙ୍କେତ ଠାରୁ ୧.୨୦ ମିଟର ଅଧିକ ରହିଛି । ସେହିପରି ବୁଢାବଳଙ୍ଗ ନଦୀର ଗୋବିନ୍ଦପୁର ଏନ୍ଏଚ୍-୫ରେ ୬.୭୨ ମିଟର ଉଚ୍ଚରେ ବନ୍ୟା ଜଳ ପ୍ରଭାବିତ ହେଉଥିବା ବିପଦ ସଙ୍କେତ ୮.୧୩ ମିଟର ରହିଛି । ତେବେ ଜଳକା ନଦୀର ମଥାନୀ ଠାରେ ୬.୭୧ ମିଟର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ବିପଦ ସଙ୍କେତ ୬.୫୦ ମିଟର ରହିଛି। ଏଠାରେ ଜଳ ସ୍ତର ସାମାନ୍ୟ ଖସିବାରେ ଲାଗିଛି । ଏହି ବ୍ଲକରେ ଆସନ୍ତାକାଲି(ମଙ୍ଗଳବାର) ସକାଳ ୬ଟା ସୁଦ୍ଧା ସୁବର୍ଣ୍ଣରେଖା ରାଜଘାଟ ଠାରେ ୧୦.୩୬ ମିଟର ପ୍ରବାହିତ ସହ ଜଳସ୍ତର ଖସିବାରେ

**୨୪ ଘଣ୍ଟା ସବୁଠୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ**
**ବିପଦ ସଙ୍କେତ ଉପରେ ସୁବର୍ଣ୍ଣରେଖା**
**ବଢୁଛି ବୁଢାବଳଙ୍ଗ, ଜଳକା ଜଳସ୍ତର**

ଲାଗିବ ବୋଲି ଆଶଙ୍କା କରାଯାଉଛି । ଏହାସହ ଜଳ ସମ୍ପଦ ବିଭାଗ ବନ୍ୟା ସ୍ଥିତି ଉପରେ ୨୪ ଘଣ୍ଟିଆ ତୀକ୍ଷ୍ଣ ନଜର ରଖିଛି । ବାଲେଶ୍ୱର ଜିଲ୍ଲାପାଳଙ୍କୁ ସତର୍କ ରହିବା ସହ ଲୋକମାନଙ୍କୁ ସ୍ଥାନାନ୍ତର ସହିତ ରିଲିଫ ପରିଚାଳନାକୁ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି । ବାଲେଶ୍ୱରର ବନ୍ୟା ପରିସ୍ଥିତି ସମୀକ୍ଷା ପାଇଁ ଜଣେ ସର୍ବୋଚ୍ଚ ଯନ୍ତ୍ରୀ, ଜଣେ ମୁଖ୍ୟଯନ୍ତ୍ରୀ ସେଠାକୁ ଯାଇଛନ୍ତି । ବାଲେଶ୍ୱରର ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନକୁ ସଜାଗ କରି ତୁହାକୁ ତୁହା ସମୀକ୍ଷା କରାଯାଉଛି । କ୍ଷେତ୍ର ଅଧିକାରୀମାନେ କ୍ଷେତ୍ରରେ ଅଛନ୍ତି । ବନ୍ୟା ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ବନ୍ଧ ଭାଙ୍ଗିବା କି ଘଇଲିଆ ହେବାର ଖବର ନାହିଁ ବୋଲି ସେ କହିଛନ୍ତି ।



## ୪ ଲକ୍ଷ ଲୋକ ଜଳବନ୍ଦୀ, ୩ ଲକ୍ଷ ସ୍ଥାନାନ୍ତର

ଭୋଗରାଇ, ୩୦।୬, (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ସୁବର୍ଣ୍ଣରେଖା ସୁବର୍ଣ୍ଣରେଖା ଉପରମୁଣ୍ଡା ଓ ନିମ୍ନ ଅବବାହିକାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିଛି । ଏଭଳି ସ୍ଥିତିରେ ଝାଡ଼ଖଣ୍ଡରେ ଥିବା ଚାନ୍ଦଲୀ ଡେମ ସହିତ ଗାଲୁଡ଼ିହି ଓ ଖରଖାଇ ବ୍ୟାରେଜରୁ ଉଦବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ବନ୍ୟା ଜଳବୃଦ୍ଧି ପାଇ ଗତ ରବିବାର ବିଳମ୍ବିତ ରାତିରେ ରାଜଘାଟ ଗେଜଠାରେ ବିପଦସଂକେତ ୧ ୦. ୩ ୬ ମି ଉର୍ଦ୍ଧ୍ୱ ପ୍ରବାହିତ ହୋଇ ୨ କୂଳ ଲଙ୍ଘି ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ନଦୀକୂଳିଆ ଗାଁର ସ୍ଥିତିକୁ ବିଗାଡି ଦେଇଛି ।ସୋମବାର ପୂର୍ବାହ୍ନ ୧୦ଟା ଓ ଅପରାହ୍ନ ୧ଟା ସୁଦ୍ଧା ୧ ୧. ୫ ୬ ମି ରେ ବନ୍ୟା ପାଣି ସ୍ଥିର ରହି ଅପରାହ୍ନ ୩ ଟାରେ ପାଣି (୯ ପୃଷ୍ଠାରେ)

## ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ : ମନ୍ତ୍ରୀ

ଭୁବନେଶ୍ୱର, ୩୦।୬ (ସବ୍ୟୁ): ରାଜ୍ୟର ଉତ୍ତର ଭାଗ ବିଶେଷ କରି ବାଲେଶ୍ୱର ଏବଂ

- ମୟୂରଭଞ୍ଜ, ବାଲେଶ୍ୱରକୁ ରେଡ୍ ଆଲର୍ଟ
- ତଳମୁଣ୍ଡରେ ପ୍ରବଳ ବର୍ଷା ହେବାର ସମ୍ଭାବନା
- ତିନି ଜିଲ୍ଲାକୁ ପଠାଗଲା ଓଡ୍ରାଫ୍ ଟିମ୍

ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ପରିସ୍ଥିତି ପରିଚାଳନା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ସମସ୍ତ ସମ୍ପୃକ୍ତ ବିଭାଗ ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ସମନ୍ୱୟ ଭାବରେ କାର୍ଯ୍ୟ କରୁଛନ୍ତି। ଆମର ପ୍ରାଥମିକତା ହେଉଛି ବୃଦ୍ଧି ପାଉଥିବା ଜଳସ୍ତର ଦ୍ୱାରା ପ୍ରଭାବିତ ଲୋକଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ।

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ସମ୍ଭାବ୍ୟ ବନ୍ୟାସ୍ଥିତିର ସମୀକ୍ଷା କରି ଏହା କହିଛନ୍ତି। ସେ କହିଥିଲେ, ନିମ୍ନ ଏବଂ ଦୁର୍ବଳ ଅଞ୍ଚଳରୁ ୧୧୦୦ ରୁ ଅଧିକ ଲୋକଙ୍କୁ (୯ ପୃଷ୍ଠାରେ)

ପୁରୀ ଦଳାଚକଟା ମୃତ୍ୟୁ ଘଟଣା

## ଅନୁ ଗର୍ଗଙ୍କ ତଦନ୍ତ ଆରମ୍ଭ



ଭୁବନେଶ୍ୱର, ୩୦।୬ (ସବ୍ୟୁ): ପୁରୀ ରଥ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି । ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ଗତକାଲି ଏହି ଘଟଣାର ସଂପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ପୁରୀ ଦଳାଚକଟା ଘଟଣାରେ ରାଜ୍ୟ ମାନବାଧିକାର କମିଶନ ନୋଟିସ୍ କରିଛନ୍ତି । (୯ ପୃଷ୍ଠାରେ)

## ଦୁଇ ମାଓବାଦୀ ନିହତ

ଭୁବନେଶ୍ୱର, ୩୦।୬ (ସବ୍ୟୁ) : ମାଓବାଦୀ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପୋଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି । ଏହି ଅଭିଯାନରେ ୨ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଜୀବନ୍ତ ଗୁଳି, ୱାକି ଟକି, ବ୍ୟାଟେରୀ ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଛି ।

ମୃତ୍ୟବରଣ କରିଥିବା ଉଭୟ ମାଓବାଦୀ ମଙ୍କୁ ଏବଂ ଚନ୍ଦନ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ମଙ୍କୁ ଏସିଏମ୍ କ୍ୟାଡର ଏବଂ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୋଲିସ ପ୍ରାରମ୍ଭିକ ସୂଚନା ପାଇଛି । ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି ।

ଉଲ୍ଲେଖ ଯୋଗ୍ୟ ଯେ, ବାଲିଗୁଡା ଥାନା ଅଧୀନ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ନିକଟରେ କିଛି ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଜିଲ୍ଲା ପୋଲିସର ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା । ସେହି ଅନୁଯାୟୀ, କନ୍ଧମାଳ ଏସପି ହରିଶ ବି. ସି.ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଡିଭିଏଫ ଯବାନ ଟିମ ସମ୍ପୃକ୍ତ ଅଞ୍ଚଳରେ ମାଓ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ । (୯ ପୃଷ୍ଠାରେ)

ବିଏମସି ଅତିରିକ୍ତ କମିଶନରଙ୍କୁ ମାଡ ଘଟଣା

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ନବୀନ



ଭୁବନେଶ୍ୱର, ୩୦।୬ (ସବ୍ୟୁ) : ବିଏମସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି । ନବୀନ ଉଲ୍ଲେଖ କରିଛନ୍ତି ଯେ ସମ୍ପୃକ୍ତ ଅଧିକାରୀଙ୍କୁ ବିଜେପି କର୍ପୋରେଟରଙ୍କ ସମ୍ମୁଖରେ ଅତ୍ୟନ୍ତ ନିର୍ମମ ଭାବେ ଗୋଇଠା ମରାଯାଇଥିଲା । ବିଜେପିର ପରାଜିତ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକଙ୍କ ଏଥିରେ ସମ୍ପୃକ୍ତି ରହିଛି ।

ରାଜଧାନୀର ଛାତି ଉପରେ ଦିନ ଦ୍ୱିପ୍ରହରେ ଏଭଳି ଘଟଣା ଅଭିଯୋଗ ଶୁଣାଣି ସମୟରେ ଘଟିଛି । ଯାହା ଅତ୍ୟନ୍ତ ସ୍ୱର୍ଶକାତର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଯେଉଁମାନେ ଅଭିଯୁକ୍ତ ସେମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରୁଛି । ମୁଁ ପଚାରିବାକୁ ଚାହେଁ ଯେ ଯେଉଁ ରାଜନୈତିକ ନେତାମାନେ ଏଭଳି ଷଡ଼ଯନ୍ତ୍ର କରି ଲଜ୍ଜାଜନକ ଆକ୍ରମଣ କଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । ସମ୍ପୃକ୍ତ ଅଫିସର ଏତଲାରେ ମଧ୍ୟ କିଛି ଲୋକଙ୍କ ନାମ ଉଲ୍ଲେଖ କରିଛନ୍ତି । ତାଙ୍କ ସହ ଅପରାଧୀ ଭଳି ବ୍ୟବହାର କରାଯାଇଛି । ଯଦି ଜଣେ ବରିଷ୍ଠ ଅଫିସର ତାଙ୍କ ଅଫିସରେ ସୁରକ୍ଷିତ ନୁହଁନ୍ତି ତେବେ ସାଧାରଣ ଲୋକ ସରକାରଙ୍କ ଠାରୁ ଆଇନ୍ ଶୃଙ୍ଖଳା ନେଇ କ'ଣ ଆଶା କରିବେ । ମୁଖ୍ୟମନ୍ତ୍ରୀ ତୁରନ୍ତ ଏ ଘଟଣାରେ ହସ୍ତକ୍ଷେପ କରି ସରକାରଙ୍କ ଉପରେ ବିଶ୍ୱାସକୁ ପୁନଃ ସଂସ୍ଥାପନ କରନ୍ତୁ । ଏଭଳି ଘୃଣ୍ୟ ଅପରାଧକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ । ନଚେତ୍ ଲୋକମାନେ ତାଙ୍କୁ କ୍ଷମା ଦେବେନାହିଁ । ରାଜ୍ୟପାଳଙ୍କ ପୁଅ ସରକାରୀ କର୍ମଚାରୀଙ୍କୁ ମାଡ ମାରିବା ଘଟଣାକୁ ଯେଭଳି ଚାପି ଦିଆଗଲା ଏହାକୁ ଚାପି ନ ଦିଆଯାଉ ।

# ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୩୦।୬ (ସବ୍ୟୁ) : ବିଏମ୍‌ସି ଅତିରିକ୍ତ କମିଶନର ରନାକର ସାହୁଙ୍କୁ ତାଙ୍କ ଅଫିସ୍ ଭିତରେ ଦୁର୍ବୃତ୍ତମାନେ ପଶି ଆକ୍ରମଣ କରିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ କମିଶନର ଖାରବେଳନଗର ଥାନାରେ ଏତଲା କରିବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ୩ଜଣଙ୍କୁ ଗିରଫ କରିଛି । ଗିରଫ ୩ଜଣ ହେଲେ କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନ । ପ୍ରତିବାଦରେ ରାଜ୍ୟର ସମସ୍ତ ଓଏଏସ୍ ଅଫିସର ମଙ୍ଗଳବାର ସମୂହ ଛୁଟିରେ ଯିବେ ବୋଲି ଓଏଏସ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି ।

ଆକ୍ରମଣକୁ ପ୍ରତିବାଦ କରି ବିଏମ୍‌ସି କର୍ମଚାରୀମାନେ ଦିନତମାମ୍ ଅଫିସ୍ ଭିତରେ

- ବିଜେପି କର୍ପୋରେଟଙ୍କ ସମେତ ୩ ଗିରଫ
- ଆଜି ସମୂହ ଛୁଟିରେ ଯିବେ ଓଏଏସ୍ ଅଧିକାରୀ
- ବିଜେଡି କର୍ପୋରେଟର ଓ ବିଏମ୍‌ସି କର୍ମଚାରୀଙ୍କ ରାସ୍ତାରେ ଧାରଣା
- ଆକ୍ରମଣକୁ ନିନ୍ଦା କଲେ ସାଂସଦ ଅପରାଜିତା ଷଡଙ୍ଗୀ
- ଅଭିଯୁକ୍ତଙ୍କ ବିରୋଧରେ ଲାଗିଲା ହତ୍ୟା ଉଦ୍ୟମ ଦଫା





ପ୍ରତିବାଦ କରିଥିବା ବେଳେ ସନ୍ଧ୍ୟାରେ ଜନପଥକୁ ଓହ୍ଲାଇ ଧାରଣା ଦେଇଥିଲେ । ତାଙ୍କ ସହ ବିଜେଡି କର୍ପୋରେଟରମାନେ ମଧ୍ୟ ଧାରଣା ଦେଇଥିଲେ । ରାସ୍ତାରେ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସେମାନେ ଧାରଣା ଦେବା ଦ୍ୱାରା ବାଣୀବିହାରରୁ ରାଜମହଲ ପର୍ଯ୍ୟନ୍ତ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା । ପୋଲିସ ତିନିଜଣଙ୍କୁ ଗିରଫ ଘୋଷଣା କରିବା ପରେ ବିଜେଡି କର୍ପୋରେଟରମାନେ ଆନ୍ଦୋଳନରୁ ନହଟିବାରୁ ସେମାନଙ୍କୁ ପୋଲିସ ଉଠାଇ ନେଇଥିଲା । ଅଫିସ୍ ଭିତରେ କାର୍ଯ୍ୟରତ ଅଫିସର ରତ୍ନାକର ସାହୁଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିବା ଘଟଣାକୁ (୯ ପୃଷ୍ଠାରେ)

# ମୃତ୍ତିକା ସଂରକ୍ଷଣ ଯୁଗ୍ମ ନିର୍ଦ୍ଦେଶକଙ୍କ ଅମାପ ସମ୍ପତ୍ତି

ଭୁବନେଶ୍ୱର, ୩୦।୬ (ସବ୍ୟୁ) : ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ମୃତିକା ସଂରକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍‌ଙ୍କ ଘରେ ସୋମବାର ଭିଜିଲାନ୍ସ ଚଢାଉ କରିଛି । ଭିଜିଲାନ୍ସର ୮ଟି ଟିମ୍ ଏକସଂଗେ ୮ଟି ସ୍ଥାନରେ ଚଢାଉ କରିଥିଲେ । ବିଭିନ୍ନ ସ୍ଥାନରେ ଥିବା ୮୪ ଏକର ଜମି, ୨ଟି ଫାର୍ମ ହାଉସ୍, ରାଜଧାନୀରେ ୨ଟି କୋଠା, ମାର୍କେଟ ବିଲ୍ଡିଂ, ୫୮ଲକ୍ଷ ବ୍ୟାଙ୍କ ଜମା, ଗହଣା ଓ ଗାଡି ପ୍ରଭୃତି ଠାବ ହୋଇଥିବା ଭିଜିଲାନ୍ସ ସୂଚନା ଦେଇଛି । ଭିଜିଲାନ୍ସ କହିବାନୁଯାୟୀ



ଚଢାଉ ଜାରି ରହିଥିବାରୁ ସମୁଦାୟ ସମ୍ପତ୍ତି ସ୍ପଷ୍ଟ ହୋଇନାହିଁ । ଠାବ ହୋଇଥିବା ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ କେତେହେବ ତାହା ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଆକଳନ କରିବ । ଏକସଙ୍ଗେ ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରରେ ଚଢାଉ କରାଯାଇଛି ।

**୮୪ ଏକର ଜମି, ୨ ଫାର୍ମ ହାଉସ୍, କୋଠା, ମାର୍କେଟ ବିଲ୍ଡିଂ, ୫୮ ଲକ୍ଷ ବ୍ୟାଙ୍କ ଜମା ଓ ଗହଣା ଠାବ**

ଦୟାନିଧିଙ୍କ କଳାହାଣ୍ଡି, ଜୁନାଗଡ ଥାନା ଅଞ୍ଚଳରେ ଥିବା ଘର, ଶ୍ୱଶୁର ଘର ବିକ୍ରମଗୁଡା, ଭୁବନେଶ୍ୱର ଗୋଠପାଟଣା ମହାନଦୀ ଆପାର୍ଟମେଣ୍ଟ ଘରେ, ଚନ୍ଦ୍ରଶେଖରପୁର ଏଲ୍ଆଇଜି ଘରେ, ଭୁବନେଶ୍ୱର ଅଫିସ୍ ଚାମ୍ବର, ନବରଙ୍ଗପୁର ମଝିଗୁଡା ଛକ ନିର୍ମାଣାଧୀନ ଘରେ, ନବରଙ୍ଗପୁର ଚୁଟିଆଗୁଡା ଛକ ଘରେ, ଚୁଟିଆଗୁଡା ମୌଜାରେ ଥିବା ଅନ୍ୟ ଏକ ଘରେ ଏକସଂଗେ ଚଢାଉ କରାଯାଇଥିବା ଭିଜିଲାନ୍ସ କହିଛି । ଭୁବନେଶ୍ୱରରେ ଥିବା ଦୁଇଟି ଘର ମଧ୍ୟରୁ ଗୋଟିଏ ୩ ମହଲା ଘର, ୮୪ ଏକର ଜମି, ନବରଙ୍ଗପୁରରେ ୨ଟି ଫାର୍ମ ହାଉସ୍ । ଗୋଟିଏ ୪୦ ଏକର ଓ ଅନ୍ୟଟି ୬ ଏକର ବୋଲି ସୂଚନା ମିଳିଛି । ସଫିଂ କମ୍ପ୍ଲେକ୍ସ, ବ୍ୟାଙ୍କ ଜମା ୫୮ଲକ୍ଷ, କାର୍, ଗହଣା ପ୍ରଭୃତି ଠାବ ହୋଇଛି । ମହାନଦୀ ବିହାର ତିନିମହଲା ଫ୍ଲାଟ୍, ମଝିଗୁଡା ଛକରେ ୩ହଜାର ବର୍ଗଫୁଟ୍‌ର କୋଠା, ଚନ୍ଦ୍ରଶେଖରପୁର ଘର, ସଫିଂ କମ୍ପ୍ଲେକ୍ସରେ ୫ଟି ଦୋକାନ (ଯାହା ୧୪ ବର୍ଗଫୁଟ୍) ବୋଲି ଭିଜିଲାନ୍ସ ଆକଳନ କରିଛି । ୪୦ଏକର ଫାର୍ମ ହାଉସ୍‌ରେ ଗଭୀର ଜଳସେଚନ ବ୍ୟବସ୍ଥା ଥିବା (୯ ପୃଷ୍ଠାରେ)

# ଜୁଲାଇରେ ସ୍ୱାଭାବିକଠୁ ଅଧିକ ବର୍ଷିବ

## ଲଘୁଚାପ ଯୋଗୁଁ ୪ ଯାଏଁ ପ୍ରବଳ ବର୍ଷା


ଭୁବନେଶ୍ୱର, ୩୦।୬ (ସବ୍ୟୁ): ମୌସୁମୀ ନିମ୍ନଚାପ ରେଖା ଆଜି ରାଜସ୍ଥାନର ଗଙ୍ଗାନଗରରୁ ବାହାରି, ଦିଲ୍ଲୀ, ଫତେହଗଡ, ସିଦ୍ଧି, ଜାମସେଦପୁର, ରୁ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକାର ଉପକୂଳ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ରର କେନ୍ଦ୍ର ମଧ୍ୟରୁ ଦକ୍ଷିଣପୂର୍ବ ଦିଗରେ ଉତ୍ତରପୂର୍ବ ବଙ୍ଗୋପସାଗର ଯାଏଁ ଲମ୍ବିଛି । ଜୁଲାଇ ମାସରେ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ସମ୍ଭାବନା । ସ୍ୱାଭାବିକି ବର୍ଷାର ୧୦୬% ବୃଷ୍ଟିପାତ ପାଇଁ ପୂର୍ବାନୁମାନ କରାଯାଇଛି ।

ପାଣିପାଗ ବିଭାଗ କ ହି ବ । ନୁ ସ । ରେ , ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର । ଆସନ୍ତା ୪ ତାରିଖ ଯାଏଁ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି । ଅତିପ୍ରବଳ ବର୍ଷା ପାଇଁ ଆସନ୍ତାକାଲି(ମଙ୍ଗଳବାର) ୩ ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ନେଇ ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ସୁବର୍ଣ୍ଣପୁର, ଅନୁଗୁଳ ଓ ଦେବଗଡ଼କୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛ ।

ଏପଟେ ଉତ୍ତର ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ମୟୂରଭଞ୍ଜରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଛି । ପ୍ରବଳ ବର୍ଷା ଆଶଙ୍କାକୁ ଦେଖି ଆଜି ମୟୂରଭଞ୍ଜରେ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି । (୯ ପୃଷ୍ଠାରେ)

# ଜୀବନ୍ତ ଗଛର ଅଙ୍ଗାରକାମ୍ଳ ଅବଶୋଷଣ

ପରିବେଶ ପ୍ରଦୂଷଣକୁ ରୋକିବାକୁ ବୈଜ୍ଞାନିକମାନେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଗବେଷଣା କରିଥାଆନ୍ତି । ସୁଇଜରଲାଣ୍ଡର କିଛି ବୈଜ୍ଞାନିକମାନେ ଏହାକୁ ଉଦ୍ଭାବନ କରିବାରେ ସଫଳ ହୋଇଛନ୍ତି । ସେମାନେ କରିବାରେ ବ୍ୟବହାର କରାଯିବ । ଯାହାଦ୍ୱାରା ପରିବେଶ ପ୍ରଦୂଷଣ କମିବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକାଶ କରିଛନ୍ତି । ଏହାକୁ




ନିକଟରେ ସେହିଭଳି ଏକ ଉଦ୍ଭାବନ ଖୁବ ଚର୍ଚ୍ଚାରେ ରହିଛି । ବୈଜ୍ଞାନିକମାନେ ଏକ ଫଟୋସିନ୍ଥେଟିକ୍‌ର ଉଦ୍ଭାବନ କରିଛନ୍ତି ଯାହା କାର୍ବୋନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳକୁ ଅବଶୋଷଣ କରିବାରେ ସକ୍ଷମ । ଏହାକୁ ବ୍ଲୁ ଗ୍ରୀନ ଆଲ୍‌ଜିକୁ ବ୍ୟବହାର କରି ପ୍ରସ୍ତୁତ କରିଥିବା ସୂଚନା ଦେଇଛନ୍ତି । ଏହାକୁ ବ୍ୟବହାର କରି ସେମାନେ କିଛି ଇକୋ ଫ୍ରେଣ୍ଡଲି କମ୍ପୋନେଟ୍‌ର ମଧ୍ୟ ଉଦ୍ଭାବନ କରିଛନ୍ତି ଯାହା ଆଗକୁ ଘର ତିଆରି ନେଇ ବର୍ତ୍ତମାନ ଗବେଷଣା ଜାରି ରହିଛି, ଖୁବଶୀଘ୍ର ଏହାକୁ ବଜାରକୁ ରିଲିଜ୍ କରାଯିବା ନେଇ ବୈଜ୍ଞାନିକମାନେ ଆଶା ପ୍ରକାଶ କରିଛନ୍ତି । ଏହା ପରିବେଶ ପ୍ରଦୂଷଣ ପାଇଁ ଖୁବ ଉପକାରୀ ସାବ୍ୟସ୍ତ ହେବ ବୋଲି ସେମାନେ ମତ ବ୍ୟକ୍ତ କରିଛନ୍ତି ।

## ଇତିହାସ

୧୮୬୨– କୋଲକାତା ହାଇକୋର୍ଟର ଉଦ୍‌ଘାଟନ ।
୧୮୭୯– ଭାରତରେ ପୋଷ୍ଟକାର୍ଡ ସେବା ଆରମ୍ଭ ହେଲା ।
୧୮୮୧– ଟେଲିଫୋନ୍‌ରେ ପ୍ରଥମକରି ଅନ୍ତର୍ଜାତୀୟ କଲ୍ ସେବା ଆରମ୍ଭ ହେଲା ।
୧୮୮୨– ଭାରତରତ୍ନ ସମ୍ମାନିତ ତଥା ବରିଷ୍ଠ ଚିକିତ୍ସକ, ଶିକ୍ଷାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରୟଙ୍କ ସ୍ମୃତିରେ ଭାରତରେ ଜାତୀୟ ଡାକ୍ତର ଦିବସ ପାଳନ କରାଗଲା । ସେ ଆଜିର ଦିନରେ ଜନ୍ମଗ୍ରହଣ କରିବା ସହିତ ୧୯୬୨ରେ ଆଜିର ଦିନରେ ତାଙ୍କର ମୃତ୍ୟୁ ଘଟିଥିଲା ।
୧୯୨୭– ଭାରତର ଅଷ୍ଟମ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ସିଂହଙ୍କ ଜନ୍ମ ।
୧୯୯୬– ଅଷ୍ଟ୍ରେଲିଆର ଉତ୍ତର ପ୍ରାନ୍ତରେ ଇଚ୍ଛାମୃତ୍ୟୁ ଆଇନ୍ ଲାଗୁ ହେଲା, ଯାହା ବିଶ୍ୱରେ ପ୍ରଥମ ଘଟଣା ।
୧୯୯୭– କୋଲକାତାରେ ଦେଶର ପ୍ରଥମ ସାଇନ୍ସ ସିଟିକୁ ସ୍ଥାପନ କରାଗଲା ।
୨୦୦୬– ଏସୀୟ ଯୁବ ଚେସ୍ ଚାମ୍ପିୟନ୍‌ସିପ୍‌ରେ ଭାରତ ୮ଟି ସ୍ୱର୍ଣ୍ଣ ଜିତିଲା ।
୨୦୦୬– ଭାରତ–ଆମେରିକା ପରମାଣୁ ବୁଝାମଣାକୁ ଆମେରିକୀୟ ସଂସଦ ସମିତି ମଞ୍ଜୁରୀ ଦେଲା ।
୨୦୦୭– ଇଂଲଣ୍ଡରେ ସାର୍ବଜନୀନ ସ୍ଥାନରେ ଧୂମପାନ ଉପରେ ଲାଗୁ ପ୍ରତିବନ୍ଧକ କାର୍ଯ୍ୟକାରୀ ହେଲା ।
୨୦୧୩– ନେପଚୁନ୍ ଗ୍ରହର ଏସ୍ ୨୦୦୪ଏନ୍ ୧ର ସନ୍ଧାନ କରାଗଲା ।
୨୦୧୭– ଭାରତରେ ଜିଏସ୍‌ଟି ଲାଗୁ ହେଲା ।

## ସଂକ୍ଷେପରେ ଶ୍ରୀକ୍ଷେତ୍ର–୩

୫୯. ଶ୍ରୀଜଗନ୍ନାଥଙ୍କ ବନପ୍ରକଳ୍ପ କେତେ ଅଞ୍ଚଳ ପରିମିତ ? –୨୬୮୬ ହେକ୍ଟର
୬୦. ଶ୍ରୀଜଗନ୍ନାଥଙ୍କ ଇନ୍ଦ୍ରଦ୍ୟୁମ୍ନ ପୋଖରୀର ଆକାର –୪୮୫.୩୯୬ ଫୁଟ
୬୧. ଶ୍ରୀଜଗନ୍ନାଥ ସଡ଼କ (ପୁରୀ–ଜଳେଶ୍ୱର)କୁ ଇଂରେଜମାନେ କେବେ ନିର୍ମାଣ କରିଥିଲେ ? –୧୮୧୨ରୁ ୧୮୨୬ ଭିତରେ



୬୨. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଗଡ଼ଜାତ ରାଜାମାନେ କେବେ ବନ୍ଦୋବସ୍ତ କରିଥିଲେ ? –୧୮୮୫
୬୩. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ତାଳଚେର ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? –୧୬୩ଟ. ୨ଅଣା ୯ ପାହୁଲା
୬୪. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଦଶପଲ୍ଲା ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ? –୨୦ଟ.
୬୫. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ହିନ୍ଦୋଳ ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? –୨୩୩ଟଙ୍କା ୨୨ ଅଣା
୬୬. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ବୌଦ ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? – ୫୦ଟ.
୬୭. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ମୟୂରଭଞ୍ଜ ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? – ୩୩୫ଟ. ୯ ଅଣା ୧୫ ପାହୁଲା
୬୮. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଢେଙ୍କାନାଳ ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? – ୬୧୪ଟ. ୭ ଅଣା ୬ ପାହୁଲା
୬୯. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଢେଙ୍କନାଳ ରାଜା କେତେ ପରିମାଣର ଜମି ଖଞ୍ଜିଥିଲେ ? – ୭୩ ବାଟି ୧୮ ଗୁଣ୍ଠ
୭୦. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ନୀଳଗିରି ରାଜା କେତେ ପରିମାଣର ଜମି ଖଞ୍ଜିଥିଲେ ? – ୧ ବାଟି ୧୦ ଗୁଣ୍ଠ
୭୧. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଅନୁଗୋଳ ଅଞ୍ଚଳରେ କେକେ ପରିମାଣର ଜମି ଖଞ୍ଜିଥିଲେ ? – ୧୧୩ ବାଟି ୪ ମାଣ ୧ ଗୁଣ୍ଠ

# ଫେରିଲେ ପରେଶ

ବିଗତ କିଛି ଦିନ ଧରି ପରେଶ ରାଓ୍ୱଲ ଫିଲ୍ମ ହେରାଫେରୀ ୩କୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ପରେଶ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି କହିବା ପରେ ବିବାଦ ଦେଖିବାକୁ ମିଳିଥିଲା । ଏପରିକି କଥା କୋର୍ଟକୁ ମଧ୍ୟ ଯାଇଥିଲା । ଏପରଟେ ଫ୍ୟାନ୍‌ମାନେ ଏହି ଖବରକୁ ସହଜରେ ଗ୍ରହଣ କରିପାରିନଥିଲେ । ପରେଶଙ୍କ ବିନା ହେରାଫେରୀ ୩ର ମଜା ଆସିବ ନାହିଁ ବୋଲି ଦର୍ଶକ ମତ ଦେବାରେ ଲାଗିଥିଲେ । ହେଲେ ବର୍ତ୍ତମାନ ଏହି ବିବାଦର ଅନ୍ତ ଘଟିଛି । ପରେଶ ରାଓ୍ୱଲ ବର୍ତ୍ତମାନ ଏହି ଫିଲ୍ମରେ ନଜର ଆସିବେ ବୋଲି ସୂଚନା ମିଳିଛି । ଦର୍ଶକଙ୍କ ପ୍ରତି ଥିବା ତାଙ୍କର କର୍ତ୍ତବ୍ୟ ପାଇଁ ସେ ଏହି ଫିଲ୍ମକୁ ଫେରିଥିବା ପରେଶ ମତ ଦେଇଛନ୍ତି । ତେବେ ପରେଶଙ୍କର ପୁଣି ଫିଲ୍ମରେ ଯୋଗଦେବା ଦର୍ଶକଙ୍କୁ ଖୁବ ଖୁସି ଦେଇଛି । ସମସ୍ତେ ବର୍ତ୍ତମାନ ଫିଲ୍ମର ତିନି ଯୋଡି ବାବୁରାଓ, ରାଜୁ ଓ ଶ୍ୟାମଙ୍କୁ ଦେଖିବାକୁ ଉତ୍ସାହିତ ଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ପୂର୍ବରୁ ହେରାଫେରିର ସମସ୍ତ ପାର୍ଟକୁ ଦର୍ଶକ ଖୁବ ଭଲପାଇବା ଦେଇଛନ୍ତି । ବିଶେଷଭାବେ ଅକ୍ଷୟ କୁମାର, ପରେଶ ରାଓ୍ୱଲ ଓ ସୁନୀଲ ସେଟ୍ଟୀଙ୍କୁ ଦର୍ଶକ ଖୁବ ଭଲ ପାଇବା ଦେଇ ଆସିଛନ୍ତି । ଫିଲ୍ମ ସିରିଜ୍‌ଟି ବଲିଉଡର ବ୍ଲକ୍‌ବଷ୍ଟର ଫିଲ୍ମଙ୍କ ଭିତରୁ ଗୋଟିଏ । ପୂର୍ବ ଭାଗ ଭଳି ତୃତୀୟ ଭାଗକୁ ମଧ୍ୟ ଦର୍ଶକ ହିଟ୍ କରାଇବେ ବୋଲି ମେକର୍ସ ଆଶା ରଖିଛନ୍ତି ।



## ସୋସିଆଲ କୋଟ୍ସ



"ବାପାଙ୍କ ସହ ମୋର ଯେଉଁ ଫଟୋ ଭାଇରାଲ ହୋଇଥିଲା ସେ ମୁମେଣ୍ଟଟି ବହୁତ ଇନୋସେଣ୍ଟ ଥିଲା । ମୋତେ ଲୋକଙ୍କୁ ସେ ବିଷୟରେ କିଛି ବୁଝେଇବାର ନାହିଁ ।

ପୂଜା ଭଟ୍ଟ, ଅଭିନେତ୍ରୀ



"ମୁଁ ବି ଆପଣଙ୍କ ଭଳି ସେଣ୍ଟିମେଣ୍ଟାଲ୍ । ମୋ ହୃଦୟ ମଧ୍ୟ ପ୍ରେମରେ ଅନେକ ଥର ଭାଙ୍ଗିଛି । ମୁଁ ଏକାକୀ ମୋ ପିଲାଙ୍କୁ ପାଳୁଛି, ଯେଉଁଥିପାଇଁ ମୁଁ ବହୁତ ପରିଶ୍ରମ କରୁଛି ।

କରଣ ଜୋହର, ଅଭିନେତା



"ଯବାନ୍ ଫିଲ୍ମ ଦେଖିବା ପରେ ଏଥିରେ ଥିବା ସମସ୍ତ ଚରିତ୍ର ପ୍ରତି ଭଲପାଇବା ଆସିଯାଇଛି । ସେହି ଫିଲ୍ମରେ ମୋତେ ଶାହରୁଖଙ୍କ ପ୍ରତିଟି ଷ୍ଟାଇଲ୍ ବେଶ୍ ଭଲ ଲାଗିଥିଲା ।

ଅନୁପମ ଖେର, ଅଭିନେତା

# ଶୁଖିଲା ବେସନ ତରକାରୀ

**ସାମଗ୍ରୀ–** ଛଣା ବେସନ ଖଣ୍ଡ, କ୍ୟାପସିକମ୍, ଗାଜର, ବିଟ୍, କଟା ପିଆଜ, କଟା ଟମାଟୋ, କଟା ଅଦା, କଟା ରସୁଣ, କଞ୍ଚା ଲଙ୍କା, ଟମାଟୋସସ୍, ଚିଲି ସସ୍, ସୋୟା ସସ୍, ପିଜା ମିକ୍ସ ।


**ପ୍ରଣାଳୀ–** ପ୍ରଥମେ ବେସନକୁ ଖର୍ଲି କରି ଛୋଟଛୋଟ ଖଣ୍ଡରେ କାଟି ଛାଣି ନିଅନ୍ତି । ଏହାପରେ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଦେଇ ସେଥିରେ କଞ୍ଚା ଲଙ୍କା, ରସୁଣ ଓ ଅଦା ପକାନ୍ତୁ । ଏହାପରେ ଏଥିରେ ପିଆଜ ପକାଇ ଅଳ୍ପ ଭାଜନ୍ତୁ । ଭାଜିହେବା ପରେ ଏଥିରେ କ୍ୟାପସିକମ, ଗାଜର ଓ ବିଟ୍ କଟା ପକାନ୍ତୁ । ଲୁଣ ପକାଇ ସମସ୍ତ ପରିବାକୁ ଭାଜନ୍ତୁ । କିଛି ସମୟ ପରେ ଏଥିରେ ଟମାଟୋ ପକାଇ ଗୋଳାନ୍ତୁ । ଟମାଟୋ ଅଳ୍ପ ଭାଜି ହେବାପରେ ଏଥିରେ ସମସ୍ତ ସସ୍‌କୁ ପକାଇ ଗୋଳାନ୍ତୁ । ଏହାପରେ ଶେଷରେ ଏଥିରେ ବେସନ ଛଣା ଖଣ୍ଡକୁ ପକାଇ ଗୋଳାଇ ନିଅନ୍ତୁ । ଅଳ୍ପ ସମୟ ଫୁଟିବା ପରେ ଶେଷରେ ଏଥିରେ ମିଜା ମିକ୍ସ ପକାଇ ପ୍ରସ୍ତୁତ କରନ୍ତୁ ଶୁଖି ବେସନ ତରକାରୀ ।



# ଘରର ସୁନା ଆସ୍ତରଣ

ସୋସିଆଲ ମିଡିଆରେ ବର୍ତ୍ତମାନ ଏକ ଘର ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଘରଟିକୁ ସୋସିଆଲ ମିଡିଆରେ ସୁନା ଘରର ଆଖ୍ୟା ଦିଆଯାଇଛି । ଇନ୍‌ଷ୍ଟାଗ୍ରାମରେ ଜଣେ କଣ୍ଟେଣ୍ଟ କ୍ରିଏଟର ଏକ ଭିଡିଓ ପୋଷ୍ଟ କରିଛନ୍ତି ଯେଉଁଥିରେ ଏହି ସୁନା ଘର ଦେଖିବାକୁ ମିଳୁଛି । ମଧ୍ୟପ୍ରଦେଶର ଇନ୍ଦୋରରରେ ଏହି ଘରଟି ରହିଛି, ଯେଉଁଥିରେ ଘରର ସମସ୍ତ କଥା ସୁନାରୁ ତିଆରି ହୋଇଛି । ଏହି ଘରଟିରେ ୧୦ଟି ଶୋଇବା ଘର ରହିଛି ଏବଂ ଘର ହତା ଭିତରେ ଗୋଟିଏ ଗୁହାଳ ମଧ୍ୟ ରହିଥିବାର ଦେଖିବାକୁ ମିଳୁଛି । ଘରର ଅଧିକାଂଶ ସାଜସଜ୍ଜା ସୁନା ଥିମ୍‌ରେ କରାଯାଇଛି । ଘରଟି ବେଶ୍ ଭବ୍ୟ ହୋଇଥିବା ଦେଖିବାକୁ ମିଳୁଛି । ଏହି ବ୍ୟକ୍ତିଜଣଙ୍କର ଗୋଟିଏ ପେଟ୍ରୋଲ ପମ୍ପ ଥିବାବେଳେ ସେ ପେଶାରେ ଜଣେ କଣ୍ଟ୍ରାକ୍ଟର । ସେହିଭଳି ସେ ହୋଟେଲ୍ ବ୍ୟବସାୟରେ ମଧ୍ୟ ଇନ୍‌ଭେଷ୍ଟ କରିଛନ୍ତି । ୟୁଜର୍ସମାନେ ତାଙ୍କ ଘର ଦେଖି ଆଶ୍ଚର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି ।





# ଇଲିଆନାଙ୍କୁ ଶୁଭେଚ୍ଛା

ବଲିଉଡ ଅଭିନତ୍ରୀ ଇଲିଆନା ଡିକ୍ରୁଜଙ୍କୁ ବର୍ତ୍ତମାନ ଶୁଭେଚ୍ଛା ମିଳିବାରେ ଲାଗିଛି । ଏହା ପଛରେ ଏକ ଖୁସି ଖବର କାରଣ ରହିଛି । ସୂଚନା ଅନୁସାରେ ଇଲିଆନା ନିକଟରେ ପୁଣିଥରେ ମାଆ ହେବାର ସୌଭାଗ୍ୟ ପାଇଛନ୍ତି । ଦ୍ୱିତୀୟ ସନ୍ତାନ ଭାବେ ସେ ଏକ ପୁତ୍ରକୁ ଜନ୍ମ ଦେଇଛନ୍ତି । ଏହି ସୂଚନା ସେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଦେବାପରେ ଏହା ଖୁବ ଭାଇରାଲ ହେଉଥିବାର ଦେଖିବାକୁ ମିଳୁଛି । ଏହି ଖବର ଜଣାପଡିବା ପରେ ତାଙ୍କ ଫ୍ୟାନଙ୍କ ସମେତ ଅନେକ ସେଲିବ୍ରିଟି ତାଙ୍କୁ ଏଥିପାଇଁ ଶୁଭେଚ୍ଛା ଦେବାରେ ଲାଗିଛନ୍ତି । ଗତ ୧୯ ତାରିଖରେ ତାଙ୍କର ପୁତ୍ରସନ୍ତାନ ଜନ୍ମ ହୋଇଥିବା ଏହି ପୋଷ୍ଟରେ ଉଲ୍ଲେଖ ରହିଛି । ୨୦୨୩ରେ ତାଙ୍କର ପ୍ରଥ ପୁତ୍ର ଜନ୍ମ ହୋଇଥିଲା । ୨୦୦୬ରେ ତେଲୁଗୁ ଫିଲ୍ମରୁ ନିଜର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ ଇଲିଆନା । ତାଙ୍କୁ ଉଭୟ ହିନ୍ଦୀ ଓ ତେଲୁଗୁ ଇଣ୍ଡଷ୍ଟ୍ରୀରେ ଏକାଧିକ ହିଟ୍ ଫିଲ୍ମରେ ଦେଖିବାକୁ ମିଳିଛି ।



## ହାହାଃ.. ହାହାଃ..



ରାମୁ – ସାର୍ ମୋର ଭୁଲିବା ଗୁଣ ବଢୁଛି । ମୁଁ ସଙ୍ଗେ ସଙ୍ଗେ କଥା ଭୁଲି ଯାଉଛି ଏପରିକି ଲୋକଙ୍କୁ ମଧ୍ୟ ଚିହ୍ନି ପାରୁନି ।
ଡାକ୍ତର – ଏହା ତୁମର କେତେଦିନ ହେଲା ହେଉଛି ?
ରାମୁ କିଛି ସମୟ ଚୁପ ରହିଲା ।
ଡାକ୍ତର – ଆରେ ମୋ ପ୍ରଶ୍ନର ଉତ୍ତର ଦିଅ ।
ରାମୁ – ଆପଣ କିଏ ? ମୁଁ ଏଠାକୁ କ'ଣ ପାଇଁ ଆସିଛି ?

### ରଥଯାତ୍ରାରେ ଅମାନିଆ ଚାଳକଙ୍କ ଉପରେ ବିଶେଷ ନଜର, କଟିଲା ୧୮୦୦ ଇ-ଚାଲାଣ

# ୭ଟି ସ୍ୱତନ୍ତ୍ର ଟିମ ପୁରୀର ବିଭିନ୍ନ ରୁଟରେ କରୁଛନ୍ତି କଡ଼ାକଡ଼ି ଏନଫୋର୍ସମେଣ୍ଟ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପରିବହନ ବ୍ୟବସ୍ଥା ଶୃଙ୍ଖଳିତ ରଖିବା ପାଇଁ ବାଣିଜ୍ୟ ପରିବହନ ବିଭାଗ ଅଧିନରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା କଡ଼ାକଡ଼ା ଏନଫୋର୍ସମେଣ୍ଟ କରାଯାଇଛି। ଆଗକୁ ଅନ୍ୟ ପ୍ରମୁଖ ଦିନ ଯେପରିକି ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏହା ଜାରି ରହିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ନବଦିନାତ୍ମକ ଯାତ୍ରା ପାଇଁ ପୁରୀକୁ ହଜାର ହଜାର ସଂଖ୍ୟାର ଗାଡ଼ି ଚଳାଚଳ କରୁଛି। ଏହି ସମୟରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହି ଅନୁଯାୟୀ ପୁରୀ ଆରଟିଓ ଅଧିନରେ ୭ଟି ସ୍ପେଶାଲ ଟିମ ଗଠନ କରାଯାଇ, ବିଭିନ୍ନ ରୁଟ୍ ରେ ନିୟମିତ ଏନଫୋର୍ସମେଣ୍ଟ କରାଯାଉଛି। ଏହାବାଦ ଯାଞ୍ଚକୁ ବ୍ୟାପକ କରି ଇ-ଚାଲାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱରରୁ-ପୁରୀ ଜାତୀୟ ରାଜପଥ-୩୧୬ ଏବଂ ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ



ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ୍) କାର୍ଯ୍ୟକ୍ଷମ ହୋଇଛି। ରଥଯାତ୍ରା ଏବଂ ତାର ପରବର୍ତ୍ତୀ ଦୁଇ ଦିନ ଅର୍ଥାତ ୨୭, ୨୮ ଏବଂ ୨୯ ଜୁନରେ ପୁରୀ ରୁଟ୍ ରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଯୋଗୁଁ ପ୍ରାୟ ୧୮୦୦ଟି ଇ-ଚାଲାଣ କଟିଛି। ଯେଉଁଥିରେ ବିନା ହେଲମେଟରେ ଗାଡ଼ି ଚାଳନା, ଭୁଲ୍ ରୁଟରେ ଗାଡ଼ି ଚାଳନା, ଦ୍ରୁତଗତି ଏବଂ ଦୁଇ ଚକିଆରେ ଦୁଇରୁ ଅଧିକ ବସିବା ଭଳି ସଡ଼କ ସୁରକ୍ଷା ନିୟମର ଉଲ୍ଲଙ୍ଘନ ରହିଛି। ସେହିଭଳି ମାନବସମ୍ବଳର ବ୍ୟବହାର କରି ସ୍ୱତନ୍ତ୍ର ଟିମ ଦ୍ୱାରା ଏନଫୋର୍ସମେଣ୍ଟକୁ ମଧ୍ୟ କଡ଼ାକଡ଼ି କରାଯାଉଛି।

ବ୍ରହ୍ମଗିରି, ସାକ୍ଷୀଗୋପାଳ, କୋଣାର୍କ, ପିପିଲି ଏହି ସମସ୍ତ ପଥରେ ବିଶେଷ ଫୋକସ କରାଯାଇଛି। ଏସବୁ ବ୍ୟତୀତ ଧାର୍ଯ୍ୟ ଦର ଠାରୁ ଅଧିକ ଭଡ଼ା ଆଦାୟ କରୁଥିବା ବସ ମାନଙ୍କ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ବସ ମାଲିକ ସଂଘକୁ ବିଭିନ୍ନ ସମୟରେ ଏହା ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି। କଟକ ନେତାଜୀ ବସ ଟର୍ମିନାଲ, ଭୁବନେଶ୍ୱର ବରମୁଣ୍ଡା ବସ ଟର୍ମିନାଲ, ତାଳବଣିଆ ଏବଂ ମାଳତୀପାଟପୁର ବସ ଷ୍ଟାଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାନୀୟ ଆରଟିଓ ମାନେ ନିୟମିତ ଭାବରେ ସରପ୍ରାଇଜ ଚେକିଂ କରୁଛନ୍ତି। କୌଣସି ବସ ଯାତ୍ରୀଙ୍କ ଠାରୁ ଧାର୍ଯ୍ୟ ଦରଠୁ ଅଧିକ ଭଡ଼ା ନନେବାକୁ ବାରମ୍ବାର ତାଗିଦ କରାଯାଉଛି। ଯାତ୍ରୀ ମାନଙ୍କର ବିଭିନ୍ନ ଅଭିଯୋଗ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରୁଛି, ଯାହାର ହେଲ୍ପଡେସ୍କ ନମ୍ବର-୦୬୭୫-୨୨୨୩୪୭୮ ରହିଛି। ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତାଳବଣିଆ ଓ ମାଳତିପାଟପୁରରେ ଅସ୍ଥାୟୀ ବିଶ୍ରାମଗାର, ମୌଳିକ ସୁବିଧା ଏବଂ ନିଶୁଳ୍କ ଖାଦ୍ୟ ବଣ୍ଟନ ସେବା କରାଯାଇଛି, ଯାହାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦଘାଟନ କରିଛନ୍ତି। ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏଭଳି ସେବା ଯୋଗାଇ ଦିଆଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ତାଳବଣିଆରୁ ଅର୍ବାନ ହାଟ୍ ଭାୟା ରେଳ ଷ୍ଟେସନ, ଷ୍ଟର୍ଲିଂ ଠାରୁ ମଙ୍ଗଳାହାଟ ରୁଟ୍ ରେ ନିଃଶୁଳ୍କ ଅଟୋ ସେବା ପୁରୀରେ ଉପଲବ୍ଧ ହୋଇଛି। ଅଟୋ ସେବାକୁ ମାନ୍ୟବର ମନ୍ତ୍ରୀ ଉଦଘାଟନ କରିଛନ୍ତି। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରୁ ନୀଳାଦ୍ରି ବିଜେ ଯାଏଁ କିଭଳି ପରିବହନ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦିତ ହେବ ସେଥିପାଇଁ ବିଭାଗୀୟ ମନ୍ତ୍ରୀ , ପ୍ରମୁଖ ଶାସନ ସଚିବ, ପରିବହନ ଆୟୁକ୍ତଙ୍କ ନେତୃତ୍ୱରେ ଶତାଧିକ ଅଧିକାରୀ ଏବଂ କର୍ମଚାରୀ ନିରନ୍ତର ଭାବରେ କାର୍ଯ୍ୟ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭୁବନେଶ୍ୱରର ସାମ୍ବାଦିକଗଣ



ଭୁବନେଶ୍ୱର: (ସବ୍ୟୁ): ଭୁବନେଶ୍ୱରର ବିଭିନ୍ନ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଗଣ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରଥଯାତ୍ରା ସମୟରେ ସେମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଭୁବନେଶ୍ୱରର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୁରୀକୁ ନିଆଯାଇ ରଥଯାତ୍ରାର ରିପୋର୍ଟିଂ ପାଇଁ ବ୍ୟବସ୍ଥା କରାଯାଇଥାଏ । ତେବେ ଏ ବର୍ଷ ପୁରୀ ଠାରେ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ଏକ ମେମୋରେଣ୍ଡମ୍ ଦେଇଥିଲେ । ଏ ସମ୍ପର୍କରେ ବିଚାର ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ କହିଥିଲେ । ଏହି ଆଲୋଚନାରେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାଗବତ ତ୍ରିପାଠୀ, ପବିତ୍ର ମୋହନ ସାମନ୍ତରାୟ, ପାର୍ଥ ସାରଥୀ ଜେନା, କିଶୋର ମଙ୍ଗରାଜ, ଦେବକାନ୍ତ ମହାପାତ୍ର, ସ୍ୱରୂପ କୁମାର ମହାନ୍ତି, ଗଜେନ୍ଦ୍ରନାଥ ବେହେରା, ସନାତନ ଦଳବେହେରା, ସୁବୋଧ କାନୁନଗୋ, ସୂର୍ଯ୍ୟକାନ୍ତି ନାୟକ, ଦେବ ମହାନ୍ତି ଏବଂ ସ୍ୱଦେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

### ୧୯ ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଅଟକ ଘଟଣା

# କଟକ ଏସପିଙ୍କୁ ଓଏଚ୍ଆରସିଙ୍କ ଜବାବ ତଲବ

କଟକ,(ସବ୍ୟୁ): ପଶ୍ଚିମ ବଙ୍ଗ, ମାଲଦା ଜିଲ୍ଲା ହରିଶ୍ଚନ୍ଦ୍ରପୁର ଥାନା ଅଞ୍ଚଳର ୧୯ ଜଣ ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଅଟକ ରଖିବା ଘଟଣାରେ ରାଜ୍ୟ ମାନବାଧିକାର କମିସନ, କଟକ ଜିଲ୍ଲା ଏସ୍‌ପିଙ୍କୁ ଜବାବ ତଲବ କରିଛନ୍ତି । କେଉଁ ନିୟମ ଆଧାରରେ ଏହି ପ୍ରବାସୀଙ୍କୁ ଅଟକ ରଖାଯାଇଛି, ଯଦି ସେମାନଙ୍କୁ ଅଟକ ରଖାଗଲା ତାହେଲେ ଏହା ପଛର କାରଣ କ'ଣ, ହରିଶ୍ଚନ୍ଦ୍ରପୁର ଥାନା ପକ୍ଷରୁ ଏହି ପ୍ରବାସୀଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପାଇବା ପରେ ମଧ୍ୟ ପୁଲିସ୍ କ'ଣ ପାଇଁ ସେମାନଙ୍କୁ ଅଟକ ରଖିଛି, ଯଦି ଅଟକି ରଖିଛି ତାହେଲେ ସେମାନଙ୍କୁ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ କ'ଣ ପାଇଁ ହାଜର କରାଗଲା ନାହିଁ, ଯଦି ସେମାନଙ୍କୁ ଗିରଫ କରାଗଲା ତାହେଲେ ସେମାନଙ୍କୁ ଜେଲ୍ କାହିଁକି ପଠାଗଲା ନାହିଁ ବୋଲି କମିସନ ଏସ୍‌ପିଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି । ଯଦି ସେମାନଙ୍କୁ ଗିରଫଦାରୀ କରିବାର ପ୍ରାଥମିକ ପ୍ରମାଣ ନଥାଏ ତାହେଲେ ଏହାକୁ କମିସନ ଗୁରୁତ୍ୱର ସହ ଗ୍ରହଣ କରିବେ ଏବଂ ଏଭଳି ବେଆଇନ ଅଟକ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କମିସନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏବଂ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ସପ୍ତାହକ ମଧ୍ୟରେ ଏହାଁ ଉପରେ ଜବାବ ରଖିବାକୁ କୁହାଯାଇଛି। ଆସନ୍ତା ଜୁଲାଇ ୮ ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି ।

ମାହାଙ୍ଗା ଅଞ୍ଚଳରେ ରହି କାମଧନ୍ଦା କରିବା ସହ ଫେରି ବ୍ୟବସାୟ କରି ନିଜ ଗୁଜରାଣ ମେଣ୍ଟାଇ ଆସୁଥିଲେ ୧୯ ଜଣ ପଶ୍ଚିମବଙ୍ଗ ଲୋକ । ଗତ ଚାରିଦିନ ତଳେ ହଠାତ୍ କଟକ ଏସ୍‌ପିଙ୍କ ନିର୍ଦ୍ଦେଶରେ ମାହାଙ୍ଗା ଥାନା ପୁଲିସ ସେମାନଙ୍କୁ ଜବରଦସ୍ତ ଉଠାଇ ଆଣି ମାଜିଷ୍ଟ୍ରେଟ ଙ୍କ ଅଦାଲତରେ ହଜାର ନ କରି ଆଠଗଡ଼ ଡିଟେନସନ କେନ୍ଦ୍ରରେ ରଖୁଥୁଲା । ସେମାନଙ୍କଠାରୁ ମୋବାଇଲ ଫୋନ ଛଡାଇ ନିଆଯାଇଥିଲା। ସେମାନଙ୍କ ପାଖରେ ଥିବା ନିଜ ଆଧାର କାର୍ଡ ଏବଂ ଭୋଟର ପରିଚୟପତ୍ର ଦେଖାଇଥିଲେ ମଧ୍ୟ ପୁଲିସ କିଛି ଶୁଣି ନଥିଲା । ସେମାନେ ସିପିଆଇ(ଏମ) ଦଳର ସମର୍ଥକ ବୋଲି ପଶ୍ଚିମବଙ୍ଗ ରାଜ୍ୟ ପାର୍ଟି ଅଫିସରୁ ଖବର ଆସିବାପରେ ସ୍ଥାନୀୟ ସିପିଏମ ନେତା ବଦ୍ରିନାରାୟଣ ଦାଶ ୧୯ ଜଣଙ୍କୁ ଦେଖା କରିବାକୁ ଯାଇଥିଲେ । ପରେ ହରିଶ୍ଚନ୍ଦ୍ରପୁର ଥାନା ଆଇଆଇସି ଶ୍ରମିକ ମାନଙ୍କ ପରିବାରଠାରୁ ଅଭିଯୋଗ ପାଇ ସମସ୍ତ କାଗଜପତ୍ର ତନଖି କରି ସେମାନେ ସେହି ଅଞ୍ଚଳର ବୋଲି ମାହାଙ୍ଗା ଥାନାକୁ ଜଣାଇଥିଲା। ଏହାସତ୍ତ୍ୱେ ପୁଲିସ ଛାଡି ନଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଓଏଚ୍ଆରସିରେ ମାମଲା ରୁଜୁ କରିଥିଲେ। ଓଏଚ୍ଆରସି ଏହି ମାମଲାକୁ ଗୁରୁତ୍ୱର ସହ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ମାଲଦା ଜିଲ୍ଲାପାଳ ଏବଂ ଓଏଚ୍ଆରସିଙ୍କ ଆଦେଶ ପାଇବା ପରେ କଟକ ପୁଲିସ୍ ଶ୍ରମିକଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

### ଓଡ଼ିଶା ସ୍ୱରାଜ ପୁରସ୍କାର ୨୦୨୫

# ଜାତି ଜନଗଣନା ଠିକ୍ ହେଲେ ନ୍ୟାୟ ମିଳିବ : ବି.କେ. ହରିପ୍ରସାଦ

ଭୁବନେଶ୍ୱର, (ସବ୍ୟୁ): ରୋଟାରୀଭବନ ଠାରେ ଓଡ଼ିଶା ସ୍ୱରାଜ ଅଭିଯାନ ଆନୁକୁଲ୍ୟରେ "ଓଡ଼ିଶା ସ୍ୱରାଜ ପୁରସ୍କାର-୨୦୨୫" ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ପୂର୍ବତନ ପ୍ରଭାରୀ ତଥା ଏ.ଆଇ.ସି.ସି. ସାଧାରଣ ସମ୍ପାଦକ ବି.କେ ହରିପ୍ରସାଦ ଯୋଗ ଦେଇ କହିଥିଲେ ଯେ ବିଜେପି ଜାତିଜନଗଣନାକୁ ବିରୋଧ କରୁଥିଲା। ମାତ୍ର ଲୋକସଭାରେ ବିରୋଧ ଦଳରନେତା ଜନନାୟକ ରାହୁଲ ଗାନ୍ଧୀଙ୍କ ସଂସଦ ଭିତରେ ଓ ବାହାରେ କ୍ରମାଗତ ଭାବେ ଜନଗଣନା କରିବାକୁ ଦାବି କରିଆସୁଥିଲେ। ଦକ୍ଷିଣ ଓଡ଼ିଶାରେ ସରକାରୀ ଚାକିରୀ ଓ ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ପ୍ରତିଶତ ଅଧିକା ଥିବାରୁ ସେ ଅଂଚଳରେ ବିକାଶ ଘଟିଛି ଏବଂ ସେ ଅଂଚଳରେ ଜନସାଧାରଣଙ୍କର ଜୀବନ ଧାରଣରମାନ ଅନ୍ୟ ରାଜ୍ୟ ଅପେକ୍ଷା ବହୁତଭଲ।



ଏପରିକି ତଥା କଥିତ ଗୁଜୁରାଟ ଜୀବନଧାରଣରମାନ ତାମିଲନାଡୁ ଜନସାଧାରଣଙ୍କ ଠାରୁ ବହୁତ ଖରାପ। ଓଡ଼ିଶାରେ ଓବିସିମାନଙ୍କୁ ସଂରକ୍ଷଣରେ ବହୁତ ଅନ୍ୟାୟ କରାଯାଇଛି। ସେଥିପାଇଁ ଏଠାରେ ବହୁତ ସଂପଦ ଥିଲେ ମଧ୍ୟ ଲୋକେ ବହୁତ ଗରୀବ ହୋଇ ରହିଛନ୍ତି । ଏସ୍.ସି. ଓ ଏସ୍. ଟି ଓ ଓବିସି ମାନଙ୍କ ସଂଖ୍ୟା ଅନୁସାରେ ସଂରକ୍ଷଣମିଳିଲେ ଓଡ଼ିଶାର ଜନସାଧାରଣଙ୍କର ବିକାଶ ହୋଇପାରିବ ବୋଲି ଶ୍ରୀ ହରିପ୍ରସାଦ ମତପ୍ରକାଶକରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାରଲଲୁ ଯୋଗ ଦେଇ କହିଥିଲେ ଯେ, ଏଠିମହିଳା ଏସ୍.ସି.,ଏସ.ଟି ଓ ଓବିସିଙ୍କ ପ୍ରତିବହୁତ ଅନ୍ୟାୟ ହୋଇଛି। ଯେଉଁଠି ଶିଳ୍ପ କଳକାରଖାନା ହେଉଛି ଆଂଚଳିକ ଲୋକଙ୍କର କୌଣସିସୁବିଧା, ସୁଯୋଗ ନ ପାଉଥିବାବେଳେ ବାହାର ଲୋକତା'ର ଆସି ସେଠି ଆଧିପତ୍ୟ ଜମାଇ ଧନୀ ହେଉଛନ୍ତି। ତେଣୁ ଓଡ଼ିଶାର ଜନସାଧାରଣ ରାଜରାସ୍ତାରେ ଆନ୍ଦୋଳନ କରିବାର ସମୟ ଆସିଛି ବୋଲି ଶ୍ରୀ ଲଲୁ କହିଥିଲେ। ଅନୁରୂପ ଭାବେ ଉକ୍ତ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟବକ୍ତାଭାବେ ଯୋଗ ଦେଇ କହିଥିଲେ ଓଡ଼ିଶାରେ ସ୍ୱରାଜ ଅଭିଯାନ ପୁରସ୍କାର-୨୦୨୫ ଉତ୍ସବ ପାଳନ କରୁଥିବାବେଳେ ସ୍ୱୟଂ ମହାପ୍ରଭୁ ଜଗନ୍ନାଥଙ୍କ ସ୍ୱରାଜ ନାହିଁ । ସରକାର ଆଦାନୀଙ୍କ ପାଇଁ ମହାପ୍ରଭୁଙ୍କ ରଥଟଣା ବନ୍ଦ କରିବାକୁ ମଧ୍ୟ ପଛାଉ ନାହାନ୍ତି। ମହିଳାଙ୍କ ପାଇଁ ଏ ସରକାରସମ୍ବେଦନଶୀଳ ନୁହେଁ। ଆଦିବାସୀ ଏବଂ ପାରମ୍ପାରିକ ଅଧିବାସୀମାନେ ଜମି ଓ ଜଙ୍ଗଲର ମାଲିକ ହୋଇଥିବାବେଳେ ସେମାନଙ୍କୁ ତାଙ୍କ ହକ୍ ଏପର୍ଯ୍ୟନ୍ତ ମିଳିନି। ପ୍ରକୃତସ୍ୱରାଜ ପାଇଁ ଆଜିର ଦିନରେଓଡ଼ିଶାବା ସୀଲଢ଼ିବା ପାଇଁ ପ୍ରକୁଷ୍ଟସମୟ ଆସିଯାଇଛି ବୋଲିଶ୍ରୀଯୁକ୍ତ ଦାସକହିଥିଲେ। ସ୍ୱରାଜ ଆସିଲେ ଓଡ଼ିଶାବାସୀଙ୍କସମୃଦ୍ଧିହେବ ଓ ଗରୀବି ଦୂରହେବ। ଏହି ଅବସରରେ ଏକ ବିଭିନ୍ନକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବାଓଡ଼ିଶାର ୨୫ ଜଣ ସୁ-ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ଓଡ଼ିଶା ସ୍ୱରାଜ ଅଭିଯାନ ରାଜ୍ୟ ଆବାହକ ସୁଧାଂଶୁଶେଖର ଦେଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେଏବଂ ଯୁବନେତା ଇଂସିଦ୍ଧାର୍ଥ ସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୦ ଲକ୍ଷ କରିନାହାନ୍ତି ଇ-କେୱାଇସି

# ୩ ମାସ ଭିତରେ ନଜଣାଇଲେ କଟିବ କାର୍ଡ

ଭୁବନେଶ୍ୱର(ସବ୍ୟୁ): ଇ-କେଓ୍ୱାଇସି କରିନଥିଲେ ଚଳିତ ମାସରୁ ଚାଉଳ ବନ୍ଦ । ସସପେଣ୍ଡ ହେବ ରାସନ କାର୍ଡ । ୩ ମାସ ଭିତରେ ଜଣାଇଲେ ପୁଣି ଥରେ କାର୍ଡକୁ ସଚଳ କରାଯିବ । ନହେଲେ କାର୍ଡ ପୂରା କଟିଯିବ । ରାସନ କାର୍ଡରେ ଇ-କେଓ୍ୱାଇସର ସୋମବାର ଶେଷ ଦିନ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ପ୍ରାୟ ବର୍ଷେ ହେଲା ଇ-କେଓ୍ୱାଇସି ପ୍ରକ୍ରିୟା ଚାଲିଥିଲେ ବି ରାଜ୍ୟରେ ଆହୁରି ୨୦ ଲକ୍ଷ ୫୮ ହଜାର ହିତାଧିକାରୀ କରିନାହାନ୍ତି ଅପଡେଟ୍ ।

ନୂଆ ସରକାର ଆସିବା ପରେ ରାସନ ଚୋରିକୁ ଧରିବା ପାଇଁ ରାସନ କାର୍ଡର ଇ-କେଓ୍ୱାଇସି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ବହୁ ହିତାଧିକାରୀ ଇ-କେଓ୍ୱାଇସି କରିନାହାନ୍ତି । ବାଧ୍ୟ ହୋଇ ସରକାର ରାସନ କାର୍ଡ ସସପେଣ୍ଡ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

ଗରିବ ଲୋକମାନେ ରାସନ କାର୍ଡର ସୁବିଧା ନିଅନ୍ତୁ । କିନ୍ତୁ ଭୂତ ରାସନ କାର୍ଡ ଚିହ୍ନଟ କରାଯିବା ମଧ୍ୟ ଜରୁରୀ । ଇ-କେଓ୍ୱାଇସି କରିନଥିବା ହିତାଧିକାରୀମାନେ ତୁରନ୍ତ ଇ-କେଓ୍ୱାଇସି କରିନିଅନ୍ତୁ, ନଚେତ ୩ ମାସ ପରେ ରାସନ କାର୍ଡ ଆପେ ଆପେ କଟିଯିବ । ଏଭଳି ଡେଡଲାଇନ ପରେ ବିଭିନ୍ନ ସମସ୍ୟା ପାଇଁ ଇ-କେଓ୍ୱାଇସି କରିନଥିବା ହିତାଧିକାରୀ ଚିନ୍ତାରେ ପଡିଲେଣି । ନେଟଓ୍ୱାର୍କ ସମସ୍ୟା ପାଇଁ ମାଲକାନଗିରି ଚିତ୍ରକୋଣ୍ଡାର ଅନେକ ହିତାଧିକାରୀ ଇ-କେଓ୍ୱାଇସି କରି ପାରିନାହାଁନ୍ତି । ନୂଆ ରାସନ୍ କାର୍ଡ ଆବେଦେନ୍ ପାଇଁ ଓ୍ୱେବ୍‌ସାଇଟ୍ ବି ଖୋଲୁନାହିଁ ଲୋଲି ମଧ୍ୟ ଅଭିଯୋଗ ହୋଇଛି । ତେଣୁ ସରକାର ଆଉ ଥରେ ଚିନ୍ତା କରିବାକୁ ଅନୁରୋଧ କରିଛନ୍ତି ଉପାନ୍ତ ଅଞ୍ଚଳର ଅନେକ ହିତାଧିକାରୀ ।

ଏବେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୩ କୋଟି ୩୬ ଲକ୍ଷ ୩୫ ହଜାର ହିତାଧିକାରୀ ରହିଛନ୍ତି । ନୂଆ ସରକାର ଆସିବା ପରେ ପୁଣି ୬ ଲକ୍ଷ ନୂଆ କାର୍ଡ ଦିଆଯାଉଛି । ଇ-କେଓ୍ୱାଇସି ପ୍ରକ୍ରିୟାରୁ ୫ ଲକ୍ଷ ୨୩ ହଜାର ଅଯୋଗ୍ୟ ଏବଂ ମୃତ ହିତାଧିକାରୀଙ୍କୁ ବାହାର କରାଯାଇ କାର୍ଡରୁ କାଟି ଦିଆଯାଇଛି । ଏବେ ବି କିଛି ହିତାଧିକାରୀ ନକଲି ବୋଲି ଚର୍ଚ୍ଚା ହେଉଛି ।

### ରେଲୱେ କ୍ୱାର୍ଟରରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି ଘଟଣା

# ୩ ଜଣଙ୍କୁ ଗିରଫ କଲା ପୋଲିସ

ଜଟଣୀ, ୩୦।୬ (ସବ୍ୟୁ): ଅଭିଯୋଗକାରିଣୀ ନୋଭଲିନା ପାଢ଼ୀ ରିପୋର୍ଟ ଆଧାରରେ ସ୍ଥାନୀୟ ବାଛରା ପାଟଣା ଅଂଚଳର ଜଗନ୍ନାଥ ବାରିକ ଓରଫ ରାଜା, ବିଭୁତି ଦାସ ଓରଫ ଅନନ୍ତ, ଖୁଦୁପୁର ଗ୍ରାମର ସୋମନାଥ ପ୍ରଧାନ ଓରଫ ମୁନାକୁ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୋଗକାରିଣୀ ଗତ ୧୬ ତାରିଖ ସନ୍ଧ୍ୟା ପ୍ରାୟ ୮ ଟାରେ ଘରେ ତାଲା ପକାଇ ଟ୍ୟୁସନ୍ ଯାଇଥିବା ଝିଅକୁ ଆଣିବାକୁ ଯାଇଥିଲେ। ଘରେ କେହି ନଥିବା ସୁଯୋଗରେ ଗିରଫ ଅଭିଯୁକ୍ତମାନେ ତାଲା ତାଡ଼ି କ୍ୱାର୍ଟର କୋଠରୀ ମଧ୍ୟରେ ପଶି ଆଲମିରା ଭାଙ୍ଗି ୧୫ ହଜାର ଟଙ୍କା, ସୁନାଅଳଙ୍କାର, ମୋବାଇଲ ଆଦି ଚୋରି କରିନେଇଥିଲେ। ଟ୍ୟୁସନରୁ ଝିଅକୁ ଧରି ଫେରିବା ପରେ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଅଭିଯୋଗକାରିଣୀ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତନାଘନା ଆରମ୍ଭ କରି ବିଶେଷ ସୂତ୍ରରୁ ଖବର ପାଇ ସ୍ଥାନୀୟ ରେତଙ୍ଗ କଲୋନୀ ସ୍ଥିତ ଏକ ପଡ଼ିଆରେ ଚୋରି କରିଥିବା ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଭାଗ ବାଣ୍ଟୁଥିବା ସମୟରେ ଚଢ଼ଉ



କରି ୩ ଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ୯ ହଜାର ଟଙ୍କା ଗୋଟିଏ ସୁନାଚେନ୍, ସୁନାମୁଦି, ହଳେ କାନଫୁଲ ପୁଲିସ ଜବତ କରିଥିଲା। ୬ ହଜାର ଟଙ୍କା ଅଭିଯୁକ୍ତମାନେ ଖର୍ଚ୍ଚ କରିଦେବା ସହ ଭୟରେ ମୋବାଇଲ ଫୋନ୍ ଭାଙ୍ଗି ଅନ୍ୟାନ୍ୟ ବ୍ୟାଙ୍କ କାର୍ଡ ଆଦି ଅନ୍ୟ ଆଡ଼େ ଫୋପାଡ଼ି ଦେଇଥିବା ପଚରାଉଚୁରା ସମୟରେ କହିଥିବା ପୁଲିସ ସୂଚନା ଦେଇଛି। ୩ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ। ଗିରଫ ରାଜା ନାଁରେ ପୂର୍ବରୁ ଜଟଣୀ ଓ ଭରତପୁର ଥାନାରେ ୫, ଅନନ୍ତ ନାଁରେ ଜଟଣୀ ଓ ଖଣ୍ଡଗିରି ଥାନାରେ ୮, ମୁନା ନାଁରେ ଜଟଣୀ ଓ ଇନ୍‌ଫୋଭ୍ୟାଲି ଥାନାରେ ୮ଟି ଅପରାଧିକ ମାମଲା ଥିବା ପୁଲିସ କହିଛି।

# ବିଜେପି କାର୍ଯ୍ୟାଳୟରେ ମନକି ବାତ

ଦଶପଲ୍ଲା,(ସବ୍ୟୁ) :ଦଶପଲ୍ଲା ବିଜେପି କାର୍ଯ୍ୟାଳୟ ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ମନ କି ବାତ ରେ ପ୍ରଧାନ ମନ୍ତ୍ରୀ ଦେଶ ର ବିକାଶ ତଥା ବିଭିନ୍ନ ରାଜ୍ୟ ର ବିକାଶ ପାଇଁ ପ୍ରସ୍ତୁତ ହୋଇଥିବା ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଶେଷ ଭାବେ ବିଜେପି ଶାସନ ସମୟ ରେ ଆମ ଦେଶ ଓ ଆମରାଜ୍ୟ ରେ ହେଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କ ରେ ଜାଣିବା ପାଇଁ ବିଭିନ୍ନ ସ୍ତରର ଲୋକ ମାନଙ୍କୁ ଏହି ମନ କି ବାତ କାର୍ଯ୍ୟକ୍ରମ ରେ ସାମିଲ କରାଯାଉଛି । ଏହି କାର୍ଯ୍ୟକ୍ରମ ରେ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ,ନଗର ସଭାପତି ମନୋଜ ସାହୁ ଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

AHANA GYNAECARE & IVF
Wishes You A
Happy Doctors' Day 2025
PESHCO-2023-7863 May 16, 2023 - May 15, 2025
NABH-Accredited Small Healthcare Organisation
1st and only exclusive gynaecology and maternity hospital in Bhubaneswar to get the honour.
Headed by **Dr. Sujit Kumar Behera**, Chief Gynaecologist & Advanced Laparoscopic Surgeon
**State-of-the-art IVF & Infertility** unit, headed by **Dr. Sanjeev Behera**
1st Hospital in Bhubaneswar with Permission from Govt. Authority towards undertaking Pre-implantation Genetic Testing (PGT), Screening (PGS), & Diagnosis (PGD)
Fully-equipped **Fetal Medicine Dept.**, headed by **Dr. Shweta Pani**
All Pregnancy Ultrasonography Scans like Fetal Echo, Genetic Counselling, Fetal Therapy and Invasive Procedures like Amniocentesis, CVS & Fetal Reduction
Services offered:
- Advanced Gynaecology Laparoscopic Procedures
- IVF-ET, ICSI, IUI & other Fertility services
- Fetal Medicine Unit with Invasive Procedures
- High-Risk Pregnancy handling
- OPD services for Cardiology, Endocrinology & Ultrasound
- Neonatal Unit with Level - 3 NICU
Plot No. 119, District Center, C.S. Pur, Bhubaneswar-751016
0674 68 11 111 & 0674 23 00 888 | 91243 64151
ahanagynaecare@gmail.com | www.ahanagynaecare.com
Facebook Page | Google Map

# ରଥଯାତ୍ରାର ସମୀକ୍ଷା କଲେ ଉଚ୍ଚ ଶିକ୍ଷା କମିଶନର ଓ ଜିଲ୍ଲାପାଳ



ପୁରୀ (ସବ୍ୟୁ): ରଥଯାତ୍ରା ଆରମ୍ଭ ହେବା ସହ ଶ୍ରୀଜୀଉ ମାନେ ଆଡପ ମଣ୍ଡପ କୁ ବିଜେ କରି ସାରିଛନ୍ତି।ବର୍ତ୍ତମାନ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ବ୍ୟବସ୍ଥା କୁ ଶୃଙ୍ଖଳିତ ଭାବେ ପରିଚାଳନା ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଦେଇଛନ୍ତି ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସଚିବ ଏବଂ ରଥଯାତ୍ରା,ଆଡପ ମଣ୍ଡପ ଦର୍ଶନ ଓ ବାହୁଡା ଯାତ୍ରା ସମୀକ୍ଷା ର ସ୍ୱତନ୍ତ୍ର ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଓ ଜିଲ୍ଲାପାଳ ଚଞ୍ଚଳ ରାଣା।ଆଜି ସର୍କିଟ ହାଉସ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଚଞ୍ଚଳ ରାଣା ରଥଯାତ୍ରା ର ସମସ୍ତ କାର୍ଯ୍ୟ କୁ ତ୍ୱରାନ୍ୱିତ ପାଇଁ ସମସ୍ତ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ। କମିଶନର ଶ୍ରୀ ଅଗ୍ରୱାଲ ରଥଯାତ୍ରା ଏକ ସାମୁହିକ ଓ ସମ୍ମିଳିତ ଉଦ୍ୟମ ର କାର୍ଯ୍ୟକ୍ରମ।ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସୁଛନ୍ତି।ସେମାନେ ଯେମିତି ସୁନ୍ଦର ଦର୍ଶନ ସହ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।ବର୍ତ୍ତମାନ ଆଡପ ମଣ୍ଡପ ଦର୍ଶନ ଚାଲୁଥିବାରୁ ପାନୀୟ ଜଳ ଯୋଗାଣ କୁ ଅଧିକ କ୍ରିୟାଶୀଳ ପାଇଁ ଉଭୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ।ବିଶେଷ କରି ବ୍ୟାରିକେଡରେ ଦର୍ଶନ ପାଇଁ ଅପେକ୍ଷା ରେ ରହୁଥିବା ଶ୍ରଦ୍ଧାଳୁ ମାନଙ୍କୁ ପାନୀୟ ଜଳ, ଓଆରଏସ ଇତ୍ୟାଦି ବଣ୍ଟନ ସହ ସେମାନଙ୍କ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ପରିମଳ ଓ ସ୍ୱଚ୍ଛତା ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳର ଉନ୍ନତି କରଣ ବ୍ୟବସ୍ଥା,ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ ରଖି ଶ୍ରଦ୍ଧାଳୁ ମାନଙ୍କୁ ବିଭିନ୍ନ ନିତୀ କାନ୍ତିର ସୂଚନା ପ୍ରଦାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଆବଶ୍ୟକତା ଅନୁସାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟ ସୂଚୀ ଅନୁସାରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା,ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ରଥଯାତ୍ରା ଅବସରରେ ସେମାନଙ୍କ ବିଭାଗର କାର୍ଯ୍ୟାବଳୀ, ଆବଶ୍ୟକତା ଓ ଆଗାମୀ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

## ରବି ଧାନ ସଂଗ୍ରହକୁ ନେଇ ବିଜେଡିର ଉଦ୍‌ବେଗ

# ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ତିନି ସୂତ୍ର ଦାବି ରଖିଲା

ଭୁବନେଶ୍ୱର, (ସବ୍ୟୁ): ରବି ଧାନ ସଂଗ୍ରହକୁ ନେଇ ରାଜ୍ୟର ଚାଷୀ ଭାଇମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଚାଷୀ ମାନଙ୍କୁ ପ୍ରଦାନ କରାଯାଇଥିବା ଟୋକନର ଅବଧି ଆଜି ଅର୍ଥାତ ୩୦ ଜୁନ୍‌ରେ ଶେଷ ହେଉଥିବାରୁ ଏବଂ ଧାନ କିଣା କାର୍ଯ୍ୟ ଶେଷ ହୋଇନଥିବାରୁ, ଟୋକନ ଅବଧିକୁ ଏକ ମାସ ବୃଦ୍ଧି କରାଯାଉ ଓ ଚାଷୀଙ୍କ ପାଖରେ ଥିବା ବଳକା ରବି ଧାନକୁ ସରକାର କିଣନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି ।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ରବି ଧାନ କିଣା ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଅବଧି ଆଜି ଶେଷ ହେଉଥିବା ବେଳେ ପ୍ରାୟ ୧,୫୬,୦୨୯ ମେଟ୍ରିକ ଟନ ଧାନ ରାଜ୍ୟର ବିଭିନ୍ନ ମଣ୍ଡିରେ ପଡ଼ି ରହିଛି । ଏହି ଧାନ ଉଠିବ କି ନାହିଁ, ସେ ନେଇ ସ୍ୱଚ୍ଛତା ନଥିବା କାରଣରୁ ଚାଷୀ ଭାଇମାନେ ଚିନ୍ତାରେ ଅଛନ୍ତି । ଶ୍ରୀ ଦାସବର୍ମା କହିଥିଲେ, ଟୋକନ ମାଧ୍ୟମରେ କିଣାଯାଉଥିବା ଧାନ ଛଡା ଚାଷୀ ଭାଇ ମାନଙ୍କ ପାଖରେ ବଳକା ଧାନ ରହିଛି, ଏହି ବଳକା ଧାନକୁ କିଣିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ, ଟୋକନ ଧାନ ଉଠିପାରି ନଥିବା ବେଳେ ବଳକା ଧାନର ସ୍ଥିତି କଣ ରହିବ, ସେ ନେଇ ମଧ୍ୟ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶ ଜାରି କରାଯାଇନାହିଁ ।

ଶ୍ରୀ ଦାସବର୍ମା କହିଥିଲେ, ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ପ୍ରେସ ବିବୃତିରେ କହିଛନ୍ତି, ଅବଧି ଶେଷ ହେବା ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଆଖି ସ୍କାନ କାମ ଶେଷ ହୋଇଗଲେ, ଧାନ ପରେ ଉଠାଯିବ । ମନ୍ତ୍ରୀଙ୍କ ଏହି ବିବୃତ୍ତି ରାଜ୍ୟର ଚାଷୀ ଭାଇ ମାନଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣିଛି । ସେଥିପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଆମେ ସାଧୁବାଦ ଜଣାଉଛୁ । କିନ୍ତୁ, ମନ୍ତ୍ରୀଙ୍କ ବିବୃତ୍ତି କେତେଦୂର କାର୍ଯ୍ୟକାରୀ ହେବ ସେନେଇ ଆମର ସନ୍ଦେହ ରହିଛି । କାରଣ, ମନ୍ତ୍ରୀଙ୍କ ବିବୃତ୍ତି ଅନୁଯାୟୀ, କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ତେଣୁ, ରାଜ୍ୟର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆମେ ୩ଟି ଦାବି ରଖୁଛୁ । ଚାଷୀଙ୍କ ପାଖରେ ଥିବା ସମସ୍ତ ବଳକା ଧାନକୁ ସରକାର କିଣନ୍ତୁ । ଟୋକନ ଅବଧିକୁ ଏକ ମାସ ବୃଦ୍ଧି କରାଯାଉ । ସରକାର ଏଥିନେଇ ବିଧିବଦ୍ଧ ଭାବେ ଏକ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ସେ କହିଥିଲେ ।

# ରଥଯାତ୍ରାରେ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀ ଷ୍ଟେସନରେ ବିସ୍ତୃତ ବ୍ୟବସ୍ଥା

ଜଟଣୀ,(ସବ୍ୟୁ):ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଖୋର୍ଦ୍ଧାରୋଡ଼ ରେଳଡିଭିଜନ ପକ୍ଷରୁ ପୁରୀ ରେଲୱେ ଷ୍ଟେସନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରେଳପଥରେ ପୁରୀ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷିତ, ସୁଗମ ଓ ଆରାମଦାୟକ ଅନୁଭୂତି ପ୍ରଦାନ ପାଇଁ ସମସ୍ତ ପ୍ରୟାସ କରାଯାଇଥିବା ଖୋର୍ଦ୍ଧାରୋଡ଼ ରେଳଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ପୁରୀ ଷ୍ଟେସନ ନିକଟରେ ଭକ୍ତଙ୍କୁ ମାଗଣାରେ ଖାଦ୍ୟ ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ୨୫ହଜାର ତୀର୍ଥଯାତ୍ରୀ ରହିବା ଭଳି ପ୍ରତୀକ୍ଷାଳୟ ଓ ମେଳାସେଡ୍ ବ୍ୟବସ୍ଥା ହୋଇଛି। ଏହା ଭିତରେ ଆଲୋକ, ଫ୍ୟାନ୍, କୁଲର, ମୋବାଇଲ ଚାର୍ଜିଂ ପଏଣ୍ଟ, ଥଣ୍ଡା ପାନୀୟଜଳ କିଓସ୍କୋ, ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ଶୌଚାଳୟ, ସ୍ନାନାଗାର, ପୈଠ ଶୀତତାପ ଲାଉଞ୍ଜ, ପ୍ରଦର୍ଶନୀ କ୍ଷେତ୍ର, କ୍ୟାଟରିଂ ଷ୍ଟଲ, ହସଶିଳ୍ପ ଓ ହସ୍ତତନ୍ତ ଷ୍ଟଲ ଆଦି ସୁବିଧା ଉପଲବ୍ଧ ରହିଛି। ସେଡ୍ ନିକଟରେ ଦୁଇଟି ମୋବାଇଲ ଏଟିଏମ୍ ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ଜରୁରୀକାଳୀନ ଚିକିତ୍ସା ପାଇଁ ୨୪ ଘଂଟିଆ ଫାଷ୍ଟଏଡ୍ ଓ ଆମ୍ବୁଲାନ୍ସ ସେବା କାର୍ଯ୍ୟ କରୁଛି। ରୋଗୀ ଓ ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରୀ ଯାନ, ହୁଇଲ୍‌ଚେୟାର ବ୍ୟବସ୍ଥା ରହିଛି। ଭିଡ଼ ହେଉଥିବାରୁ ଅତିରିକ୍ତ ଟିକେଟ ବୁକିଂ କାଉଣ୍ଟର, କ୍ୟୁଆର୍ କୋଡ ସ୍କାନର, ସ୍ୱୟଂ ଚାଳିତ ଟିକେଟ ଭେଣ୍ଡିଂ ମେସିନ୍, ମୋବାଇଲ ଟିକେଟ ସିଷ୍ଟମ ଆଦି ଅନେକ ବ୍ୟବସ୍ଥା କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ପୁରୀ ଓ ନିକଟବର୍ତ୍ତୀ ଷ୍ଟେସନରେ ସିସିଟିଭି କ୍ୟାମେରା, ଡ୍ରୋନ୍, ସ୍ନିପର ଡଗ୍ ଦ୍ୱାରା ଯାଂଚ ଚାଲିଛି। ଖୋର୍ଦ୍ଧାରୋଡ଼ ଡିଭିଜନ ପ୍ରବନ୍ଧକ ଏଚ୍ଏସ୍ ବାଜୱାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ନିରୀକ୍ଷଣ କରାଯାଉଛି।

# ମୋକିମ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



କଟକ, (ସବ୍ୟୁ): ମୋକିମ ଫାଉଣ୍ଡେସନ, କଟକ ପକ୍ଷରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ଟାଉନ ହଲ ଠାରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମଦ ମୋକିମଙ୍କ ଦ୍ୱାରା ଉଦଘାଟନରେ ଅନୁଷ୍ଠିତ ହୋଇଯାଇଥିଲା । ଏହି ଅବସରରେ ଏକ ଚକ୍ଷୁ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନା ଚକ୍ରରେ ବାରବାଟୀ କଟକର ବିଧାୟିକା ସୋଫିଆ ଫିଦୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଖିର ବିକଳ୍ପ ନାହିଁ ତେଣୁ ଆଖିର ନିୟମିତ ପରୀକ୍ଷା କରିବା ଉଚିତ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡାକ୍ତର ନାୟୀମା ତାଜ୍‌ମି, ସରୱାର ହସିବ, ଗିରିବାଳା ବେହେରା ଓ ଡାକ୍ତର ରାଜା ଅଗ୍ରୱାଲ ଯୋଗଦେଇ ଆଖିର ରୋଗର କୁପ୍ରଭାବ ଓ ଚକ୍ଷୁ ସଚେତନତା ଉପରେ ଆଲୋଚନା କରିଥିଲେ । ପ୍ରିୟଙ୍କା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ ବେଳେ ସକିଲ ଖାନ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଉକ୍ତ ଶିବିରରେ ବହୁ ବୟସ୍କ ଚକ୍ଷୁ ରୋଗୀ ଯୋଗଦେଇଥିବା ବେଳେ ରୋପ୍ୟ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଉକ୍ତ ଶିବିରକୁ ଏ.ଏସ.ଜି. ଆୟ ହସ୍ପିଟାଲର ଡାକ୍ତର ଓ କର୍ମଚାରୀ ମାନେ ଉପସ୍ଥିତରହି ରୋଗୀ ମାନଙ୍କର ଚିକିତ୍ସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସନ୍ତୋଷ ଭୋଳ, କେ କାମେଶ ରାଓ, ଶୁବାଶିଷ ପଟ୍ଟନାୟକ, ଶରତ ଚନ୍ଦ୍ର ସେଠୀ, ସନ୍ତୋଷ ପାତ୍ର, ଅନିଲ ନାୟକ, ମୀର ମୁଜାଫର ଅଲ୍ଲୀ, ସୁରଜିତ ସାହୁ, ଅବଦୁଲ ମୋକିଦ, ସେକ ଗୁଲାମମୋଇଉଦ୍ଦୀନ, ସାହିଲ ପରଭେଜ ପ୍ରମୁଖ ସହଯୋଗ କରିଥିଲେ ।

## ଜଳିଗଲା ଗୁହାଳ ଗାଈ ଜୀବନ୍ତ ଦଗ୍ଧ

ଅସ୍ତରଙ୍ଗ ,(ସବ୍ୟୁ) :ଶନିବାର ବିଳମ୍ବିତ ରାତିରେ ମଶା ଧୂଆଁରୁ ନିଆଁ ଲାଗି ଅସ୍ତରଙ୍ଗ ଥାନା ମାଳଦା ଗ୍ରାମର ମହେଶ୍ୱର ବିଶାଳଙ୍କ ଗୁହାଳ ସମ୍ପୂର୍ଣ୍ଣ ଜଳି ଯାଇଛି । ଏହି ଅଗ୍ନିକାଣ୍ଡରେ ଗୁହାଳରେ ବନ୍ଧା ହୋଇଥିବ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି । ଏ ନେଇ ଶ୍ରୀ ବିଶ୍ୱାଳ ଅସ୍ତରଙ୍ଗ ତହସିଲଦାର ଓ ପ୍ରାଣୀଧନ ମୁଖ୍ୟ ଚିକିତ୍ସକଙ୍କୁ ଲିଖିତ ଭାବେ ଅବଗତ କରାଇ ସହାୟତା ପାଇଁ ନିବେଦନ କରିଛନ୍ତି । ବିଳମ୍ବିତ ରାତି ୨ଟା ରେ ଗୁହାଳ ଜଳି ଯାଉଥିବା ଦେଖି ପରିବାର ଲୋକ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗୁହାଳ ସମେତ ଗାଈଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା ।

## ରଥ ଦଳା ଚକଟା ଓ ମୃତ୍ୟୁ ଘଟଣା

# ପୁରୀ ଜିଲ୍ଲାପାଳ, ଏସ୍‌ପିଙ୍କୁ ନୋଟିସ୍

କଟକ(ସବ୍ୟୁ): ଚଳିତ ରଥଯାତ୍ରାରେ ଦଳାଚକଟାରେ ବିଶୃଙ୍ଖଳା କାରଣରୁ ତିନି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଏବଂ ୫୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ଆହତ ଘଟଣାରେ ରାଜ୍ୟ ମାନବାଧିକାର କମିସନ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଘଟଣାରେ ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ କରିଥିଲାବେଳେ ରଥଯାତ୍ରାର ପରବର୍ତ୍ତୀ ସମସ୍ତ ନୀତିକାନ୍ତରେ ଯେପରି ଏହି ଘଟଣାର ପୁନରାବୃତ୍ତି ନହୁଏ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ସଜାଗ ତଥା ପ୍ରସ୍ତୁତ ରହିବାକୁ କମିସନ ଅନ୍ତରୀଣ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆଇନଜୀବୀ ତଥା ମାନବାଧିକାର କର୍ମୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ରାଜ୍ୟ ମାନବାଧିକାର କମିସନର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୁଜାହାରୀ ଏବଂ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଶ୍ରୀ ମିଶ୍ର ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଗତ ରବିବାର ଭୋର୍ ୪ଟା ବେଳେ ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ହୋଇଥିଲା । ଦୁଇଟି ଟ୍ରକ୍ ହଠାତ୍ ଗୁଣ୍ଡିଚା ମନ୍ଦିର ପରିସରକୁ ପଶି ଆସିବାରୁ ସେଠାରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ଧାଁ ଦଉଡ଼ କରିଥିଲେ। ଏଥିରେ ତିନିଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିଲାବେଳେ ୫୦ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି।

## କଟକ ରେଳ ଷ୍ଟେସନ୍‌ରେ ଦୁର୍ଘଟଣା

# ମାଲବାହୀ ଟ୍ରେନର ୩ଟି ବଗି ଲାଇନ୍‌ଚ୍ୟୁତ

କଟକ,(ସବ୍ୟୁ): କଟକ ରେଳ ଷ୍ଟେସନ୍ ୟାର୍ଡ ନିକଟରେ ଏକ ମାଲବାହୀ ଟ୍ରେନ ଆଜି ସକାଳୁ ଲାଇନ୍‌ଚ୍ୟୁତ ହୋଇଛି । ପାରାଦୀପ ଅଭିମୁଖେ ଯାଉଥିବା ଟ୍ରେନର ୩ଟି ବଗି ଧାରଣାରେ ଓଲଟିପଡିଥିଲା । ଏଥିରେ ସେଭଳି କୌଣସି କ୍ଷୟକ୍ଷତି ଘଟିନାହିଁ । ରେଳ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ସୋମମବାର ସକାଳ ପ୍ରାୟ ୮ଟା ୪୦ରେ ଏକ ମାଲବାହୀ ଟ୍ରେନ ପାରାଦୀପ ଅଭିମୁଖେ ଯାଉଥିଲା । ଟ୍ରେନଟି କଟକ ୟାର୍ଡ ନିକଟ ୮ ନଂ ରୁଟ(ଲୁପ୍ ଲାଇନ) ଚଢ଼ି ମୁଖ୍ୟ ରେଳ ଧାରଣାରେ ଯାଉଥିଲା । ତେବେ ମାଲଗୋଦାମ ରେଳ ଓଭରବ୍ରିଜ ଅତିକ୍ରମ କରିବାର କିଛି ମିଟର ପରେ ହଠାତ ଟ୍ରାକରୁ ୩ଟି ଖାଲି ଡବା(୩୮, ୩୯ ଓ ୪୦ ନମ୍ବର ୱାଗନ) ଓଲଟି ପଡିଥିଲା । ଟ୍ରେନର ବେଗ ଅଧିକ ନଥିବାରୁ ଡ୍ରାଇଭର ତୁରନ୍ତ ଟ୍ରେନକୁ ଅଟକାଇଦେବାରୁ ଅନ୍ୟ ୱାଗନ ଗୁଡିକ ଓଲଟିବାରୁ ବର୍ତ୍ତିଗଲା । ଦୁର୍ଘଟଣାର ଶବ୍ଦ ଶୁଣି ଆରପିଏଫ୍ ଓ ଜିଆରପି ଟିମ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପ୍ରାଥମିକ ଯାଞ୍ଚ ପରେ କେହି ମୃତାହତ ହୋଇନଥିବା ଜଣାପଡିଥିଲା । ଏନେଇ ଖୋର୍ଦ୍ଧା ରୋଡ ଡିଭିଜନର ବିଭାଗୀୟ ଅଧିକାରୀଙ୍କୁ ସୂଚୀତ କରାଯିବାରୁ ଅଳ୍ପ ସମୟ ଭିତରେ ବୈଷୟିକ ଟିମ ଆସି କଟକରେ ପହଞ୍ଚି ଥିଲା। ଏହାପରେ ରେଳବାଇ ପକ୍ଷରୁ ରିଲିଫ ଟ୍ରେନ ପହଞ୍ଚି ମେସିନ ସାହାଯ୍ୟରେ ବଗି ଗୁଡିକୁ ରେଳ ଧାରଣା ପାଶ୍ୱର୍ରୁ ହଟାଇଥିଲା ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ)

# ଅତିରିକ୍ତ ନିର୍ଦ୍ଦେଶକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ବିଭାଗ ହେଉଛି ସରକାରଙ୍କ ଆଖି, କାନ ଓ ନାକ ସଦୃଶ୍ୟ ଓ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବା ଏବଂ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଂଚାଇବାରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଆଜିର ସମୟରେ ଲୋକସମ୍ପର୍କ ଅଧିକାରୀଙ୍କ ଦାୟିତ୍ୱ ଖୁବ ବୃଦ୍ଧିପାଇଛି ଓ ଏହି ପରିସ୍ଥିତିରେ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିବାକୁ ପଡିବ ବୋଲି ଅବସର ନେଉଥିବା ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ନୂଆ ପିଢ଼ିର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ କଲ୍ୟାଣ କମିଟି ଓ ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ଓ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଦୁଇ ବରିଷ୍ଠ ଅଧିକାରୀଙ୍କ ଧୈର୍ଯ୍ୟ, କାର୍ଯ୍ୟଦକ୍ଷତା, ଅମାୟିକ ବ୍ୟବହାର, କର୍ତ୍ତବ୍ୟ ନିଷ୍ଠା, ସରକାରୀ କାର୍ଯ୍ୟକୁ ଆଗେଇ ନେବାରେ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ଉପଶାସନ ସଚିବ ପ୍ରଣବ ପ୍ରକାଶ ଦାସ, ସହକାରୀ ନିର୍ଦ୍ଦେଶକ( କ୍ଷେତ୍ର) ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ବିକ୍ରମ ମହାରଣା, ବିନାୟକ ମିଶ୍ର , ଅବିନାଶ ପାଣିଙ୍କ ସମେତ ମନୋଜ ରଥ, ଜନ ଜାଭେଦ ସିଂ, ଗୋପାଳ ପାଣିଗ୍ରହୀ ପ୍ରମୁଖ ଅବସର ନେଉଥିବା ଅଧିକାରୀଙ୍କ କାର୍ଯ୍ୟକ୍ଷେତ୍ରର ସ୍ମୃତି ବଖାଣିବା ସହିତ ଗଣମାଧ୍ୟମ ସହିତ ସମନ୍ୱୟ ରକ୍ଷା କରି ଅତ୍ୟନ୍ତ ନିଖୁଣ ଭାବେ ସରକାରୀ କାର୍ଯ୍ୟକୁ ଆଗେଇ ନେଉଥିଲେ ବୋଲି ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ , ଉତ୍ତରୀୟ, ଫଳକ ଓ ଶ୍ରୀମଦ ଭଗବତ ଗୀତା ପ୍ରଦାନ କରାଯାଇଥିଲା । ଏହିବୈଠକରେ ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର, ସହକାରୀ ଅର୍ଥ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ପ୍ରମୋଦିନୀ ଟେଟେ, ଅମ୍ଳାନ ଦାସ, ତନୁଜା ମହାନ୍ତି, ଆଲୋକ ମହାନ୍ତି, ରୋଜାଲିନି ସାହୁ, ଐଶର୍ଯ୍ୟା ସାମନ୍ତ, ଶ୍ରବଣ କୁମାରଙ୍କ ସମେତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଟ୍ରିକ ଟପ୍ପରଙ୍କୁ ମିଳିଲା ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି-୨୦୨୫

# ମେଧାବୀଙ୍କୁ ଏକ ଲକ୍ଷ ଟଙ୍କା ପୋତ୍ସାହନ ରାଶି ପ୍ରଦାନ କଲେ ସତ୍ୟ ସୁତାର



ଭୁବନେଶ୍ୱର, (ସବ୍ୟୁ): ସମାଜର ପ୍ରଗତି ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଓ ମେଧାବୀ ଛାତ୍ରଛାତ୍ରୀମାନେ ଏହାର ନେତୃତ୍ୱ ନେଇଥାନ୍ତି। ଓଡ଼ିଶାର ସେହି ମେଧାବୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି-୨୦୨୫ । ଚଳିତ ବର୍ଷ ୫ମ ମେଧାବୃତ୍ତି ଅବସରରେ ଯୁଗ୍ମ ମାଟ୍ରିକ ଟପ୍ପରଙ୍କୁ ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି-୨୦୨୫ ପ୍ରଦାନ କରାଯାଇଛି।

ରବିବାର ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଚଳିତ ବର୍ଷର ମାଟ୍ରିକ ଟପ୍ପରଙ୍କୁ ମିଳିଛି ଏହି ମେଧାବୃତ୍ତି ପୁରସ୍କାର। କଟକ ଜିଲ୍ଲା ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚନ୍ଦନ ମହାନ୍ତ ଓ ବରଗଡ଼ ଜିଲ୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବବିତା ରଥ ଯୁଗ୍ମ ଭାବେ ମାଟ୍ରିକ ଟପ୍ପର ହୋଇଥିବାବେଳେ ଉଭୟଙ୍କୁ ଏହି ମେଧାବୃତ୍ତି ଦିଆଯାଇଛି। ପୁରସ୍କାର ରାଶି ସ୍ୱରୂପ ଚନ୍ଦନ ଓ ବବିତାଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ମିଳିଛି । ସିଙ୍ଗାପୁରରେ ରହୁଥିବା ଆନନ୍ଦପୁର ବ୍ଲକ ଫକୀରପୁର ନିବାସୀ ସତ୍ୟ ସୁତାର ଏହି ମେଧାବୃତ୍ତି ପ୍ରଦାନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଓ ଶିକ୍ଷାବିତ୍ ଦାସ ବେନହୁର ଯୋଗଦେଇ ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କୃତୀ ଛାତ୍ରଛାତ୍ରୀଙ୍କ ଏଭଳି ମେଧାବୃତ୍ତି ଦେଇ ଶିକ୍ଷାକୁ ଆଗେଇ ନେବାରେ ସତ୍ୟ ସୁତାରଙ୍କ ଏଭଳି ମହତ କାର୍ଯ୍ୟକୁ ସେ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ, ବିଶିଷ୍ଟ ସମାଜସେବୀ ନମ୍ରତା ଚଢା, ଶିକ୍ଷାବିତ୍ ନିରଞ୍ଜନ ପାଣି, ବରିଷ୍ଠ ସାମ୍ବାଦିକ ସଞ୍ଜିବ କୁମାର ମହାପାତ୍ର , ଆଇଏମବି ନିର୍ଦ୍ଦେଶକ ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ "ଶିକ୍ଷା ହିଁ ସମାଧାନ" ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଶେଷରେ ସତ୍ୟ ସୁତାରଙ୍କ ଏଭଳି ପଦକ୍ଷେପ ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଅନେକ ପ୍ରେରଣା ଦେବ ବୋଲି ଯୋଗଦେଇଥିବା ଅତିଥିମାନେ କହିଥିଲେ। କୃତୀ ଛାତ୍ରଛାତ୍ରୀମାନେ ସତ୍ୟ ସୁତାରଙ୍କ ଏଭଳି ମହତ ପ୍ରୟାସକୁ ପ୍ରଶଂସା କରିବା ସହ ଏହି ସମ୍ବର୍ଦ୍ଧନା ଆଗକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଡ.ତ୍ରିଲୋଚନ ନାୟକ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଫକୀରପୁର ନିବାସୀ ସତ୍ୟ ସୁତାର ସିଙ୍ଗାପୁର ସ୍ଥିତ ଫୁଡ ଏମ୍ପାୟାର ହୋଲଡିଂ ଏଲଟିଡିର ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାରେ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସେ ରାଜ୍ୟର ମାଟ୍ରିକ ଟପ୍ପରଙ୍କୁ ଗତ ୫ବର୍ଷ ଧରି ଏହି ମେଧାବୃତ୍ତି ପ୍ରଦାନ କରୁଛନ୍ତି ।

## ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଶାଖା ଉଦ୍‌ଘାଟିତ

ଫୁଲନଖରା, (ସବ୍ୟୁ): ଦୈତନଗରୀର ମଝି ସ୍ଥଳ ଫୁଲନଖରା ଛକରେ ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଶାଖା ଉଦଘାଟିତ ହୋଇଯାଇଛି । ବ୍ୟାଙ୍କ ଅଫ ଇଣ୍ଡିଆର ମହାପ୍ରବନ୍ଧକ ଶ୍ରୀ ବିକାଶ କୃଷ୍ଣ ଉଦଘାଟନ କରିଥିଲେ । ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଲ କୁମାର ଦାସ,ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ ପ୍ରମୁଖ ଉଦଘାଟନୀ ଉତ୍ସବରେ ଅଂଶଗ୍ରହଣ କରି ଉତ୍ସାହିତ କରିଥିଲେ ।ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବ୍ୟାଙ୍କିଙ୍ଗ ସୁବିଧା ସହଜରେ ଓ ସଠିକ ସମୟରେ ଯୋଗାଇବା ଆମର ଲକ୍ଷ୍ୟ ବୋଲି ଶାଖାପରିଚାଳକ ସମ୍ବିତ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ରଥଯାତ୍ରାରେ ଫ୍ରିଡମର ଆକର୍ଷଣୀୟ ଅଫର




ଭୁବନେଶ୍ୱର (ସବ୍ୟୁ): ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭାରତ ବର୍ଷର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମ ପକ୍ଷରୁ ଶରଧାବାଲି ସ୍ଥିତ ମାଉସୀ ମା' ମନ୍ଦିର ଠାରେ ଏହାର ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ଷ୍ଟଲ୍‌କୁ ଭୁବନେଶ୍ୱର ଡିଏସପି ବିଷ୍ଣୁ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଫ୍ରିଡମ ତେଲ ପକ୍ଷରୁ ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲିଥିବା ଏହି ଯାତ୍ରାରେ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିହାତି ମୂଲ୍ୟରେ ତେଲ ସହିତ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି । ଏଥିସହିତ କମ୍ବୋ ଅଫର ଭାବେ ପ୍ରତ୍ୟେକ ଦୁଇ ଲିଟର ସନ୍‌ଫ୍ଲାୱାର ସହ ଏକ ଲିଟର ସୋରିଷ ତେଲ ଉପରେ ଆକର୍ଷଣୀୟ ରିହାତି ମିଳୁଛି । ପାଞ୍ଚ ଲିଟର ବିଶିଷ୍ଟ ସୋରିଷ ତେଲ ସହ ପାଞ୍ଚ ଲିଟର ରିଫାଇନ ତେଲ କିଣିଲେ ଆକର୍ଷଣୀୟ ଦୁଇଟି ବାଲଟି ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ ତେଲର ଓଡ଼ିଶା ମୁଖ୍ୟ ଅମୀୟ କୁମାର ଧଳ ସୂଚନା ଦେବାସହ ଜଗତରନାଥ ଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ ଓ ନିରୋଗ ରଖନ୍ତୁ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିବନେଶ୍ୱର ବେହେରା, ସମୀର ମହାପାତ୍ର, ବିଭୂତି ଲେଙ୍କା, ସମୀର ପଟ୍ଟନାୟକ, ଜୟଦେବ ବେହେରା, ପ୍ରମୋଦ ଖିଲାର ଏବଂ ସୌମ୍ୟ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରିମ୍ସରେ ନିଶା ମୁକ୍ତ ଭାରତ ଅଭିଯାନ



କଟକ, (ସ୍ୱପ୍ର): ନିଶା ସେବନ କେବଳ ବ୍ୟକ୍ତି ନୁହେଁ ପରିବାର ଓ ସମାଜ ଉପରେ କୁପ୍ରଭାବ ପକାଇଥାଏ । ସୁତରାଂ କୌଣସି ପ୍ରକାର ନିଶା ସେବନ ଓ ନିଶା କାରବାର ଠାରୁ ଦୂରରେ ରହିବା ସହିତ ନିଶା ମୁକ୍ତ ସମାଜ ଗଠନ ଲାଗି ପାରସ୍ପରିକ ସହଯୋଗର ଆବଶ୍ୟକତା ରହିଛି ଏବଂ ଏଥି ପାଇଁ ଆମକୁ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟକ୍ରମ କରିବାକୁ ହେବବୋଲି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଛନ୍ତି । ଡ୍ରିମ୍ସ ପଲିଟେକ୍‌ନିକ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଧ୍ୟକ୍ଷ ଡ. ରଥ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଭାରତବର୍ଷରେ ନିଶା ସେବନର ସ୍ଥାନ ନାହିଁ ବୋଲି କହିବା ସହ ଏଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ନିର୍ଦ୍ଦେଶିକା ଚିନ୍ମୟୀ ରଥ ନିଶା ନିବାରଣ ସଂପର୍କରେ ଛାତ୍ରଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ପଲିଟେକ୍‌ନିକ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁଇ ଗୋଷ୍ଠୀ ଝଗଡା, ୫ ଆହତ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଦୁଇ ଗୋଷ୍ଠି ମଧ୍ୟରେ ଝଗଡା ହୋଇଛି। ଏଥିରେ ଉଭୟ ପକ୍ଷର ୫ ଜଣ ଆହତ ହୋଇଛନ୍ତି। ଆହତ ମାନେ ହେଲେ ଗୋଟିଏ ଗୋଷ୍ଠିର ପ୍ରତାପ ଦାସ(୪୦) ତା'ଭାଇ ପିଣ୍ଟୁ ଦାସ ଓ ସାଙ୍ଗ ପିଣ୍ଟୁ ଦାସ। ଅନ୍ୟ ଗୋଷ୍ଠିର ମୁନା ଦାସ ଓ ପ୍ରତାପଙ୍କ ସ୍ତ୍ରୀ ତଥା ମୁନାଙ୍କ ପ୍ରେମିକା ସୁକାନ୍ତି ଦାସ। ପୋଲିସ ଘଟଣାର ଏବେ ତଦନ୍ତ କରୁଛି। ପ୍ରତାପ ତାଙ୍କ ଭାଇ ଓ ସାଙ୍ଗ ଏମକେସିଜିରେ ଚିକିତ୍ସିତ ହୋଇଥିବା ବେଳେ ମୁନା ଓ ସୁକାନ୍ତି ସିଟି ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି ବୋଲି ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ପ୍ରତାପ ତାଙ୍କ ସ୍ତ୍ରୀ'ସୁକାନ୍ତି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବାରୁ ସେ ମୁନା ଦାସ ସହ ରୁହନ୍ତି। ଏହାକୁ ନେଇ ଉଭୟ ପ୍ରତାପ ଓ ମୁନା ମଧ୍ୟରେ କଳହ ଲାଗି ରହିଛି। ସୋମବାର ଗାଁ'ମୁଣ୍ଡରେ ମୁନା ଦାସ ଓ ତାଙ୍କ ପ୍ରେମିକା ସୁକାନ୍ତି ଯାଉଥିବା ବେଳେ ପ୍ରତାପ ଦାସ, ତାଙ୍କ ଭାଇ ଓ ସାଙ୍ଗ ସେଠାରେ ମୁନା ସହ ଝଗଡା କରିଥିଲେ। ଉଭୟ ଗୋଷ୍ଠି ପରସ୍ପରକୁ ମାରପିଟ କରିଥିଲେ। ଫଳରେ ସେମାନେ ଆହତ ହୋଇଥିଲେ। ପ୍ରତାପ, ମୁନା ଦାସ ନାଁ'ରେ ଅଭିଯୋଗ କରିଥିବା ବେଳେ ସୁକାନ୍ତି ଉକ୍ତ ପ୍ରତାପ, ପିଣ୍ଟି ଓ ଅଜିତ ନାଁ'ରେ ଅଭିଯୋଗ କରିଛି ।



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁଙ୍କ ମତ୍ସ୍ୟ, କୂର୍ମ ବେଶ

## ଯୁବତୀଙ୍କୁ ଭଲ ପାଇବାର ବାହାନା କରି ୭ ଲକ୍ଷ ନେଇଗଲେ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରର ଜଣେ ଯୁବକ କନ୍ଧମାଳ ଜିଲାର ଜଣେ ଯୁବତୀଙ୍କୁ ଭଲ ପାଇବାର ବାହାନା କରି ତାଙ୍କ ଠାରୁ ୭ ଲକ୍ଷ ୨୪ ହଜାର ଟଙ୍କା ନେଇ ଠକେଇ କରିଛନ୍ତି । ଯୁବତୀ ଜଣଙ୍କ ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ଶେଷରେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି । ଏ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି । ସୂଚନାପ୍ରକାରେ, କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଅଞ୍ଚଳର ଜଣେ ୨୭ ବର୍ଷୀୟ ଯୁବତୀଙ୍କ ସହ ବ୍ରହ୍ମପୁର ସହରର ଜଣେ ଯୁବଙ୍କ ସହ ଆଜକୁ ୪ ବର୍ଷ ତଳେ ପରିଚୟ ହୋଇଥିଲା। ଯୁବକ ଜଣଙ୍କ ସଂପୃକ୍ତ ଯୁବତୀଙ୍କ ସହ ସମ୍ପର୍କ ବଢାଇ ତାଙ୍କୁ ପ୍ରେମ କରୁଥିବା ଜଣାଇଥିଲେ। ଯୁବକଙ୍କ କଥାକୁ ବିଶ୍ୱାସ କରି ଯୁବକ ଜଣଙ୍କ ସମ୍ପର୍କ ଆଗକୁ ବଢାଇଥିଲେ । ଏହା ଭିତରେ ଯୁବକ ଜଣଙ୍କ ବିଭିନ୍ନ ବାହାନା କରି ଯୁବତୀଙ୍କ ଠାରୁ ପର୍ଯ୍ୟାୟକ୍ରମରେ ୭ ଲକ୍ଷ ୨୪ ହଜାର ଟଙ୍କା ନେଇଥିଲେ ହେଲେ ପ୍ରତିଶ୍ରୁତି ମୁତାବକ ସେ ଟଙ୍କା ଫେରସ୍ତ କରିନଥିଲେ । ଯୁବତୀ ଜଣଙ୍କ ବାରମ୍ବା ଟଙ୍କା ମାଗୁଥିବା ବେଳେ ସେ କେବଳ ପ୍ରତିଶ୍ରୁତି ହିଁ ଦେଉଥିଲେ । ଯୁବକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି ।

## ନକଲି ଦସ୍ତଖତରେ ସମ୍ପାଦିକାଙ୍କୁ ବହିଷ୍କୃତ ଅଭିଯୋଗ

ବ୍ରହ୍ମପୁର, (ସବ୍ୟୁ): ନକଲି ଦସ୍ତଖତ କରି ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକାଙ୍କୁ ବହିଷ୍କୃତ ନେଇ ଥାନାରେ ଅଭିଯୋଗ ହୋଇଛି । ଗୋଶାଣିନୁଆଗାଁ ପୋଲିସ ଏସଂକ୍ରାନ୍ତରେ ୨୧୭/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଆମ୍ବମାର୍କେଟ ନିକଟ ଅର୍ଣ୍ଣପୂର୍ଣ୍ଣା ନଗରରେ ରହୁଥିବା ପୂର୍ଣ୍ଣବାସୀ ପ୍ରଧାନ' ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଭାବେ କାର୍ଯ୍ୟ କରୁଥିଲେ । ୨୦୨୫ରେ ଏହି ଗୋଷ୍ଠୀର ସଦସ୍ୟମାନେ ଏକ ରିଜେଲ୍ୟୁସନ କରି ପୁର୍ଣ୍ଣବାସୀଙ୍କୁ ବାହାର କରି ଅନ୍ୟ ଜଣଙ୍କୁ ସମ୍ପାଦିକା ଭାବେ ଦାୟିତ୍ୱ ଦେଇଥିଲେ। ଏପରିକି ବାକି ଥିବ ଋଣ ଟଙ୍କା ମଧ ଦେଇନଥିଲେ। ଏନେଇ ମୁଁ ମାଗିବାରୁ ସେମାନେ ଧମକଚମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଏହାପୂର୍ବରୁ ସେ ବ୍ରହ୍ମପୁର ଏସପିଙ୍କ ନିକଟରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିବା ଜଣାଇଛନ୍ତି ।

## ନକଲି ସସ୍ କାରଖାନା ସିଲ୍

# ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଜବତ, ଜଣେ ଗିରଫ



ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ପୋଲିସର ଏକ ନକଲି ସସ କାରଖାନାରେ ଚଢଉ କରି ତାହାକୁ ସିଲ କରିଛି। ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସସ୍, କଞ୍ଚାମାଲ, ମେସିନ, କେମିକାଲ (ରାସାୟନିକ ପଦାର୍ଥ) ଇତ୍ୟାଦି ଜବତ ହୋଇଛି। ପୋଲିସ ଚଢଉର ଖବର ପାଇ ମାଲିକ ଫେରାର ହୋଇଯାଇଥିବା ବେଳେ ସେଠାରେ କାମ କରୁଥିବା ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇଛି। ସୋମବାର ମହାନଗର ନିଗମ ଖାଦ୍ୟ ନିରାପତ୍ତା ଅଧିକାରୀ ସେଠାରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ତାହା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ଜଣାପଡିଛି। ଉକ୍ତ ଥାନା ଅନ୍ତର୍ଗତ ପିଟିପିଟିଆ ନଗରରେ ନକଲି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ହେଉଥିବା ନେଇ ରବିବାର ପୋଲିସକୁ ଖବର ମିଳିଥିଲା। ଥାନାଧିକାରୀ ବାବା ଶଙ୍କର ସରାଫଙ୍କ ନେତୃତ୍ୱରେ ଏକ ଟିମ ଚଢଉ କରିଥିଲା। ଯାଞ୍ଚ ବେଳେ ବିଭିନ୍ନ ପ୍ରକାର ସସ ଓ ଭିନେଗାର ପ୍ରସ୍ତୁତ ହେଉଥିଲା। ଯାଞ୍ଚ ବେଳେ ନକଲି ସସ ପ୍ରସ୍ତୁତ କରାଯାଉଥିବା ଜଣାପଡିଥିଲା। ସେହିପରି ସୋମବାର ମଧ ସେଠାରେ ଚଢଉ କରାଯାଇ ଯାଞ୍ଚ ପରେ ତାହାକୁ ସିଲ କରାଯାଇଛି ।

## ଏକ ଲକ୍ଷ ୭୯ହଜାରରୁ ଉର୍ଦ୍ଧ୍ୱ ଚାରା ଯୋଗାଇବ ବୁଗୁଡ଼ା ବନ ବିଭାଗ



ବୁଗୁଡ଼ା, (ସବ୍ୟୁ): ଚଳିତ ବର୍ଷ ବୁଗୁଡ଼ା ବନ ବିଭାଗ ତରଫରୁ ୧ ଲକ୍ଷ ୭୯ ହଜାର ୭୯୦ ଚାରା ଯୋଗାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେଥି ମଧ୍ୟରୁ ମନରେଗା ଯୋଜନାରେ ୧ ଲକ୍ଷ ୪୦ ହଜାର ଚାରା, ଆଇଜିସି ଏବଂ ଜିଏମଏମ ଉଭୟ ଯୋଜନାରେ ୩୯ ହଜାର ୭୯୦ ଚାରା ଯୋଗାଣର ବ୍ୟବସ୍ଥା ରହିଛି। ଏଥି ନିମନ୍ତେ ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟ ସମେତ ଶୁଳିଆପଲ୍ଲୀ, ଠଣାପଲ୍ଲୀ, କଦମ୍ବମଠ, ବାଘୁଆ, କୁମୁଣ୍ଡା, କଣ୍ଟାବଣି, ମାଣିତରା ଆଦି ସ୍ଥାନରେ ନର୍ସରୀ କରାଯାଇଛି। ଉକ୍ତ ନର୍ସରୀ ଗୁଡିକରେ ଶାଗୁଆନ, କାଜୁ, ଅଁଳା, ଚନ୍ଦନ, ନିମ୍ବ, ଅମୃତ ଭଣ୍ଡା, ସଜନା, ରକ୍ତ ଚନ୍ଦନ, ପିଜୁଳି, ବାଉଁଶ ସମେତ ଅନ୍ୟ ପ୍ରକାରର ଚାରା ମଧ୍ୟ ଉପଲବ୍ଧ ରହିଛି। ଜୁଲାଇ ପହିଲାରୁ ଚାରା ଯୋଗାଣର ଶୁଭାରମ୍ଭ ହେବାକୁ ଥିବାବେଳେ ଯେକୌଣସି ଅନୁଷ୍ଠାନ ବ୍ୟତୀତ ଅନ୍ୟମାନଙ୍କୁ ପ୍ରତି ଚାରା ଏକ ଟଙ୍କା ଦରରେ ବିକ୍ରି କରାଯିବାର ବ୍ୟବସ୍ଥା ରହିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ୱାରେଣ୍ଟ ବଳରେ ଗଞ୍ଜାମ ଲ'କଲେଜ ଅଧ୍ୟକ୍ଷ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ପୋଲିସ ୱାରେଣ୍ଟ ବଳରେ ଗଞ୍ଜାମ ଲ'କଲେଜ ଅଧ୍ୟକ୍ଷଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ମନୋଜ କୁମାର ଜେନା ସାମନ୍ତ(୫୫)। ତାଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏସଡ଼ି ଜେଏମ କୋର୍ଟରେ ତାଙ୍କର ଜାମିନ ଆବେଦନ କରାଯାଇଥିଲା। ମାଜିଷ୍ଟ୍ରେଟ ଉକ୍ତ ଅଧ୍ୟକ୍ଷଙ୍କୁ ଜାମିନ ପ୍ରଦାନ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅଧ୍ୟକ୍ଷ ମନୋଜଙ୍କ ନାମରେ ୧୩୭/୨୪ ରେ ଏକ ୱାନସିସି ମାମଲା ହୋଇଥିଲା। ମାମଲାର ବିଚାରଣା ସମୟରେ ସେ କୋର୍ଟରେ ହାଜର ହୋଇନଥିଲେ। ଏଣୁ କୋର୍ଟ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରିଥିଲେ ।

## ୪ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବୁଗୁଡା, (ସବ୍ୟୁ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ୪ଟି ବିଦ୍ୟାଳୟର ୪ ଜଣ ଶିକ୍ଷୟିତ୍ରୀ ଜୁନ୍ ମାସର ଅନ୍ତିମ ଦିବସରେ ଅବସର ଗ୍ରହଣ କରିଥିବା ବେଳେ ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ବିଇଓ ଚିନ୍ମୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଅବସରପ୍ରାପ୍ତା ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଦଶିପୁର ପ୍ରାଥମିକ ବିଦ୍ୟାଳୟର ଧନ୍ୱନ୍ତରୀ ଦେବୀ ଓ ଘୋଡାପଡା ଅପଗ୍ରେଡ୍ ହାଇସ୍କୁଲର ମିନା କୁମାରୀ ରଥଙ୍କୁ ଫାଇନାଲ ପେନସନ୍ ଅର୍ଡର ଏବଂ ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ରିତା ବ୍ରହ୍ମା, ବାଲିପଦର ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରମିତା କୁମାରୀ ପଟ୍ଟନାୟକଙ୍କୁ ପ୍ରୋଭିଜନାଲ୍ ଅର୍ଡର ପ୍ରଦାନ କରାଯାଇଥିଲା। ବିଇଓ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏବିଇଓ ଅମିତା କୁମାରୀ ପାଢୀଙ୍କ ସମେତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ଏସ୍‌ଓ ପ୍ରିୟଦର୍ଶୀ ଦାଶ ଏବଂ ସିଆରସିସିମାନେ ଉପସ୍ଥିତ ରହିଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସର ବି.ଏନ୍. ଦାସ ସ୍ମାରକୀ ବକ୍ତୃତା ଓ ଛାତ୍ର ସମ୍ମିଳନୀ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ, ଓଡ଼ିଶା ଅର୍ଥନୀତି ସଂଘ ଏବଂ ଅର୍ଥନୀତି ପୂର୍ବତନ ଛାତ୍ର ସଂଘ ସହଯୋଗରେ ଆଜି ଭଞ୍ଜ ବିହାରର ନୂତନ ସମ୍ମିଳନୀ ହଲରେ 'ପ୍ରଥମ ପ୍ରଫେସର ବିବେକାନନ୍ଦ ଦାସ ସ୍ମାରକୀ ବକ୍ତୃତା ଏବଂ ପୂର୍ବତନ ଛାତ୍ର ସମ୍ମିଳନୀ ୨୦୨୫' ଆୟୋଜନ କରିଥିଲା। ଏହି ଦିନିକିଆ କାର୍ଯ୍ୟକ୍ରମରେ ଅଧ୍ୟାପକ, ବିଶିଷ୍ଟ ପୂର୍ବତନ ଛାତ୍ର ଏବଂ ବିଦ୍ୱାନମାନେ ସ୍ୱର୍ଗତ ପ୍ରଫେସର ବିବେକାନନ୍ଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଅର୍ଥନୀତିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକତ୍ରିତ ହୋଇଥିଲେ। ଉଦଘାଟନୀ ଅଧିବେଶନ ଭଞ୍ଜ ବିହାର କୁଳ ସଙ୍ଗୀତ ସହିତ ଆରମ୍ଭ ହୋଇଥିଲା। ତା'ପରେ ପୁଷ୍ପଗୁଚ୍ଛ ପ୍ରଦାନ ଏବଂ ଆନୁଷ୍ଠାନିକ ଉଦଘାଟନ କରାଯାଇଥିଲା। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ମୃତ୍ୟୁଞ୍ଜୟ ସ୍ୱାଇଁ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିଥିମାନଙ୍କୁ ପରିଚୟ କରାଇଥିଲେ। ପୂର୍ବତନ ବିଭାଗର ମୁଖ୍ୟ ପ୍ରଫେସର ଭାଗବତ ପାତ୍ରୋ ପ୍ରଫେସର ଦାସଙ୍କ ଶୈକ୍ଷିକ ଅବଦାନ ଏବଂ ମାର୍ଗଦର୍ଶନ ଐତିହ୍ୟର ଏକ ହୃଦୟସ୍ପର୍ଶୀ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କେ. ତ୍ରିପାଠି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସ ସାମିଲ ଥିଲେ। ପୂର୍ବତନ ଛାତ୍ରମାନେ ମଧ୍ୟ ପ୍ରଫେସର ଦାସଙ୍କ ସ୍ମୃତି ବାଣ୍ଟିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ନୂତନ ଭାବରେ ନାମିତ ପ୍ରଫେସର ବିବେକାନନ୍ଦ ଦାସ ହଲ୍ ଉନ୍ମୋଚନ କରିଥିଲେ। ତାଙ୍କ ସମ୍ମାନାର୍ଥେ ଏକ ସ୍ମାରକୀ ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ଏହି ସ୍ମାରକୀ ବକ୍ତୃତା ଅଧିବେଶନରେ ଭାରତ ସରକାରଙ୍କ ଜାତୀୟ ମାନବାଧିକାର କମିଶନର ପୂର୍ବତନ ସଚିବ ଡକ୍ଟର ଅଶୋକ ସାହୁ ଯୋଗ ଦେଇଥିଲେ। ଡକ୍ଟର ସାହୁ ଭାରତରେ ସଙ୍କଟ ପ୍ରବାସ: ଏକ ବିଶ୍ଳେଷଣ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତୃତା ପ୍ରଦାନ କରିଥିଲେ, ଯାହା ପ୍ରବାସକୁ ଚାଳିତ କରୁଥିବା ସାମାଜିକ-ଆର୍ଥିକ କାରକ ଏବଂ ନୀତିଗତ ଆବଶ୍ୟକତା ଉପରେ ଆଲୋକପାତ କରିଥିଲା ।

## ସପ୍ତମ ଶ୍ରେଣୀ ଛାତ୍ରୀକୁ ଗଞ୍ଜାମରୁ ଅପହରଣ, କନ୍ଧମାଳରୁ ନରକଙ୍କାଳ ଉଦ୍ଧାର



ଭଞ୍ଜନଗର, (ସବ୍ୟୁ) ଗଂଜାମରୁ ନିଖୋଜ ନାବାଳିକାର ଖଣ୍ଡବିଖଣ୍ଡିତ କଙ୍କାଳକୁ ସୀମାନ୍ତ କନ୍ଧମାଳ ଜିଲ୍ଲା ଗସମା ଜଙ୍ଗଲରୁ ଉଦ୍ଧାର କରିଛି ପୋଲିସ। ନାବାଳିକା ଜଣକ ଭଂଜନଗର ଥାନା ଅଞ୍ଚଳର ବୋଲି ଜଣା ପଡିଛି । ଏନେଇ ଭଂଜନଗର ଥାନାରେ ୭୩୬/୨୫ ରେ ଏକ ଅପହରଣ ମାମଲା ରୁଜୁ ହୋଇଥିଲା । ଘଟଣା ସ୍ଥଳଟି କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ଖମଣସାହି ଗାଁ ନିକଟ ଗସମା ଜଙ୍ଗଲରେ ଘଟିଛି । ଏହା ଜଣା ପଡ଼ିବା ପରେ ଉଭୟ ଭଂଜନଗର, ଗାଲେରୀ ଫାଣ୍ଡି ଏବଂ ଚକାପାଦ ଥାନା ପୋଲିସ ପହଞ୍ଚିଥିଲେ। ସଂପୃକ୍ତ ଜଙ୍ଗଲ ଭିତରେ ଇତସ୍ତତଃ ହୋଇ ପଡିରହିଥିବା କଙ୍କାଳ, କିଛି ଲୁଗା, ଚଦର ଓ ଚପଲକୁ ଜବତ କରିଛି ଚକାପାଦ ଥାନା ପୋଲିସ। ତେବେ ପାରିପାର୍ଶ୍ୱିକ ଅବସ୍ଥା ଏବଂ ଘଟଣା ସ୍ଥଳରେ କିଛି ସନ୍ଦେହ ଜନକ ସାମଗ୍ରୀକୁ ଦେଖିବା ପରେ ମୃତ ନାବାଳିକାର ବାପା ଦାବୀ କରିଛନ୍ତି ଏହା ତାଙ୍କ ଝିଅର କଙ୍କାଳ ବୋଲି । ଗତ ପ୍ରାୟ ଏକ ମାସ ଧରି ନିଖୋଜ ଥିଲେ ନାବାଳିକା । ତେବେ ଜଙ୍ଗଲ ଭିତରେ ଗୋଟିଏ ଗଛରେ ଏକ ଚୁନି ସାହାଯ୍ୟରେ ବନ୍ଧା ଯାଇଥିବା ମୁଣ୍ଡଟି ସଂପୂର୍ଣ୍ଣ କଙ୍କାଳ ଶୂନ୍ୟ ରହିଥିବାବେଳେ, କେବଳ ଜଣେ ଝିଅର ଚୁଟି ହିଁ ସେଥିରେ ରହି ଝୁଲୁଥିଲା । ଏଥିରୁ ସନ୍ଦେହ ସୃଷ୍ଟି ହୋଇଛି। ନିଖୋଜ ପରେ ପରେ ନାବାଳିକା ଜଣକୁ ହତ୍ୟା କରି ଜଙ୍ଗଲ ଭିତରେ ଗଛରେ ଝୁଲାଇ ଦିଆ ଯାଇଛି । ଯାହାକି ତାଙ୍କର ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ ନାବାଳିକାର ବାପାଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ଗାଲେରୀ ଫାଣ୍ଡି ଅନ୍ତର୍ଗତ ଡିମିରିଝୋଲି ଗାଁର ଲାଲକ ମଳିକ ନାମକ ଜଣେ ଯୁବକ ହିଁ ନାବାଳିକାକୁ ଅପହରଣ କରି ନିଜ ଘରେ ରଖିଥିଲା । ପରବର୍ତ୍ତୀ ସମୟରେ ଝିଅ ଘରକୁ ନଫେରିବାରୁ ବାପା ଭଂଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯଦିଓ ଏହା ହତ୍ୟା ନା' ଆତ୍ମହତ୍ୟା ବୋଲି ପୋଲିସ୍ ପକ୍ଷରୁ ତାହା ସ୍ପଷ୍ଟ କରାଯାଇ ନାହିଁ, ତଥାପି ମୃତ ନାବାଳିକାଙ୍କ ବାପା ହତ୍ୟା କରାଯାଇଥିବା ନେଇ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ତେବେ ଘଟଣାର ଅଭିଯୁକ୍ତ ତଥା ଅପହରଣକାରୀ ଯୁବକକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଭଂଜନଗର ଏସଡିପିଓ ସୁଜିତ କୁମାର ନାୟକ କହିଛନ୍ତି । ଉଧାର ନରକଙ୍କାଳକୁ ଏଫଏମଟିକୁ ପଠାଇ ଯାଇଥିବା ବେଳେ, ସଂପୃକ୍ତ ରିପୋର୍ଟ ଏବଂ ଚକାପାଦ ଓ ଭଂଜନଗର ଥାନା ପୋଲିସର ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି କୁହାଯାଇଛି । ଅନ୍ୟ ପକ୍ଷରେ ନାବାଳିକା ଜଣକ ସପ୍ତମ ଶ୍ରେଣୀର ଛାତ୍ରୀ ବୋଲି ତାଙ୍କ ବାପା କହିଛନ୍ତି । ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ ଦାବି କରିଛନ୍ତି । ଏବେ ଅପେକ୍ଷା ପୋଲିସର ରିପୋର୍ଟକୁ ଅପେକ୍ଷା।

## ଭିଜିଲାନ୍ସ ମାମଲା

### ମୟୂରଭଞ୍ଜ ଜିଲ୍ଲା ମତ୍ସ୍ୟ ବିଭାଗ ୨ ଅବସରପ୍ରାପ୍ତ ଅଧିକାରୀଙ୍କୁ ୩ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ଭିଜିଲାନ୍ସ ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପୂର୍ଣ୍ଣିମା ଜେନା, ମୟୂରଭଞ୍ଜ ଜିଲ୍ଲା ମତ୍ସ୍ୟ ବିଭାଗର ଅବସରପ୍ରାପ୍ତ ଅଧିକାରୀ ସୁରେନ୍ଦ୍ର ମୋହନ ନାଏକ ଓ ରଘୁନାଥ କରଙ୍କୁ ତିନିବର୍ଷ ଲେଖାଏଁ କାରାଦଣ୍ଡ ଆଦେଶ ସହ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଶାନ୍ତନୁ କୁମାର ଦାସ ମାମଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକର ପୂର୍ବତନ ସହାୟକ ମାଛଚାଷ ଅଧିକାରୀ ସୁରେନ୍ଦ୍ର ମୋହନ ନାଏକ ଓ ଜିଲ୍ଲା ମାଛଚାଷ କାର୍ଯ୍ୟାଳୟର ପୂର୍ବତନ ସହାୟକ ଅଧିକାରୀ ରଘୁନାଥ କର, ବହୁମୁଖୀ ଫାର୍ମ ପଣ୍ଡ ଯୋଜନାର ଜାଲିହାତି କରି ସରକାରୀ ଟଙ୍କା ଆତ୍ମସାତ୍ କରିଥିଲେ । ଏନେଇ ଭିଜିଲାନ୍ସ ବିଭାଗରେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି କରିଥିବା ନେଇ ଅଭିଯୋଗ ହୋଇଥିଲା । ହିତାଧିକାରୀଙ୍କ ହସ୍ତାକ୍ଷରକୁ ଜାଲିହାତି କରି ଏହି ଦୁଇଅଧିକାରୀ ସରକାରୀ ଟଙ୍କା ହଡପ କରିଥିଲେ । ଏନେଇ ୨୦୧୨ ମସିହା ମାର୍ଚ୍ଚ ୨୧ତାରିଖରେ ଭିଜିଲାନ୍ସ ବିଭାଗରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ସୋମବାର ୧୪ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

## ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଆଜୀବନ ଜେଲ୍

ବାରିପଦା, (ସବ୍ୟୁ) : ଏକ ହତ୍ୟା ମାମଲାର ବିଚାର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପୂର୍ଣ୍ଣିମା ଜେନା ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ କାହ୍ନୁ ସିଂ(୩୬)ଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ସହ ୧୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ୨୦୨୨ ମସିହା ଏପ୍ରିଲ୍ ୨୧ତାରିଖରେ ମୟୂରଭଞ୍ଜ ଜିଲ୍ଲା ଖାରପୋଖରିଆ ଥାନା ଅନ୍ତର୍ଗତ ପାଣ୍ଡରା ଗ୍ରାମର ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ କାହ୍ନୁ ସିଂ, ସ୍ତ୍ରୀ ଅଞ୍ଜଳି ସିଂ(୩୨)ଙ୍କୁ ଅତି ନିର୍ମମ ଭାବେ ପିଟିପିଟି ହତ୍ୟା କରିଥିଲେ । ଏନେଇ ଖାରପୋଖରିଆ ଥାନାରେ ୯୧/୨୨ରେ ମାମଲା ରୁଜୁ ହୋଇ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ସୋମବାର ୮ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

ବ୍ୟାସନଗର, (ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରର ବରିଷ୍ଠ ରାଜସ୍ୱ ସହାୟକ ସୁକାନ୍ତ ସାହୁ ସରକାରୀ ଚାକିରିରୁ ଅବସର ନେଇଥିବା ଉପଲକ୍ଷେ ସୋମବାର ଅପରାହ୍ନରେ ଶ୍ରୀମତୀ ନିବେଦିତା ପ୍ରଧାନ-ସହକାରୀ ଜିଲ୍ଲାପାଳ ବାସୁଦେବ ନାୟକ-ସହକାରୀ ଜିଲ୍ଲାପାଳ, ବିଭାଗୀୟ ଅଧିକାରୀସୁଧାକର ପ୍ରଧାନ, ଲକ୍ଷ୍ମୀଧର ସଏ, ବରିଷ୍ଠ ରାଜସ୍ୱସହାୟକ ଅଶୋକ ମିଶ୍ର, ଅତିଶ ପରିଡ଼ା, ମାନସୀ ସାହୁ, ମିନତୀ ସ୍ୱାଇଁ ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ତାଙ୍କୁ



ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ତାଙ୍କର ସୁଖ, ସମୃଦ୍ଧି, ସୁସ୍ଥ ଓ ନିରାମୟ ଜୀବନଯାପନ କାମନା କରିଛନ୍ତି।

# ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଉଚ୍ଚସ୍ତରୀୟ ବୈଠକ

କେନ୍ଦ୍ରାପଡା,(ସବ୍ୟୁ): ଜାତୀୟ ରାଜପଥ ପ୍ରଶସ୍ତିକରଣ ହେଉଥିବାରୁ ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ରାସ୍ତା କଡରେ ମାଟି, ବାଲି, ଗୋଡି ଆଦି ପକାଇ ଜଳ ନିଷ୍କାସନ ବନ୍ଦ ଥିବାରୁ ଏନେଇ ଏକ ସମୀକ୍ଷା ବୈଠକ ଜିଲ୍ଲପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହପାତ୍ର, ମହାକାଳପଡା ବିଧାୟକ ଦୁର୍ଗା ପ୍ରସାଦ ନାୟକ, ଜାତୀୟ ରାଜପଥ ର ପିଡି ଶ୍ରୀ ବର୍ମା, ପରିଚାଳକ କୁର୍ମା ରାଓ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟିମ କରି ପ୍ରଶସ୍ତିକରଣ ହେଉଥିବା ରାସ୍ତା ସଂପୂର୍ଣ୍ଣ ପରିଦର୍ଶନ କରି ଜଳ ନିଷ୍କାସନ କିଭଳି ହୋଇ ପାରିବ ସେ ସଂପର୍କରେ ୨ଦିନ ଭିତରେ ଦେଖିବାକୁ ସ୍ଥିର କରାଯାଇଛି । ପଂଚୁପାଣ୍ଡବ ଠାରୁ ଭୁତମୁଣ୍ଡଇ ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ହୋଇ ନପାରିବାରୁ ହଜାର ହଜାର ଏକର ଚାଷଜମି ବୁଡି ରହିଛି । ଯାହା 'ଲରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାଦିନ ପୂର୍ବରୁ ରାସ୍ତା କଡରୁ ମାଟି ଉଠାଇବା ସହିତ କିଭଳି ଚାଷଜମି ରୁ ଜଳ ନିଷ୍କାସନ ହୋଇପାରିବ ତୁରନ୍ତ ତାହାର ବ୍ୟବସ୍ଥା କରିବା ପାଇଁ ଉପସ୍ଥିତ ଥିବା ବିଧାୟକ ମାନେ ଜାତୀୟ ରାଜପଥ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ, ସମସ୍ତ ତହସିଲଦାର ଓ ବିଡିଓଙ୍କ ସହ ମାର୍ଶାଘାଇ ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ସେଠୀ, ଆରଡି ର ଅଧିକ୍ଷଣ ଯନ୍ତ୍ରୀ, ଜଳ ସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଧରଣୀଧର ବେହେରା, ସହାରୀ ଯନ୍ତ୍ରୀ ପ୍ରମୋଦ କୁମାର ତରାଇ ପ୍ରମୁଖଙ୍କ ସହ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ପ୍ରଚାର ପ୍ରସାର ଅଭାବ : ୬୮ରେ ସୀମିତ ମିଳିତ ଜନଶୁଣାଣି ଅଭିଯୋଗ

ମହାକାଳପଡ଼ା,(ସବ୍ୟୁ): ମହାକାଳପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲା ପାଳ ନବ କୃଷ୍ଣ ଜେନା, ଜିଲ୍ଲା ଅଧିକାରୀ ତୃପ୍ତି ମହାନ୍ତି, ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ତହସିଲଦାର ଶିବ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏତଦ ବ୍ୟତୀତ ଶିବିର ରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜ ବିଭାଗୀୟ ଅଭିଯୋଗ ର ସମାଧାନ ପାଇଁ ପ୍ରତିଶ୍ରୁତି ରଖିଥିଲେ ।ସାମୁହିକ ଓ ବ୍ୟକ୍ତିଗତ ଭାବେ ସମୁଦାୟ ୬୮ଗୋଟି ଅଭିଯୋଗ ର ଶୁଣାଣୀ ହୋଇଥିବାର ଜଣାପଡିଛି । ବ୍ଲକ ର ବିଭିନ୍ନ ଅଂଚଳର ଲୋକେ ଶିବିର ରେ ଉପସ୍ଥିତ ହୋଇ ଅଭିଯୋଗ ର ପଞ୍ଜିକରଣ କରାଇ ଜିଲ୍ଲା ଅଧିକାରୀ ଙ୍କୁ ନିଜ ନିଜର ସମସ୍ୟା ବିଷୟରେ ଅବଗତ କରାଇଥିଲେ । ରିଫାଇନାରୀ ପାଇପ ଲାଇନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀ ମାନେ କିପରି ଉପଯୁକ୍ତ କ୍ଷତି ପୂରଣ ପାଇ ପାରିବେ ସେ ନେଇ କ୍ଷତିଗ୍ରସ୍ତ ଚାଷୀ ଏକତା ମଞ୍ଚ ତରଫରୁ କମ୍ପାନୀର ମନମାନି ବିରୁଦ୍ଧରେ ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ । ସେହିପରି ବାୟାବାବା ମହାବିଦ୍ୟାଳୟ ର ଛାତ୍ର /ଛାତ୍ରୀ କଲେଜ ପରିସର ଜବରଦଖଲ ମୁକ୍ତ, କଲେଜ ପରିସରରେ ଆନ୍ତଃ ସଂଯୋଗ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟା ବିଷୟରେ ଜିଲ୍ଲା ଅଧିକାରୀ ମାନଙ୍କୁ ଅଭିଯୋଗ କରିଥିବାର ଜଣାପଡିଛି । ସାମୁହିକ ଅଭିଯୋଗ ସହିତ ବ୍ୟକ୍ତି ଗତ ରାଜସ୍ୱ ମାମଲା,ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଗୃହ,ରାସନ କାର୍ଡ ଓ ଭତ୍ତା ଆଦି ସମ୍ପର୍କିତ ଅଭିଯୋଗ ଗୁଡିକର ଶୁଣାଣୀ କରାଯାଇଥିଲା ।୯ ଶେଷରେ ଜିଲ୍ଲା ଅଧିକାରୀ ଭିନ୍ନକ୍ଷମ ମାନଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିବାବେଳେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦୀପକ ରଞ୍ଜନ ପରିଡା ଉପସ୍ଥିତ ଥିଲେ । ମିଳିତ ଅଭିଯୋଗ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟ ବ୍ୟସ୍ତତା ହେତୁ ଅନୁପସ୍ଥିତ ଥିଲେ । ସେହିପରି ସ୍ଥାନୀୟ ପ୍ରଶାସନ ର ପ୍ରଚାର ପ୍ରସାର ଅବହେଳା ଓ ବର୍ଷା ଋତୁହେତୁ ଅଭିଯୋଗ ସୀମିତ ରହିଥିବାର ଅନୁମେୟ ହେଉଛି । ଆଗାମୀ ଦିନରେ ବ୍ଲକ ପ୍ରଶାସନ ମିଳିତ ଜନଶୁଣାଣି ଶିବିର କୁ କିଭଳି ଅଧିକ ସଂଖ୍ୟକ ଅଭିଯୋଗକାରି ପହଂଚି ପାରିବେ ଏଥି ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବିକରନ୍ତି ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ମଙ୍ଗଳପୁର,(ସବ୍ୟୁ): : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନଷୋ ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୭୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୩ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ମାଉସୀ ମା' ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ




ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବ୍ଲକ ହାଟପଡିଆସ୍ଥିତ ମାଉସୀମା ମନ୍ଦିରରେ ପ୍ରତ୍ୟେକ ଦିନ ହଜର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗୁଛି । । ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଉଛନ୍ତି । ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ତିନି ଠାକୁର ମାଉସୀମା ଘରକୁ ନଅ ଦିନ ପାଇଁ ଆସିଥିବା ବେଳେ ମନ୍ଦିରରେ ରହି ପୂଜା ପାଉଛନ୍ତି । ଶ୍ରଦ୍ଧାଳୁମାନଙ୍କ ପାଇଁ ମୁନସୀ ମେଲଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଠାକୁର ହାଟପଡିଆସ୍ଥିତ ମାସୀମା ମନ୍ଦିର ରେ ରହୁଥିବା ବେଳେ ଏଠାକାର ପରିବେଶ ଏବେ ଭକ୍ତିମୟ ହୋଇପଡିଛି । ତେବେ ସୋମବାର ସନ୍ଧ୍ୟାରେ ଚଣ୍ଡିଖୋଲ ବୀଣାପାଣି କଳା ନିକେତନ କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମକୁ ମୁନସୀ ମେଲଣ କମିଟିର ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝି, ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଦାସ,ଭାଲୁଖାଇ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ସମ୍ପାଦକ ମନୋଜ ରଣା, ମୁନସୀ ମେଲଣ କମିଟିର ସଦସ୍ୟ ଗଗନ ବରାଳ,ବିଚିତ୍ର ସ୍ୱାଇଁ,ଚନ୍ଦ୍ରମଣି ପଣ୍ଡିତ,ରବିନ୍ଦ୍ର କୁମାର ମହାନ୍ତି, ଆଲୋକ ଲେଙ୍କା, ଶରତ ଓଝା,ମନୋଜ ରାଉଳ,ପ୍ରବୋଧ ପାତ୍ର, ଅମୀୟ ମହାନ୍ତି, ରମେଶ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ ।

## ସାପକାମୁଡାରେ ମୃତ୍ୟୁ

ମାହାଙ୍ଗା ,(ସବ୍ୟୁ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତର ଝାଡେଶ୍ୱରପୁର ଗ୍ରାମର ସ୍ୱର୍ଗତ ଉଦୟନାଥ ରାଉତଙ୍କ ପୁତ୍ର ସରୋଜ କୁମାର ରାଉତ (୫) ସୋମବାର ଦିନ ବିଲରେ କାମ କରୁଥିଲା ବେଳେ ମଧ୍ୟାହ୍ନ ପ୍ରାୟ ସାଢ଼େ୨ଟାରେ ତାଙ୍କୁ ବିଷଧର ସର୍ପ ଆଘାତ କରିଥିଲା। ଚିକିତ୍ସା ନିମନ୍ତେ ସରୋଜଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକ ରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁଘୋଷଣା କରିଥିଲେ। ଶବବ୍ୟବଚ୍ଛେଦ ପାଇଁ କଟକ ବଡଡାକ୍ତରଖାନାକୁ ପଠାଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସରୋଜ ରାଉତ ଜଣେ ଚାଷୀ ଥିଲେ। ରାଜ୍ୟ ସରକାର ତୁରନ୍ତ ତାଙ୍କୁ ସହାୟତା ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହେଉଛି।

## ବରିଷ୍ଠ ନାଗରିକଙ୍କ ପରଲୋକ



ରାଜକନିକା ,(ସବ୍ୟୁ): ରାଜକନିକା ବ୍ଲକ ହଟିଆପଡା ଗ୍ରାମର ଯୋଜ୍ୟେଷ୍ଠ ବ୍ୟକ୍ତି ବନମାଳୀ ବେହେରା (୯୦)ଙ୍କର ହୃଦଘାତ ରେ ପରଲୋକ ହୋଇଯାଇଛି।ସେ ଜଣେ ଧର୍ମ ପରାୟଣ,ପରୋପକାରୀ ଓ ଦରଦୀ ମଣିଷ ଥିଲେ। ତାଙ୍କ ବିୟୋଗରେ ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳ ରେ ଶୋକ ପ୍ରକଟ ପାଇଛି। ବନ୍ଧୁ ପରିବାର ଓ ଗ୍ରାମବାସୀଙ୍କ ଉପସ୍ଥିତରେ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ କରାଯାଇଥିଲା। ମଧ୍ୟମ ପୁତ୍ର ପତିତପାବନ ମୁଖାଗ୍ନି ଦେଇଥିଲେ।

## କେନ୍ଦ୍ରାପଡ଼ା ତହସିଲ ପକ୍ଷରୁ ବାଲି ସିଜ୍

ଡେରାବିଶ,(ସବ୍ୟୁ): ଡେରାବିଶ ତହସିଲ ଅଧିନସ୍ଥ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡାମୁଣ୍ଡ-ଇନ୍ଦୁପୁର ରାସ୍ତାର ନାଗେଶ୍ୱରପୁର, କେନ୍ଦ୍ରିୟ ବିଦ୍ୟାଳୟ ସମ୍ମୁଖ ରାସ୍ତା କଡ଼ରେ ବେଧଡ଼କ ଭାବେ ବାଲି ଜମା ରଖାଯାଇ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତାର କେନ୍ଦ୍ରାପଡ଼ା ତହସିଲ ଅଧୀନରେ ରହିଥିବା ସ୍ଥାନମାନଙ୍କରୁ ଖଣିବିଭାଗ ତରଫରୁ ଜମା ହୋଇଥିବା ବାଲିକୁ ପୋଲିସ୍ ଓ ତହସିଲ ପ୍ରଶାସନ ମାଧ୍ୟମରେ ଜବତ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ଖଣି ବିଭାଗ ପକ୍ଷରୁ ଏହି ରାସ୍ତାର ଡେରାବିଶ ତହସିଲ ଅଧୀନରେ ରହିଥିବା ବାଲିଗଦା ଗୁଡ଼ିକ କେବେ ଜବତ କରାଯିବ ତାହାକୁ ନେଇ ଅଂଚଳର ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ସୂଚନାଯୋଗ୍ୟ ଏହି ରାସ୍ତାଟି କେନ୍ଦ୍ରାପଡ଼ାରୁ ଇନ୍ଦୁପୁରକୁ ଏକ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହି ରାସ୍ତାର ଦୁଇ କଡ଼ରେ ବହୁ ବ୍ୟକ୍ତି ବିଶେଷ ଘରଦ୍ୱାର କରି ରହିବା ସହ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ କରିଛନ୍ତି । ବାରିମୂଳ ଠାରେ ଗାନ୍ଧିଙ୍କ ଅବସ୍ଥାନ ସ୍ମୃତିରେ ରହିଥିବା ଗାନ୍ଧିସ୍ମୃତିପୀଠ, ବାରିମୂଳ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଡେରାବିଶ ବ୍ଲକ ମତ୍ସ୍ୟବିଭାଗ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଅଛି । ବାଲି ବ୍ୟବସାୟୀମାନେ ଏହି ରାସ୍ତା କଡ଼ରେ ବାଲି ଗଦା କରି ରଖି ଫଳରେ ଏହି ରାସ୍ତା ଦେଇ ଯାଉଥିବା ଛାତ୍ରଛାତ୍ରୀ, ବାଇକ୍ ଆରୋହୀମାନେ ସାମାନ୍ୟ ପବନରେ ବାଲି ଉଡ଼ି ସେମାନଙ୍କ ଆଖିରେ ପଶିବା ଫଳରେ ସେମାନେ ନାନଦି କଷ୍ଟ ଭୋଗ କରୁଛନ୍ତି । ତେଣୁ ତୁରନ୍ତ ଏହି ମୁଖ୍ୟ ରାସ୍ତା କଡ଼ରେ ବାଲି ବେପାର ବନ୍ଦ କରାଇବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

## କୋଭିଡ୍ ସମୟରେ ମଧ୍ୟାହ୍ନଭୋଜନ ଚାଉଳ ହରିଲୁଟ ଅଭିଯୋଗ

ମାହାଙ୍ଗା,(ସବ୍ୟୁ): ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ କୋଭିଡ୍ ସମୟରେ ୨୦୧୯ ମସିହାରୁ ୨୦୨୧ମସିହା ମଧ୍ୟରେ ଆସିଥିବା ଚାଉଳକୁ ବଣ୍ଟନ ଦାୟିତ୍ୱରେ ଥିବା ଠିକାଦାର ସଂସ୍ଥା ଦ୍ୱାରା ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏପରିକି ୭୫୦କ୍ୱିଣ୍ଟାଲ ଚାଉଳ ଅନିୟମିତତା ହୋଇଥିବା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ଚପାଇଦେବା ପାଇଁ ଜିଲ୍ଲା ମଧ୍ୟାହ୍ନଭୋଜନ ୟୁନିଟ୍(ବିଏମ୍ୟୁ) ଚାପ ପକାଉଥିବା ଏବେ ସାଧାରଣରେ ଆଲୋଚନା ହେଉଛି। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ସୂଚନା ତଥ୍ୟ ମଗାଯାଇଥିବା ଜଣାପଡିଛି। ଏଣୁ ତୁରନ୍ତ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ କୋଭିଡ୍ ସମୟରେ ମାହାଙ୍ଗା ବ୍ଲକକୁ ଆସିଥିବା ମଧ୍ୟାହ୍ନଭୋଜନ ଚାଉଳର ନିରପେକ୍ଷ ତଦନ୍ତ କରି ଏଥିରେ ସଂପୃକ୍ତି ଥିବା ଠିକାଦାରୀ ସଂସ୍ଥା ଓ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କ ବିରୁଦ୍ଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦୃଢ଼ ଦାବି ହେଉଛି।

## ଯାତାୟତ ରାସ୍ତା ବନ୍ଦ, ଘରୁ ବାହାରି ପାରୁନାହାଁନ୍ତି ପରିବାର

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ବ୍ଲକ ଅଧିନ ସାନମାଣତିଆ ପଞ୍ଚାୟତ ର ବଡ ମାଣତିଆ ଗ୍ରାମ ହରିଜନ ସାହିର ୧୦ ଜଣ ଦଳିତ ପରିବାରଙ୍କ ବାହାରିବା ରାସ୍ତାରେ ମାଟି ପକାଇ ଓ ବାଡ ଦେଇ ଜଣେ ପ୍ରଭାବଶାଳୀ ବ୍ୟକ୍ତି ରସ୍ତା ଅବରୋଧ କରିଥିବାରୁ ଦୀର୍ଘଦିନ ହେଲା ଏମାନେ ଘରୁ ବାହାରି ପାରୁ ନହାଁନ୍ତି । ଏହି ଦଳିତ ପରିବାର ରାସ୍ତା ପାଇଁ ଜମି କିଣିଥିବା ସତ୍ୱେ ତାଙ୍କ ରାସ୍ତାକୁ ମ ପ୍ରଭାବଶାଳୀ ବ୍ୟକ୍ତି ଜଣକ ବନ୍ଦ କରି ଦେଇଥିବାର ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମର ମଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତେବେ ଏମାନଙ୍କର ପିଲାଛୁଆ, ବୟସ୍କ ନାଗରିକ ଘରୁ ବାହାରି ନ ପାରିବାରୁ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଜଣାଇଛନ୍ତି । ଏହି ଅଭିଯୋଗ ସମୟରେ ନାରାୟଣ ମିକ, ଦୁଶାସନ ମଲିକ, ସଂଜୁଲତା ମଲିକ, ଗୀତାଞ୍ଜଳୀ ମଲିକ, ମଧୁସ୍ମିତା ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ସିଟି ବସ୍ ଧକ୍କାରେ ସ୍କୁଟର ଆରୋହୀ ମୃତ

କେନ୍ଦ୍ରାପଡ଼ା,(ସବ୍ୟୁ) : କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କେନ୍ଦ୍ରାପଡ଼ା-ଇନ୍ଦୁପୁର ରାସ୍ତାର ରାମଚନ୍ଦ୍ରପୁର ଛକ ନିକଟରେ ଏକ ବସ ଧକ୍କାରେ ଜଣେ ସ୍କୁଟର ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଉଛନ୍ତି ସଦର ଥାନା ଅନ୍ତର୍ଗତ ଗୁଲନଗର ପଞ୍ଚାୟତର ସୁଜାନଗର ଗ୍ରାମର ନାମ ଉତ୍ତମ ସାହୁ। ଖବର ନେବାରୁ ଜଣାପଡିଛି ଯେ ଉତ୍ତମ ରାମ ଚନ୍ଦ୍ରପୁର ଠାରେ ଏକ ତେଜେରାତି ଦୋକାନ କରି ପରିବାର ପୋଷଣ କରନ୍ତି । ସେ ବାରିମୂଳକୁ କୌଣସି କାର୍ଯ୍ୟରେ ଯାଇଥିଲେ। ଦିନ ପ୍ରାୟ ୨ଟା ରେ ନିଜ ଘରକୁ ଏକ ସ୍କୁଟର ଯୋଗେ ଫେରୁଥିବା ବେଳେ ପଛ ପଟୁ ଆସୁଥିବା ଏକ ସରକାରୀ ସିଟି ବସ ଧକ୍କା ଦେଇଥିଲା। ଫଳରେ ଉତ୍ତମଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। କିନ୍ତୁ ସେ ବଞ୍ଚିଥିବା ଭାବି ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ଡାକ୍ତରଖାନା ନେଇଥିଲେ। ହେଲେ ସେତେବେଳକୁ ତାଙ୍କ ଜୀବନ ଦ୍ୱୀପ ଲିଭି ଯାଇଥିଲା। ଫଳରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସରକାରୀ ସିଟି ବସ ଚାଳକ ବେପରୁଆ ଭାବେ ଗାଡି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସଦରଥାନା ପୁଲିସ ବସ ଓ ସ୍କୁଟିକୁ ସଦରଥାନକୁ ନେଇ ଏକ ମାମଲା ରଜୁ କରି ତଦନ୍ତ କରୁଛି ।

# ଅବସରକାଳୀନ ସମ୍ବର୍ଦ୍ଧନା



କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ମଧୁବନ ଉଚ୍ଚ ମାଧ୍ୟ ମିକ ବିଦ୍ୟାଳୟରୁ ଅବସର ନେଇଥିବା ସମାଜ ବିଜ୍ଞାନ ବିଭାଗର ମୁଖ୍ୟ - ପ୍ରାଧ୍ୟାପକ ତନ୍ମୟ କୁମାର ବଳ ଓ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ - ପ୍ରାଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଦିନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାକୁ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତି ସଂଯୋଜନା କରିଥିଲେ। ଅଧ୍ୟାପକ ଦେବବ୍ରତ ମହାପାତ୍ର ଧନ୍ୟବାଦ ଅଧ୍ୟାପକ ବିରଞ୍ଚିନାରାୟଣ ରାମ ମାନପତ୍ର ପାଠ କରିଥିଲେ ।ଅଧ୍ୟାପିକା ନମିତା ଗିରି ଏବଂ ଅଧ୍ୟାପକ ଶୁଭେନ୍ଦୁ କୁମାର ପଟ୍ଟନାୟକ ଅନୁଭୁତି ବର୍ଣ୍ଣନା କରିଥିଲେ ।ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମାଧବ ଚନ୍ଦ୍ର ବସନ୍ତିଆ, ଅବସରପ୍ରାପ୍ତ ଅଧ୍ୟାପକ ସୋମନାଥ ଦାସ, ଅବସରପ୍ରାପ୍ତ ଅଧ୍ୟାପିକା ପ୍ରମୋଦିନୀ ଦାଶ, ଅଧ୍ୟାପକ ଅଜୟ କୁମାର ଜେନା ଅଜୟ କୁମାର ଚନ୍ଦ, ଅଧ୍ୟାପକ ହିମାଂଶୁ ଶେଖର ଜେନା, ଅଧ୍ୟାପିକା ପ୍ରଣତି ରାଉତ, ଅଧ୍ୟାପକ ମନୋଜ ନାୟକ ,ଅଧ୍ୟାପକ ବିକାଶ ସାହୁ,ଅଧ୍ୟାପକ ଚନ୍ଦନ, ନରେନ୍ଦ୍ର ସାହୁ, ରବୀନ୍ଦ୍ର ସ୍ୱାଇଁ କାଶୀନାଥ ସାମଲ, କାର୍ତ୍ତିକ ଚନ୍ଦ୍ର ଦାସ, ସୁଭାସ ରାଉତରାୟ, ପ୍ରଶାନ୍ତ ରାଉତ, ଅବସରପ୍ରାପ୍ତ କର୍ମଚାରୀ ଅଭିରାମ ସୂତାର, ପଦ୍ମନାଭ ଦ୍ୱିବେଦୀ ସହଯୋଗ କରିଥିଲେ ।

## ଗୋଲରାହାଟ - ଛୋଟି ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା

ଡେରାବିଶ,(ସବ୍ୟୁ): ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପ୍ରାଥମିକ ସମବାୟ ସମିତି ପାଖରୁ ବାହାରିଥିବା ଗୋଲରାହାଟ-ଛୋଟି ରାସ୍ତା ଏବେ ମରଣଜନ୍ତା ପାଲଟିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ଏହି ରାସ୍ତାଟି ଉପରେ ଗୋଲରାହାଟ, ବାଲିଆ, ଏଣ୍ଡର, ନରସିଂହପୁର ଇତ୍ୟାଦି ପଞ୍ଚାୟତର ଜନସାଧାରଣ ଯାତାୟତ ପାଇଁ ନିର୍ଭର କରିଥାନ୍ତି । ଦୀର୍ଘ ବର୍ଷ ତଳେ ନିର୍ମିତ ହୋଇଥିବା ଏହି ପିଚୁ ରାସ୍ତାଟିରୁ ଏବେ ପିଚୁ ଉଠି ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଗଲାଣି । ଫଳରେ ଏହି ରାସ୍ତାରେ ଯାତାୟତ କରିବା ଏବେ କଷ୍ଟସାଧ ହୋଇପଡ଼ିଛି । ଏହି ରାସ୍ତାଦେଇ ଉପରୋକ୍ତ ଚାରୋଟି ପଂଚାୟତର ଶହଶହ ଛାତ୍ରଛାତ୍ରୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ବେଳେ ଜନସାଧାରଣ ଏହି ରାସ୍ତା ଦେଇ ବ୍ଲକ ସଦର ମହକୁମା, ଥାନା ଓ ତହସିଲ କାର୍ଯ୍ୟାଳୟକୁ ମଧ ଯାଇଥାନ୍ତି । ତେଣୁ ତୁରନ୍ତ ଏହି ରାସ୍ତାକୁ ବିଭାଗ ପକ୍ଷରୁ ନିର୍ମାଣ କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

# ରାଜ୍ୟସ୍ତରୀୟ କ୍ଷୀରୋଦ ପୋଥାଳ ଜୟନ୍ତୀ ସମାରୋହ

ମାହାଙ୍ଗା(ସବ୍ୟୁ): : କ୍ଷୀରୋଦ ପୋଥାଳ ସ୍ମୃତିସଂସଦ ଗୋପପୁର-ନିଶ୍ଚିନ୍ତକୋଇଲି ଆନୁକୂଲ୍ୟରେ ଓ ମନ୍ଦିର ପରିଚାଳନା କମିଟି ସହଯୋଗରେ ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ ଅର୍ନ୍ତଗତ ପ୍ରହରାଜପୁର ସ୍ଥିତ ଶ୍ରୀ ଶ୍ରୀ କାମେଶ୍ୱର ମହାଦେବ ମନ୍ଦିର ପରିସରରେ ସଂସଦର ସ୍ଥାୟୀ ସଂପାଦକ ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ୮୮ତମ ଜୟନ୍ତୀ ଅବସରରେ ସାରସ୍ୱତ ଆଲୋଚନା , ସମ୍ବର୍ଦ୍ଧନା ଓ ସଂାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଗୋପପୁରସ୍ଥିତ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସଚିବ ତଥା ବରିଷ୍ଠ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ. ଅଲେଖ ଚନ୍ଦ୍ର ପଢ଼ିଆରୀ ଯୋଗଦେଇ କ୍ଷୀରୋଦ




ଚନ୍ଦ୍ର ପୋଥାଳଙ୍କ ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ସଂପାଦକ ଗୋପବନ୍ଧୁ ସତ୍ୟବାଦୀ, ପ୍ରକାଶକ ମୁଦ୍ରାକାର ସମାଜର ଡଃ ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ କ୍ଷୀରୋଦ ପୋଥାଳଙ୍କ ବିଭିନ୍ନ କାବ୍ୟକୃତି ସଂପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସଂଘମିତ୍ରା ମିଶ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟଏକାଡେମୀ ପୁରସ୍କାର ପ୍ରାପ୍ତ ଲବ୍ଧପ୍ରତିଷ୍ଠ କବି ସଦାଶିବ ଦାଶ, ସମ୍ମାନୀତ ଅତିଥି ଭାବେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତାବଲାଗୁରୁ, ଗୋପିନାଥ ବେହେରା, ବରେଣ୍ୟ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଦସ୍ୟ ରାଜିବ କୁମାର ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ସଂପାଦିକା ଲେଖକ ସାମୁଖ୍ୟ ଓଡ଼ିଶା ଓ ଗୋଧୂଳୀର ବିମଳା ସିଂ ଯୋଗଦେଇ କ୍ଷୀରୋଦ ପୋଥାଳଙ୍କ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ନନ୍ଦିନୀ ପ୍ରିୟଦର୍ଶିନୀ ପାତ୍ର ଓ ତନୁପ୍ରଭା କର ଓଡ଼ିଶୀ ନୃତ୍ୟପରିବେଷଣ କରିଥିଲେ। ଏହି ଅବସରରେ ସଂସଦ ସହସଂପାଦକ ସ୍ତମ୍ଭକାର ବିବେକାନନ୍ଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସଂସଦର ଉପଦେଷ୍ଟା ଦେବବ୍ରତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ବ୍ୟକ୍ତି ସର୍ବଶ୍ରୀ ପରିବେଶବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ, ଅବସରପ୍ରାପ୍ତ ଏବିଇଓ ନାରାୟଣ ରାଉତ, କବୟିତ୍ରୀ ଲବଙ୍ଗଲତା ରାଉତ, ରାମଚନ୍ଦ୍ର ସାହୁ, ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ନରେନ୍ଦ୍ରନାଥ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ରମାନାଥ ସାହୁ, ବିଶ୍ୱଭୂଷଣ ସେନାପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ଶେଷରେ ଅନୁଷ୍ଠାନର ଉପସଭାପତି କୁଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସାହିତ୍ୟିକ କବି, ଲେଖକ ଏବଂ ସ୍ଥାନୀୟ ଅଂଚଳର ବହୁ ମହିଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଗୁରୁମାଙ୍କୁ ଅଶ୍ରୁଳ ବିଦାୟ ଜଣାଇଲେ ନେତାଜୀ ହାଇସ୍କୁଲ ଛାତ୍ରଛାତ୍ରୀ



ବିଞ୍ଝାରପୁର,(ସବ୍ୟୁ) : ବିଞ୍ଝାରପୁର ବ୍ଲକର ବିତନା ପଞ୍ଚାୟତ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମରେ ଅବସ୍ଥିତ ନେତାଜୀ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମୀରେଖା ଦାସ ସୋମବାର ଦିନ ସେବା ନିବୃତ୍ତ ହୋଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ଭରତଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ଭାବପୂର୍ଣ୍ଣ ଅବସର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। । ବିଦ୍ୟାଳୟର ଶିକ୍ଷକ ସୁବାସ ଚନ୍ଦ୍ର ରାଉତ , କର୍ମଚାରୀ ଉପେନ୍ଦ୍ର ମହାନ୍ତି ଉପସ୍ଥିତ ଥିବାବେଳେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମୀରେଖା ଦାସ ଜଣେ ଛାତ୍ର ବତ୍ସଳା ଶିକ୍ଷୟିତ୍ରୀ ଭାବରେ ଛାତ୍ର, ଶିକ୍ଷକ ଓ ଅଭିଭାବକ ମହଲରେ ଆଦୃତିଲାଭ କରିଥିଲେ । ତାଙ୍କର ସେବାନିବୃତ୍ତ ହେବା ଅବସରରେ ଛାତ୍ରଛାତ୍ରୀ ଭାବବିହ୍ୱଳ ହୋଇ ପଡିଥିବା ଦେଖିବାକୁ ମିଳିଥିଲା।

# ଜମି ଜମା ବିବାଦ : ଗାଆଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ

ବାଙ୍କୀ ,(ସବ୍ୟୁ): ବାଙ୍କୀ ଥାନା ଅନ୍ତର୍ଗତ ଭେଡା ଦୁର୍ଗାପୁର ନୂଆସାହିରେ ଘଟିଛି ମରଣାନ୍ତକ ଆକ୍ରମଣ। ଗାଆଁ ଦାଣ୍ଡରେ ପଡ଼ୋଶୀ ପ୍ରଶାନ୍ତ ବେହେରା, ଗଣେଶ ବେହେରା, ଆକ୍ଷୟ ବେହେରା, ଓ କେଶବ ବେହେରା ମିଶି ଲୁହାରଡ଼ରେ ଗୋଡ଼ାଇ ଗୋଡ଼ାଇ ଦୁଇ ଭାଇ ସୁଶାନ୍ତ ବେହେରା ଓ ଲିଟୁ ବେହେରାଙ୍କୁ ମରଣାନ୍ତକ ଆକ୍ରମଣକରିଥିବାର ଅଭିଯୋଗ ହୋଇଛି।। ଜମିଜମା ଜବର ଦଖଲ ବିବାଦକୁ ନେଇ ଗତ ରବିବାର ଦିନ ଏହି ଚାରିଜଣ ଯାକ ଭାଇ ଗଣ୍ଡଗୋଳ କରିଥିଲେ ପଡୋଶୀ। ଏହି ଚାରି ଜଣ ଙ୍କ ଆକ୍ରମଣରେ ରକ୍ତାକ୍ତ ହେଲେ ଦୁଇ ଭାଇ।, ବାଙ୍କୀ ଥାନା ଭେଡ଼ା ରାମଚନ୍ଦ୍ର ପୁର ନୂଆ ସାହିରେ ହୋଇଛି ଆକ୍ରମଣ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ବାଙ୍କୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।ହେଲେ ବଡ଼ ଭାଇ ସୁଶାନ୍ତ ବେହେରାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ ମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତରିତ କରା ଯାଇଛି । ଏ ନେଇ ବାଙ୍କୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କ ରେ ବାଙ୍କୀ ଥାନା ଆଇ ଆଇ ସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଙ୍କୁ ପଚାରିବାରୁ ସେ କହିଲେ ଏତାଲା ଆଧାର ରେ ସେହି ଗ୍ରାମରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଚଢାଉ କରାଯାଇଛି ।



# ଗ୍ରାମ୍ୟ ରାସ୍ତା ମରଣଯନ୍ତା : ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ମୁଳାଇ ଗ୍ରାମଠାରୁ ସପ୍ତଫେଣୀ ମନ୍ଦିର ତଣ୍ଡିକଣା ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତା ନିର୍ମାଣର ଅହେତୁକ ବିଳମ୍ବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ଅଡ଼ଶପୁର ପରି ବବସାୟିକ ପେଣ୍ଠସ୍ଥଳ ଓ ମେଡ଼ିକାଲକୁ ପ୍ରତିଦିନ ଶହ ଶହ ଯାନବାହନ ଚଳାଚଳ କରୁଥିବାରୁ ଏହାର ଗୁରୁତ୍ୱ ଖୁବ ଅଧିକ। ମାତ୍ର ରାସ୍ତାର ଦୂରବସ୍ଥା ଯୋଗୁଁ ଛାତ୍ରଛାତ୍ରୀ, ବ୍ୟବସାୟୀ, ଚାଷୀ ଓ କର୍ମଚାରୀମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏ ନେଇ ବ୍ରାହ୍ମଣବାଟୀ ସରପଞ୍ଚ ସଂଜୟ ରାଉତରାୟ କଟକ ଜିଲା ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଲା ପରେ ବି କୌଣସି ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ଏ ସମ୍ବନ୍ଧରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ତିନି ଥର ଦାବି ଉପସ୍ଥାପନ ହୋଇଥିଲେ ବି ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ବି ସମ୍ପୃକ୍ତ ଠିକାଦାର ଯନ୍ତ୍ରୀଙ୍କୁ ଧରି ସେମାନଙ୍କର ମଧୁଚନ୍ଦ୍ରିକା ଚଳାଇଛନ୍ତି। ଶେଷରେ ସରପଞ୍ଚ ସମସ୍ୟା ସମ୍ପର୍କରେ ମୁଖମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଏହାର ସମାଧାନ ନହେଲେ ଆନ୍ଦୋଳକୁ ଓହ୍ଲାଇବାକୁ ଆମେ ବାଧ ହେବୁ ବୋଲି ସରପଞ୍ଚ କହିଛନ୍ତି।



## ଦଶପଲ୍ଲା ଏଲିମେଣ୍ଟାରୀ ଶିକ୍ଷକ ସଂଘ ନିର୍ବାଚନ

ଦଶପଲ୍ଲା,(ସବ୍ୟୁ): ଦୀର୍ଘଦିନ ପରେ ଦଶପଲ୍ଲା ଏଲିମେଣ୍ଟାରୀ ଶିକ୍ଷକ ସଂଘ ର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଏଲିମେଣ୍ଟାରୀ ଶିକ୍ଷକ ସଂଘ ପୂର୍ବତନ ସଭାପତି ଜୟନାରାୟଣ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନ ରେ ସର୍ବ ସମ୍ମତି କ୍ରମେ ଅଶୋକ କୁମାର ବେହେରା ସଭାପତି ,ସୁକୁମାର ମଲ୍ଲିକ ଉପସଭାପତି, ଅରୁଣ କୁମାର ମହାଖୁଡ଼ ସମ୍ପାଦକ,ଜୟନ୍ତନାଥ ଦଳବେହେରା ସମସ୍ତ ନିର୍ବାଚିତ ପ୍ରତିନିଧି ଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି ।

# ନବକିଶୋରଙ୍କ କୃତ୍ରିମ ଜଙ୍ଗଲ ସୃଷ୍ଟି ଅଭିଯାନ

ଫୁଲନଖରା,(ସବ୍ୟୁ) :ବୟାଳିଶମୌଜା ଅନ୍ତର୍ଗତ ଶ୍ରୀରାମ କାଠଯୋଡି ନଦୀକୂଳରେ ପବିତ୍ର ରଥଯାତ୍ରା ଅବସରରେ ପ୍ରକୃତିବନ୍ଧୁ ନବକିଶୋର ପଣ୍ଡାଙ୍କ ସବୁଜ ବିପ୍ଳବ ଅଭିଯାନରେ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁନବ କଳେବର ବାଟିକା ସ୍ଥାପନ କରାଯାଇଛି । ସୁରକ୍ଷାବାଡ ଘେରି ମଧ୍ୟରେ ପ୍ରାୟ ୧୦ହଜାର ବର୍ଗଫୁଟ ନଦୀବନ୍ଧ ସଂଲଗ୍ନ କାଠେଯୋଡି ନଦୀତଟରେ ନବମ କୃତ୍ରିମ ଜଙ୍ଗଲ ସୃଷ୍ଟିପାଇଁ ଚାରା ରୋପଣ କରାଯାଇଛି । ପ୍ରଥମେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୂଜାର୍ଚ୍ଚନା,ପ୍ରକୃତି ଆରାଧନା ଓ ବୃକ୍ଷ ବନ୍ଦନା କାର୍ଯ୍ୟକ୍ରମ ପରେ ଅଁଳା,ଅଶୋ.ଆମ୍ବ,ପଣସ,ପଦ୍ମ କେଦାର,ନଡିଆ,କଦଳୀ,ଇଣ୍ଡିଆନ ମଲବେରି ପ୍ରଭୃତି ବୃକ୍ଷଚାରା ଉପସ୍ଥିତ ସବୁଜପ୍ରେମୀ ମାନେ ଲଗାଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ପଣ୍ଡିତ ଜଗନ୍ନାଥ ଆଚାର୍ଯ୍ୟ,ସଂକୀର୍ତନ ଗୁରୁ ଯୁଧିଷ୍ଠିର ନାୟକ,ରବୀନ୍ଦ୍ର ସାହୁ,ହୋମିଓପାଥିକ ଚିକିତ୍ସକତ୍ରିଲୋଚନ ସାହୁ,ସମାଜସେବୀ ବସନ୍ତ କୁମାର ପଣ୍ଡା,ଚୁଇଁ ସ୍ୱାଇଁ,ସନାତନ ପଣ୍ଡା,ଶୁଭମରାଜ ପଣ୍ଡା,ଟିଙ୍କିନ ବେହେରା ଓ ଗଣମାଧ୍ୟମ ପ୍ରତିନିଧି ପ୍ରଭୃତି ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ପ୍ରକୃତି ବନ୍ଧୁ ନବକିଶୋରଙ୍କର ଏହି ପ୍ରୟାସକୁ ଉତ୍ସାହିତ କରିଥିଲେ।

## ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଶାଖା ଉଦଘାଟିତ

ଫୁଲନଖରା,(ସବ୍ୟୁ): ଦୈତନଗରୀର ମଝି ସ୍ଥଳ ଫୁଲନଖରା ଛକରେ ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଶାଖା ଉଦଘାଟିତ ହୋଇଯାଇଛି । ବ୍ୟାଙ୍କ ଅଫ ଇଣ୍ଡିଆର ମହାପ୍ରବନ୍ଧକ ଶ୍ରୀ ବିକାଶ କୃଷ୍ଣ ଉଦଘାଟନ କରିଥିଲେ । ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଲ କୁମାର ଦାସ,ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ ପ୍ରମୁଖ ଉଦଘାଟନୀ ଉତ୍ସବରେ ଅଂଶଗ୍ରହଣ କରି ଉତ୍ସାହିତ କରିଥିଲେ ।ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବ୍ୟାଙ୍କିଙ୍ଗ ସୁବିଧା ସହଜରେ ଓ ସଠିକ ସମୟରେ ଯୋଗାଇବା ଆମର ଲକ୍ଷ୍ୟ ବୋଲି ଶାଖାପରିଚାଳକ ସମ୍ବିତ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଉଦଘାଟନୀ ଦିବସରେ ଏକାଧିକ ସ୍ଥାନୀୟ ଜନସାଧାରଣଙ୍କର ବ୍ୟାଙ୍କ ଖାତାଖୋଲାଯାଇଥିଲା ।

# ୪୦ କୋଟି ଟଙ୍କା ବ୍ୟୟରେ ୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

କାକଟପୁର ,(ସବ୍ୟୁ): କାକଟପୁର ଗ୍ରାମ୍ୟଉନ୍ନୟନ ବିଭାଗ ସବଡ଼ିଭିଜନ ପକ୍ଷରୁ ଗୁରୁବାର ଦିନ ୪୦ କୋଟି ଟଙ୍କା ବ୍ୟୟ ବରାଦରେ ୪ ଗୋଟି ରାସ୍ତା କାର୍ଯ୍ୟ ସହ ୧ ଗୋଟି ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି । ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି କାକଟପୁର ଠାରୁ ପାଟସୁନ୍ଦରପୁର ୫ କିମି ୪୨ ମିଟର ରାସ୍ତା । ଗ୍ରାମ୍ୟଉନ୍ନୟନ , ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାୟକଙ୍କ ଦ୍ୱାରା ଏହି ପ୍ରକଳ୍ପକର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥି। ବେଳେ କାର୍ଯ୍ୟକ୍ରମରେ ଜଗତସିଂହପୁରପୁର ଲୋକସଭା ସାଂସଦ ଡ଼ଃ ବିଭୂପ୍ରସାଦ ତରାଇ , ,କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ , ପୂର୍ବତନ ବିଧାୟକ ବାଇଧର ମଲ୍ଲିକ,କଣ୍ଟାପଡା ଗ୍ରାମପଞ୍ଚାୟତ ସରପଞ୍ଚ ରୀନା ନାୟକ , ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ , ପୁରୀ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଂପାଦକ ସାଂସଦ ପ୍ରତିନିଧି ରାକେଶ କୁମାର ବିଶ୍ୱାଳ , କୈଳାସ ଚନ୍ଦ୍ର ନାୟକ, ମଙ୍ଗଳା ପ୍ରସାଦ ସାମନ୍ତରାୟ, ପ୍ରମୁଖ ଶତାଧିକ କର୍ମୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କଣାସ,(ସବ୍ୟୁ): ସୋମବାର କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶ୍ରୀମତୀ ମଞ୍ଜୁ ପଟ୍ଟନାୟକ ଅଧ୍ୟକ୍ଷତାରେ ଏକ ବିଦାୟକାଳୀନ ସଭ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧ୍ୟାପକ ଡମ୍ବରୁଧର ଚୁଆଳ ସିଂହ ଓ ମୁଖ୍ୟ କିରାଣୀ ପ୍ରଶାନ୍ତ ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।। ନିମନ୍ତ୍ରିତ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ସୁନିଲ କୁମାର ମିଶ୍ର, ପୂର୍ବତନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା, ବରିଷ୍ଟ ଅଧ୍ୟାପକ ବୃନ୍ଦାବନ ପାତ୍ର ଯୋଗଦେଇ ଶ୍ରୀ ଛୁଆଳସିଂହଙ୍କ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିବାବେଳେ ମୁଖ୍ୟ କିରାଣୀ ଶ୍ରୀ ପ୍ରଧାନ ଜଣେ ଉତ୍ତମ ସଭାବର ବ୍ୟକ୍ତିଥିଲେ ବୋଲି ପ୍ରଶଂସା କରିଥିଲେ । ଅନ୍ୟ ଅଧ୍ୟାପକ ମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ପଲେଇ, ପ୍ରମୋଦ କୁମାର ହୋତା, ଗଦାଧର ଶତପଥୀ, ଶ୍ରୀମତୀ ସନ୍ନିତା ହାତୀ, ବିପିନ ବିହାରୀ ବାରିକ, ନିରଞ୍ଜନ ସ୍ୱାଇଁ ସେମାନଙ୍କର ଭାବବିହ୍ୱଳ ଭାଷଣ ମାଧ୍ୟମରେ ବିଦାୟ ଅତିଥିମାନଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା ନେଇ ବିଶେଷ ଭାବେ ଚର୍ଚ୍ଚା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ପ୍ରଭାସ କୁମାର ମଙ୍ଗରାଜ । ଏହି କାର୍ଯ୍ୟକ୍ରମ ରେ ସମସ୍ତ ଛାତ୍ର ଛାତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।



# ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ର୍ଦିଘ ବର୍ଷ ଧରି କାର୍ଯ୍ୟରତ ଗ୍ରନ୍ଥାଗାରିକ ବଂଶୀଧର ହରିଚନ୍ଦନ ସୋମବାର କାର୍ଯ୍ୟରୁ ଅବସରଗ୍ରହଣ କରିଛନ୍ତି।ଏ ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧକ୍ଷା ଡ ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଅଧ୍ୟାପକ ବଳରାମ ସାହୁ ,ଭାଗିରଥି ମହାରଣା,ପ୍ରିୟରଞ୍ଜନ ରଥ, ଗୋପବନ୍ଧୁ ଚୌଧୁରୀଙ୍କ ସମେତ ଅନ୍ୟ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅବସରଗ୍ରହଣ କରିଥିବା ଗ୍ରନ୍ଥାଗାରିକ ଶ୍ରୀ ହରିଚନ୍ଦନଙ୍କୁ ଉପଢୌକନ,ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ରାଉଳପାଟଣା ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ଭକ୍ତିମୟ ପରିବେଶ

କୋଣାର୍କ ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ରାଉଳପାଟଣା ଗ୍ରାମର ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ପବିତ୍ର ରଥଯାତ୍ରା ଅବସରରେ ପ୍ରତ୍ୟେକ ଦିନ ରାମଲୀଳାରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ । ଭାରତୀୟ ସଂସ୍କୃତିର ମହାନ କାବ୍ୟ ରାମାୟଣର ପୌରାଣିକ ଗାଥାକୁ ରାମଲୀଳା ମାଧ୍ୟମରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଅଲୌକିକ ଗୁଣାବଳୀ ଓ ଅମ୍ଲାନ କୀର୍ତୀକୁ ବିଶଦ ଭାବରେ ପରିବେଷଣ କରାଯାଉଛି। ରାମଲୀଳାରେ ରାଉଳପାଟଣା ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଯାତ୍ରା ଅବସରରେ ରାମଲୀଳା ସହ ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହେଉଛି। ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରି ଆଶିଷ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି।

# ବର୍ଷା ଜଳ ଅବରୋଧକୁ ସଫାକଲେ ଗ୍ରାମବାସୀ

ବାରଙ୍ଗ (ସବ୍ୟୁ) : ସାମାନ୍ୟ ବର୍ଷା ହେଲେ ତ୍ରିଶୁଳିଆ ଗାଁମୁଣ୍ଡ ବର୍ଷାଜଳରେ ଭରି ରହି ଯାତାୟତରେ ବାଧକ ସାଜିଛି।କେବଳ ଗାଁମୁଣ୍ଡ ନୁହେଁ ଗାଁର ଚତୁର୍ପାସ ବର୍ଷଜଳ ଭରିରହି ଗ୍ରାମବାସୀମାନେ ଏକପ୍ରକାର ଜଳବନ୍ଦୀ ଭାବେ ବର୍ଷାଦିନେ ରହିଥାନ୍ତି ।ବର୍ଷାଜଳ ନିଷ୍କାସନ ସ୍ଥାନ ଗୁଡ଼ିକୁ ଜବରଦାଖଲ ହେବା ଓ ଡ୍ରେନରେ ଠିକ ଭାବେ ପାଣି ନଯିବାରୁ ଏହିଭଳି ପରିସ୍ଥିତି ଉପୁଜିଥାଏ।ବର୍ଷାଜଳ ନିଷ୍କାସନର ସ୍ଥାୟୀ ପ୍ରତିକାରପାଇଁ ଗ୍ରାମବାସି ମାନେ ବହୁବାର ପ୍ରଶାସନିକ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନଥିଲା। ଗତ ଦୁଇଦିନହେବ ବର୍ଷା ଲାଗିରହି ଥିବାରୁ ଜଳବନ୍ଦୀ ଭଳି ସ୍ଥିତି ତ୍ରିଶୁଳିଆ ଗ୍ରାମମୁଣ୍ଡରେ ଉପୁଜିଥିଲା ।ଏଥିରୁ ସାମୟିକ ଭାବେ ମୁକ୍ତିପାଇବା ପାଇଁ ଗ୍ରାମବାସୀମାନେ ନିଜ ପକ୍ଷରୁ ଉଦ୍ୟମ ଆରମ୍ଭ କରିଛନ୍ତି।ଶନିବାର ସନ୍ଧ୍ୟାରେ ବର୍ଷା କମିବା ପରେ ତ୍ରିଶୁଳିଆଗ୍ରାମବାସୀ ମାନେ ଜେସିବି ଲଗାଇ ବର୍ଷାଜଳକୁ ଅବରୋଧ କରିଥିବା ସ୍ଥାନକୁ ସଫା କରିଛନ୍ତି।ଏହାପରେ ଗ୍ରାମାମୁଣ୍ଡରେ ଜମି ରହିଥିବା ବର୍ଷା ଜଳ କମିବା ପରେ ଗ୍ରାମବାସୀ ଟିକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

# ନିଆରା ଢଙ୍ଗରେ ଅବସର କାଳୀନ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାସ ବିଦ୍ୟାଧର ପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୁରୁ ଗୌରବ ଉମା ଶଙ୍କର ମିଶ୍ରଙ୍କୁ ଏକ ନିଆରା ଢଙ୍ଗରେ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଛି। ଶିକ୍ଷକ ଶ୍ରୀଯୁକ୍ତ ମିଶ୍ରଙ୍କୁ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ବାଜା ବଜାର ଓ ବାଣ ଫୁଟାଇ ଦାସ ବିଦ୍ୟାଧର ପୁର, ପାଟଣା ସାହି, ଡାହାଳ ପଡା ଓ ବସନ୍ତ ପୁର ଗ୍ରାମ ସମେତ ଏହି ବିଦ୍ୟାଳରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନେ ନିଜ ନିଜ ଗ୍ରାମରେ ପରିକ୍ରମା କରିଥିଲେ ।ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚୌଧୁରୀ ମୋତିଲାଲ ରାୟ ମୁଖ୍ୟ ବକ୍ତା,ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସର୍ଣ୍ଣଲତା ତ୍ରିପାଠୀ ,ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମିଶ୍ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ରଥ ଓ ଲକ୍ଷ୍ମୀଧର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅତିଥି ମାନେ ଶିକ୍ଷକ ଶ୍ରୀଯୁକ୍ତ ମିଶ୍ରଙ୍କର କର୍ମମୟ ଜୀବନ, ଛାତ୍ର ବତ୍ସଳତା, ସମୟାନୁବର୍ତ୍ତିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶିକ୍ଷକ କବି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବଧି ସରିଲାଣି : ସରୁନି ବ୍ରିଜ କାର୍ଯ୍ୟ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଦା ନିକଟ ଦୟାନଦୀରେ ନିର୍ମାଣ ହେଉଥିବା ବ୍ରିଜ କାର୍ଯ୍ୟ ଅବଧି ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ସରୁନଥିବା ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ୨୦୨୦ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬କୋଟି ବେୟ ବରାଦରେ ଏହି କାର୍ଯ୍ୟ ଆରମ୍ଭ କରାଯାଇ ଦୁଇ ବର୍ଷ ମଧ୍ୟରେ ଶେଷକରିବା ପାଇଁ ଧାର୍ଯ୍ୟ ରଖାଯାଇଥିଲା ।ହେଲେ ପରିତାପର ବିଷୟ ଆଜକୁ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଗଡିଶାଗୋଦାରେ ଥାନା,ଡାକ୍ତରଖାନ, ବିଦ୍ୟାଳୟ ଓ ସାପ୍ତାହିକ ହାଟ ହେଉଥିବା ବେଳେ ଆଖ ପାଖ ପଞ୍ଚାୟତ ଗଡ଼ଖାରଦ, ଦେଇପୁର, ବଡାଲ,କାଦୁଆ,ଗୋପୀନାଥପୁର, ସାହୁପଡ଼ା ,ବକୁ ଆଦି ପଞ୍ଚାୟତ ଜନ ସାଧାରଣ ଥାନା ଓ ଡାକ୍ତରଖାନା ଉପରେ ନିର୍ଭର କରୁଥିବା ବେଳେ ଜଗୁଲାଇପଦର, କଳାପଦର ଓ ଅନ୍ୟାନ୍ୟ ଗ୍ରାମର ପିଲାମାନେ ଗଙ୍ଗା ପାର ହୋଇ ବିଦ୍ୟାଳୟକୁ ଆସୁଥିବା ବେଳେ ଦୟାନଦୀରେ ବ୍ରିଜ ନିର୍ମାଣ ବିଳମ୍ବ ହୋଇଥିବାରୁ ଲୋକମାନେ ଓ ଛାତ୍ର ଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସେପଟେ ନିର୍ମାଣ କରୁଥିବା ଠିକାଦାର କୁହନ୍ତି ସ୍ଥାନୀୟ ଲୋକଙ୍କ ଜମି ଅଧିଗ୍ରହଣ ହୋଇପାରୁଥିବା ଯୋଗୁ ବ୍ରିଜ କାର୍ଯ୍ୟ ସରିପରୁନାହିଁ ।ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ମହାପ୍ରଭୁ ପତିତପାବନଙ୍କ ବରାହ ଅବତାର

ଦଶପଲ୍ଲା ,(ସବ୍ୟୁ): ତୃତୀୟ ଦିବସରେ ଆଡ଼ପ ମଣ୍ଡପ ରେ ମହାପ୍ରଭୁ ପତିତପାବନ ଭକ୍ତମାନଙ୍କୁ ବରାହ ଅବତାର ରେ ଦର୍ଶନ ଦେଇଛନ୍ତି । ବରାହ ଅବତାର ମହାପ୍ରଭୁ ବିଷ୍ଣୁ ଙ୍କ ତୃତୀୟ ଅବତାର । ପୌରାଣିକ କଥାବସ୍ତୁ ଅନୁଯାୟୀ, ସତ୍ୟ ଯୁଗରେ ଧରାପୃଷ୍ଠରେ ଦୁଇ ଅସୁର ଭାଇ ହୀରଣ୍ୟ କସ୍ୟପ ଓ ହୀରଣାକ୍ଷଙ୍କ ଦୌରାତ୍ମ୍ୟ ବଢିବାକୁ ଲାଗିଥାଏ, ଅସୁର ହୀରଣାକ୍ଷ ର ଦୌରାତ୍ମ୍ୟ ଦେବତା ଗଣଙ୍କୁ ଭୟଭିତ କରିଥିବା ବେଳେ ସମଗ୍ର ଜଗତରୁ ବିଷ୍ଣୁଶତାକୁ



ପୂଜାର୍ଚନା କରିଥିବା ମାନବ ଏବଂ ଦେବଗଣ ଙ୍କୁ ଧ୍ୱଂସ କରିଦେବା ପାଇଁ ପ୍ରଳୟ ସୃଷ୍ଟି କରି ପୃଥିବୀକୁ ରସାତଳ ଗାମୀ କରିବାକୁ ପ୍ରୟାସ କରୁଥିଲା । ଏହା ଜାଣିପାରି ସଂସାର କୁ ଉଦ୍ଧାର କରିବା ପାଇଁ ଭଗବାନ ବିଷ୍ଣୁ ବରାହ ଅବତାର ଧାରଣ କରି ପୃଥିବୀକୁ କୁ ଉଦ୍ଧାର କରିଥିଲେ । ବିଭିନ୍ନ ସମୟ ରେ ସଂସାର ଓ ଜୀବଜଗତ କୁ ଉଧାର କରିବା ପାଇଁ ଭଗବାନ ବିଷ୍ଣୁ ବିଭିନ୍ନ ରୂପ ଧାରଣ କରିଥିବା ବେଳେ ଏହି ବରାହ ଅବତାର ଅନ୍ୟତମ । ଏହି ବରାହ ଅବତାର ଦେଖିବା ପାଇଁ ଆଡ଼ପ ମଣ୍ଡପ ରେ ବହୁ ଶ୍ରଦ୍ଧାଳୁ ଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ସେବା ନିବୃତ୍ତ ସମ୍ବର୍ଦ୍ଧନା

ବୋଲଗଡ଼,(ସବ୍ୟୁ): ବେଗୁନିଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ପ୍ରତିମା ପ୍ରଧାନଙ୍କ ଅବସର ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ଶିକ୍ଷୟତ୍ରୀ ସୁପ୍ରିୟା ସାହୁ ଆବାହକତ୍ୱରେ ସଭାରେ ଶିକ୍ଷକ ସ୍ମୃତି ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଧାନ କରିଥିଲେ ବିଶରୂପା ପଣ୍ଡା ଓ ଭବାନୀ ପ୍ରଧାନ ଆବାହନୀ ସଙ୍ଗୀତ ଗାନ କରିଥିଲେ । ମାନସ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ସତନ୍ତ୍ର ଅତିଥି ରୂପେ ପ୍ରକାଶ ଚନ୍ଦ୍ର ବଳିଆରସିଂହ ସମିତି ସଭ୍ୟ,ବେଗୁନିଆ ଗ୍ରାମ ପଞ୍ଚାୟତ, ରବୀନ୍ଦ୍ର କୁମାର ମହାପାତ୍ର ସଭାପତି, ମିଳିତ ପ୍ରାଥମିକ ଶିକ୍ଷକ ସଂଘ,ବେଗୁନିଆ, ବିଷ୍ଣୁ ପ୍ରସାଦ ମିଶ୍ର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଦିଲ୍ଲୀପ କୁମାର ମହାପାତ୍ର ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭୁ ପ୍ରସାଦ ସାହୁ ରାଜ୍ୟ ସମ୍ପାଦକ (ପିଷ୍ଟା),ଯୋଗଦାନ କରିଥିଲେ ।ସେହିପରି ସମ୍ମାନିତ ଅତିଥି ରୂପେ କୈଳାଶ ଚନ୍ଦ୍ର ସେଠୀ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ,ବେଗୁନିଆ, ନଳିନୀ ପ୍ରଭା ଦେବୀ ଭାର ପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ,ସନ୍ଧ୍ୟାରାଣୀ ରଥ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ,ଶ୍ରୀଯୁକ୍ତ ଯୋଗେଶ୍ୱର ସୁନ୍ଦରାୟ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ବେଗୁନିଆ,ଶ୍ରୀଯୁକ୍ତ ଭାଗୀରଥି ପରିଡ଼ା ଅବସର ପ୍ରାପ୍ତ ସହକାରୀ ଶିକ୍ଷକ ଉମାକାନ୍ତ ନାୟକ ମୁଖ୍ୟ ସଚେତକ ଗଣ ଶିକ୍ଷକ ସଂଘ ଓଡ଼ିଶା ରବୀନ୍ଦ୍ରନାଥ ସାହୁ ସମ୍ପାଦକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ,ବେଗୁନିଆ ସରୋଜ କୁମାର ବେହେରା ସମ୍ପାଦକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ,ବେଗୁନିଆ, ବସନ୍ତ ପ୍ରହରାଜ ଯୋଗ ଦେଇଥିଲେ। ଗୋପୀନାଥ ସେଠୀ , କବି ପ୍ରସନ୍ନ ମଣ୍ଡଳ,କବି କାଶୀନାଥ ପଟ୍ଟନାୟକଙ୍କ ଦାରା ସଂଯୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ମଲ୍ଲି ରାଉତ, ଜଗଦୀଶ ଚନ୍ଦ୍ର ପାତ୍ର,ଲକ୍ଷ୍ମୀଧର ମହାରଣା,ସୋମନାଥ ସାହୁ ,ଶିକ୍ଷୟତ୍ରୀ ବାସନ୍ତୀ ସାହୁ, ଶ୍ରୀକୁମାର ସାହୁ, ଝୁନୁବାଳା ପଣ୍ଡା ତଥା ଅନେକ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟତ୍ରୀ ବହୁଳ ମାତ୍ରାରେ ଯୋଗଦାନ କରିଥିଲେ ଶେଷରେ ଗାୟକ ପ୍ରଦୀପ୍ତ କିଶୋର ତ୍ରିପାଠୀ ଉଦଯାପନୀ ସଙ୍ଗୀତ ଗାନ କରିଥିଲା ବେଳେ ସହକାରୀ ଶିକ୍ଷୟିତ୍ରୀ ସୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅଲ ଓଡ଼ିଶା ପାକ୍ସ ଲାମ୍ପସ ଫେଡେରସେନ ସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଙ୍କୁ ସାଗତ ସମ୍ବର୍ଦ୍ଧନା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମୁଲିଝରଗଡ ସ୍ଥିତ ଉଗ୍ରତାରା ମନ୍ଦିର ନିକଟରେ ଖୋର୍ଦ୍ଧା ଜିଲ୍ଲା ସେବା ସମବାୟ ସମିତି କର୍ମଚାରୀ ସଂଘ ତରଫରୁ ରାଜ୍ୟ ସମବାୟ ସଂଯୋଜକ ତଥା ଅଲ ଓଡ଼ିଶା ପାକ୍ସ ଲାମ୍ପସ ସଂଘର ର ସଭାପତି ଶ୍ରୀରଞ୍ଜନ ମଙ୍ଗରାଜକୁ ଖୋର୍ଦ୍ଧା ଜିଲ୍ଲା ତରଫରୁ ସୋମବାର ଦିନ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ସୁଶାନ୍ତ କୁମାର ପଣ୍ଡା ଅତିରିକ୍ତ ସଚିବ ସମବାୟ ବିଭାଗ ଓଡ଼ିଶା , ଅଲ ଓଡିଶା ପାକ୍ସ ଲ୍ୟାମ୍ପସ ଫେଡେରେସନର ସଭାପତି ଶ୍ରୀ ରଞ୍ଜନ ମଙ୍ଗରାଜ , ବରିଷ୍ଠ ସମବାୟ ବିତ ଏକ ଧାରାରେ ସମବାୟ ସ୍ତମ୍ଭାକର,ଲେଖକ ପ୍ରତାପ ସାମଲ , ଜୟ ମଙ୍ଗଳ ସେବା ସମବାୟ ସମିତିର ସଭାପତି ତଥା ଉତ୍କଳ ପାଇକ ମହା ସଂଘ ର ସଭାପତି କୃଷ୍ଣ ଚନ୍ଦ୍ର ହରିଚନ୍ଦନ , ପୂର୍ବତନ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭ୍ୟ ଓ ବହୁ ବାର ନିର୍ବାଚିତ ହୋଇଥିବା କୁହୁଡି ସେବା ସମବାୟ ସମିତିର ପୂର୍ବତନ ସଭାପତି ଶ୍ରୀଯୁକ୍ତ ପବିତ୍ର ମୋହନ ଭୂଜୁବଳ , ଅଲ ଓଡିଶା ପାକ୍ସ ଲ୍ୟାମ୍ପାସ ଫେଡେରେସନ ରାଜ୍ୟ ଉପସଭାପତି ବାଲେଶ୍ୱର ଜିଲ୍ଲାର ଚନ୍ଦ୍ର ଶେଖର ନାୟକ ଏବଂ ରାଜ୍ୟ ଉପସଭାପତି ଦୁଷ୍ମନ୍ତ କୁମାର ମହାପାତ୍ର ଖୋର୍ଦ୍ଧା ଜିଲ୍ଲା , ଏବଂ ଖୋର୍ଦ୍ଧା ଜିଲ୍ଲା ର ସମସ୍ତ ସଭାପତି ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ପ୍ରଥମେ ରାଜ୍ୟ ଉପସଭାପତି ଦୁଷ୍ମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିବା ପାଇଁ ଦୁଷ୍ମନ୍ତ କୁମାର ମହାପାତ୍ର କରିଥିବାବେଳେ ଓଡ଼ିଶା ରାଜ୍ୟ ସରକାର ଙ୍କ ଦାରା ପ୍ରଚଳିତ କ୍ୟାଡ଼ର ନିୟମ ସମିତି କର୍ମଚାରୀ ଙ୍କ ପାଇଁ ଏକ ବାଟ ଫିଟିଛି ଏହାକୁ ବିରୋଧ ନ କରି ଖୋର୍ଦ୍ଧା ଜିଲ୍ଲା ର ସମସ୍ତ କାର୍ଯ୍ୟରତ କର୍ମଚାରୀ ସହଯୋଗ କରିବା ପାଇଁ ଆହାନ ଦେଇଥିଲେ । ।ପରିଶେଷରେ ଜଗନ୍ନାଥ ଓଝା ନୂଆଗଡ ସେବା ସମବାୟ ସମିତି ର କାର୍ଯ୍ୟରତ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।




# ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ମାଡ଼

ନିରାକାରପୁର,(ସବ୍ୟୁ) ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଞ୍ଚଳକୁ ଖାଦ୍ୟ ପଦାର୍ଥ ଯାଞ୍ଚ କରିବାକୁ ଟାଙ୍ଗୀ ଖାଦ୍ୟ ନିରାପତ୍ତା ଅଧିକାରୀ ଆସିଥିବାବେଳେ ଗୋଟିଏ ରାସନ ଦୋକାନୀ ତାଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ କି ରାଜ୍ୟର ବିଭିନ୍ନ ଜିଲ୍ଲାରେ ହଇଜା ରୋଗ ବ୍ୟାପୁଥିବାରୁ ଖାଦ୍ୟ ନିରାପତ୍ତା ଅଧିକାରୀମାନେ ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା ବିଭିନ୍ନ ଦୋକାନ , ହୋଟେଲ ଉପରେ ଚଢ଼ାଉ କରି ବିକ୍ରୀ ହେଉଥିବା ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରୁଥିବା ଦେଖିବାକୁ ମିଳୁଛି। ଟାଙ୍ଗୀ ବ୍ଲକ ଖାଦ୍ୟ ନିରାପତ୍ତା ଅଧିକାରୀ ଦେବାଶିଷ ବଳ ନିରାକାରପୁର ଅଞ୍ଚଳ କୁ ଯାଞ୍ଚ ଉଦ୍ଦେଶ୍ୟରେ ଆସିଥିବାବେଳେ ପ୍ରଥମେ ପାଦୁକାଇ ରାସନ ଦୋକାନ ରେ ପଶି ଯାଞ୍ଚ କରୁଥିବା ବେଳେ ଦୋକାନୀ ମାଲିକ ଯାଞ୍ଚ ଅଧିକାରୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରି ମାଡ ମାରିଥିବା ନିରାକାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ କେସ ନଂ ୧୪୨ /୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜଳିଗଲା ଗୁହାଳ : ଗାଈ ଜୀବନ୍ତ ଦଗ୍ଧ

ଅସ୍ତରଙ୍ଗ ,(ସବ୍ୟୁ) :ଶନିବାର ବିଳମ୍ବିତ ରାତିରେ ମଶା ଧୂଆଁରୁ ନିଆଁ ଲାଗି ଅସ୍ତରଙ୍ଗ ଥାନା ମାଳଦା ଗ୍ରାମର ମହେଶ୍ୱର ବିଶାଳଙ୍କ ଗୁହାଳ ସମ୍ପୂର୍ଣ ଜଳି ଯାଇଛି। ଏହି ଅଗ୍ନିକାଣ୍ଡରେ ଗୁହାଳରେ ବନ୍ଧା ହୋଇଥିବ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି। ଏ ନେଇ ଶ୍ରୀ ବିଶ୍ୱାଳ ଅସ୍ତରଙ୍ଗ ତହସିଲଦାର ଓ ପ୍ରାଣୀଧନ ମୁଖ୍ୟ ଚିକିତ୍ସକଙ୍କୁ ଲିଖିତ ଭାବେ ଅବଗତ କରାଇ ସହାୟତା ପାଇଁ ନିବେଦନ କରିଛନ୍ତି। ବିଳମ୍ବିତ ରାତି ୨ଟା ରେ ଗୁହାଳ ଜଳି ଯାଉଥିବା ଦେଖି ପରିବାର ଲୋକ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗୁହାଳ ସମେତ ଗାଈଟି ସମ୍ପୂର୍ଣ ପୋଡ଼ିଯାଇଥିଲା।

# ବିଜେପି କାର୍ଯ୍ୟାଳୟରେ ମନକି ବାତ୍

ଦଶପଲ୍ଲା,(ସବ୍ୟୁ) :ଦଶପଲ୍ଲା ବିଜେପି କାର୍ଯ୍ୟାଳୟ ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ମନ କି ବାତ ରେ ପ୍ରଧାନ ମନ୍ତ୍ରୀ ଦେଶ ର ବିକାଶ ତଥା ବିଭିନ୍ନ ରାଜ୍ୟ ର ବିକାଶ ପାଇଁ ପ୍ରସ୍ତୁତ ହୋଇଥିବା ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଶେଷ ଭାବେ ବିଜେପି ଶାସନ ସମୟ ରେ ଆମ ଦେଶ ଓ ଆମରାଜ୍ୟ ରେ ହେଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କ ରେ ଜାଣିବା ପାଇଁ ବିଭିନ୍ନ ସ୍ତରର ଲୋକ ମାନଙ୍କୁ ଏହି ମନ କି ବାତ କାର୍ଯ୍ୟକ୍ରମ ରେ ସାମିଲ କରାଯାଉଛି । ଏହି କାର୍ଯ୍ୟକ୍ରମ ରେ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ,ନଗର ସଭାପତି ମନୋଜ ସାହୁ ଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୭/୦୫)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )

**ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ ।**
**ଦମ୍ଭାହଂକାରସଂଯୁକ୍ତାଃ କାମରାଗବଲାନ୍ୱିତାଃ ।।୫।।**

ଯେଉଁସବୁ ଅବିବେକୀ ମନୁଷ୍ୟ ଦମ୍ଭ ଓ ଅହଂକାର ପରବଶ ହୋଇ ଏବଂ କାମନା, ଆସକ୍ତି ଓ ଆଗ୍ରହଯୁକ୍ତ ହୋଇ (ବଅଥା ଉପବାସାଦିଦ୍ୱାରା) ଦେହସ୍ଥ ପୃଥିବ୍ୟାଦି ଭୂତଗଣଙ୍କୁ ଏବଂ ଶରୀର ମଧ୍ୟରେ ଅନ୍ତର୍ଯ୍ୟାମୀରୂପରେ ଅବସ୍ଥିତ ମୋତେ (ମୋର ଆଦେଶ ଲଂଘନ ପୂର୍ବକ) ପୀଡ଼ା ଦେଇ ଅଶାସ୍ତ୍ରବିହିତ ଉତ୍କଟ ତପସ୍ୟା କରନ୍ତି, ସେମାନଙ୍କୁ ତୁମେ ଅତି କ୍ରୂରପ୍ରକୃତିର ବୋଲି ଜାଣିବ ।

# ଦଳାଚକଟାରେ ମୃତାହତ, କାହିଁକି ଏପରି ହେଲା ?

**ସମ୍ପାଦକୀୟ**

ଅତୀତରେ ରଥଯାତ୍ରାବେଳେ ଦଳାଚକଟା ହୋଇଛି । ଅନେକ ଶ୍ରଦ୍ଧାଳୁ ପ୍ରାଣ ମଧ୍ୟ ହରାଇଛନ୍ତି । କିନ୍ତୁ ଏଥର କାହିଁକି ଏପରି ହେଲା ? ଶରଧାବାଲିରେ ରଥାରୂଢ଼ ଜିଉମାନଙ୍କ ପହଡ଼ ଫିଟାଇବାବେଳେ ପ୍ରାୟ ଭୋରରୁ ଏପରି ଦଳାଚକଟା ଆରମ୍ଭ ହୋଇ ତିନି ଜଣ ପ୍ରାଣ ହରାଇଲେ ଏବଂ ଆହୁରି କେତେ ଜଣ ଆହତ ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି ପୁରୀ ଡାକ୍ତରଖାନାରେ । ଅତ୍ୟନ୍ତ ଦୁଃଖଦାୟକ ଘଟଣା ଘଟିଗଲା । ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପରେ ଓ ପ୍ରଧାନମନ୍ତ୍ରୀ ଆସି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିବାର ସାତଦିନ ପରେ ଏପରି ଘଟଣା ଘଟିବା ଉଚିତ ନ ଥିଲା । ଏଥିପାଇଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିଜେ କ୍ଷମା ମାଗିଛନ୍ତି । ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା ମଧ୍ୟ କରିଛନ୍ତି । ଏହା ତାଙ୍କର ମହତପଣିଆ ହୋଇପାରେ । ମାତ୍ର ପ୍ରଶାସନିକ ଦୋଷ ତ୍ରୁଟି ପ୍ରତି ରାଜ୍ୟ ସରକାର ସମ୍ଭବତଃ ସଜାଗ ରହି ପାରି ନ ଥିଲେ । ଫଳରେ କେତେଜଣ ଦଳାଚକଟାରେ ଆହତ ହୋଇଛନ୍ତି, ସେ ବିଷୟରେ କୌଣସି ସ୍ପଷ୍ଟ ସୂଚନା ଠିକ୍ ସମୟରେ ମିଳିପାରିଲା ନାହିଁ । ଯେଉଁ ପରିସ୍ଥିତିରେ ଏପରି ଅଘଟଣ ଘଟିଲା, ତାହାକୁ ପ୍ରସାଶନ ବା ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ବା କର୍ମଚାରୀମାନେ ଯେ ସମ୍ଭାଳି ପାରିଲେ ନାହିଁ, ଏ କଥା ଆମକୁ ସ୍ୱୀକାର କରିବାକୁ ହେବ । ସତରେ କି ଦୟନୀୟ ଅବସ୍ଥା ସୃଷ୍ଟି ହୋଇନଥିଲା ? ପ୍ରାୟ ଘଣ୍ଟାଏ କାଳ ଲୋକେ ପ୍ରାଣ ବିକଳରେ ଏପଟସେପଟ ଦୌଡ଼ିଲେ । ଅଣନିଃଶ୍ୱାସୀ ବି ହେଲେ ଆଉ ଦଳାଚକଟାରେ ପ୍ରାଣ ହରାଇଲେ । ଏହା ତ ରଥଯାତ୍ରା ପରଦିନର ଘଟଣା । ରଥଯାତ୍ରା ଦିନ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ପାରି ନଥିଲା । ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ କର୍ଡ଼ନ ପାସ୍ ଦେଇ ଛାଡ଼ିବା ପରେ ମଧ୍ୟ ପୁଲିସ ରାଜ୍ୟସ୍ତରୀୟ ସାମ୍ବାଦିକମାନଙ୍କୁ କର୍ଡ଼ନ ଭିତରକୁ ଛାଡ଼ି ନ ଥିଲା ବରଂ ଠେଲାପେଲା କରିଥିଲା । ଏପରି ଘଟଣା ପୂର୍ବରୁ କେବେ ଘଟି ନ ଥିଲା ।

ଦୁଃଖ ଲାଗେ, ରଥଯାତ୍ରା ସମୟରେ ଟ୍ରାଫିକ କଟକଣା କରାଯାଇ ସମ୍ବାଦପତ୍ର ପୃଷ୍ଠାରେ ପୁରା ଗୋଟିଏ ପୃଷ୍ଠାର ଯେଉଁ ବିଜ୍ଞାପନ ରାଜ୍ୟ ସରକାର ପ୍ରକାଶ କଲେ, ତାହାକୁ କେହି ବୁଝିପାରିଲେ ନାହିଁ । କିନ୍ତୁ ମାଳତିପାଟପୁର ଠାରୁ ଟ୍ରାଫିକ୍ ଜାମ୍ ଯୋଗୁଁ ଗାଡ଼ି ଆଉ ଆଗେଇ ପାରିଲା ନାହିଁ । ଅନେକ ଲୋକ ଅଗତ୍ୟା ବସ୍‌ରୁ ଓହ୍ଲାଇ ପ୍ରାୟ ଦଶ କିଲୋମିଟର ବା ଅଧିକ ରାସ୍ତା ଚାଲି ଚାଲି ଯାଇଛନ୍ତି । ପୁରୀ ଗୋଟିଏ ଛୋଟ ସହର । ବମ୍ବେ ପରି ମହାନଗର ନୁହେଁ କି ବମ୍ବେର ଚଉପାଟୀ ବା ମାଡ୍ରାସର ମେରିନା ବିଚ୍ ପରି ସମୁଦ୍ର କୂଳ ଅତି ବଡ଼ ନୁହେଁ । ରଥଯାତ୍ରା ଦିନ ଅସମ୍ଭବ ଭିଡ଼ ହୋଇଥିବାରୁ ଲୋକମାନଙ୍କୁ ସମୁଦ୍ରକୂଳକୁ ଯିବାକୁ ମଧ୍ୟ ଛଡ଼ାଗଲା ନାହିଁ । ଅବଶ୍ୟ ବିପଦ ଏଡାଇବାକୁ ରାଜ୍ୟ ସରକାର ତାହା ସମ୍ଭବତଃ କରିଥିବେ । ମାତ୍ର କିଛି ଲୋକଙ୍କ ପାଇଁ ସମୁଦ୍ର କୂଳ ହିଁ ଆକର୍ଷଣୀୟ ସ୍ଥାନ । ସେମାନଙ୍କୁ ସମୁଦ୍ର କୂଳକୁ ଛଡା ଯାଇଥିଲେ ପୁରୀ ରଥଯାତ୍ରା ଭିଡ଼ ସାମାନ୍ୟ ହ୍ରାସ ପାଇଥା'ନ୍ତା ।

ବଡ଼ କଥା ହେଉଛି, ଶ୍ରୀମନ୍ଦିରର ପରିଚାଳନା କମିଟି ଗଠିତ ହୋଇନଥିଲା । ପରିଚାଳନା କମିଟି ରହିଥିଲେ, ସେମାନେ ରଥଯାତ୍ରା ସମୟରେ ବିଭିନ୍ନ ଦାୟିତ୍ୱ ନିଜ ନିଜ ଭିତରେ ବାଣ୍ଟି ନେଇ ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ଉଦ୍ୟମ କରିଥା'ନ୍ତେ । ପୁରୀ ରାଜା ଯିଏ କି ମନ୍ଦିର ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ, ତାଙ୍କୁ ବିଭିନ୍ନ ସମୟରେ ପରାମର୍ଶ ମଧ୍ୟ କରାଯାଇ ପାରିଥା'ନ୍ତା । ଅନେକ ଅଭିଜ୍ଞ ଓ ଜାଣିବା ଶୁଣିବା ଲୋକଙ୍କୁ ରଥଯାତ୍ରା ସମୟରେ ମଧ୍ୟ ସାହାଯ୍ୟ କରିବାକୁ ଡକାଯାଇ ପାରିଥାନ୍ତା ।

ସେ ଯାହାହେଉ, ପୁରୀ ଜିଲ୍ଲାପାଳ ଓ ଏସ୍.ପିଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବଦଳି କରି ଜଣେ ଡି.ଏସ୍.ପି. ପାହ୍ୟାର ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି । ଏହା ଏକ ସମୟୋଚିତ ପଦକ୍ଷେପ ନିଶ୍ଚୟ । ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କୁ ମଧ୍ୟ ଏହି ଘଟଣାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଯେଉଁ ମୁଖ୍ୟମନ୍ତ୍ରୀ ପ୍ରଥମ କ୍ୟାବିନେଟ ବୈଠକରେ ଶ୍ରୀମନ୍ଦିରର ଚାରିଦ୍ୱାର ଫିଟାଇବା ପାଇଁ ରାତିରେ ନିଷ୍ପତ୍ତି ନେଇ, ତହିଁ ପରଦିନ ସକାଳେ ଯାଇ ସିଂହଦ୍ୱାର ଫିଟାଇଥିଲେ । ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଜରିଆରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ମଧ୍ୟ ପ୍ରତିଶୃତି ଦେଇଥିଲେ, ସେହି ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଉତ୍ସବମାନଙ୍କରେ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବେ ବୋଲି ଓଡ଼ିଶାର ଜନସାଧାରଣ ତାଙ୍କ ଉପରେ ଭରସା ରଖିଛନ୍ତି ।

## ଜୀବନର ସମାପ୍ତି

**ତୁମକୁ ସମସ୍ତେ ଛାଡ଼ି ଚାଲିଗଲା ପରେ ଶେଷକୁ ଯିଏ ହିଁ କେବଳ ତୁମର ହୋଇ ରହିବ, ସେ ହେଲା ମୁଁ (ଈଶ୍ୱର)**

*ସଂଗ୍ରାହକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଦଶାବତାର କ୍ଷେତ୍ର ଓ ଯାତ୍ରା

**ବୈଷ୍ଣବ ଚରଣ ଦାଶ**



ଶ୍ରୀମଦ୍‌ଭଗବଦ୍ ଗୀତାରେ ଭଗବାନ୍ ବାରମ୍ବାର ଅବତାର ନେଉଥିବା କଥା ଉଲ୍ଲେଖ ରହିଛି– 'ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।' ବିଭିନ୍ନ ସମୟରେ ପୃଥିବୀକୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ଅନେକ ଅବତାର ନେଇଥିଲେ । ତନ୍ମଧ୍ୟରୁ ବହୁ ଶାସ୍ତ୍ରରେ ଦଶ ଅବତାର କଥା ବର୍ଣ୍ଣିତ ହୋଇଛି । ସେଗୁଡିକ ହେଲା– ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧଦେବ, କଳ୍କୀ । ଦଶାବତାର ସମ୍ପର୍କରେ ବହୁ ଶାସ୍ତ୍ରରେ ଉଲ୍ଲେଖ ରହିଅଛି । ଋକ୍‌ବେଦରେ 'ତ୍ରିଣି ପଦା ବିଚକ୍ରମେ ବିଷ୍ଣୁର୍ଗୋପା ଅଦାଭ୍ୟଃ' ବାକ୍ୟଦ୍ୱାରା ବିଷ୍ଣୁଙ୍କ ବାମନ ଅବତାର କଥା ଜଣାଯାଇଛି । ଐତେରୀୟ ବ୍ରାହ୍ମଣ ଓ ତୈତିରୀୟ ସଂହିତାରେ ବାମନ ଅବତାରଙ୍କ ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି । କେତେକ ବ୍ରାହ୍ମଣ ଓ ଆରଣ୍ୟକରେ ବରାହ, ମତ୍ସ୍ୟ, କୂର୍ମ, ନୃସିଂହ ଅବତାରଙ୍କ ବର୍ଣ୍ଣନା ଦେଖିବାକୁ ମିଳେ । ଶତପଥ ବ୍ରାହ୍ମଣରେ ମତ୍ସ୍ୟ ଓ କୂର୍ମ ଅବତାରଙ୍କ ବର୍ଣ୍ଣନା ରହିଛି । ମହାଭାରତରେ ମଧ୍ୟ ଦଶାବତାର ବର୍ଣ୍ଣନା ଦେଖିବାକୁ ମିଳେ । ମହାଭାରତରେ କଳ୍କୀ ଅବତାରର ଉଲ୍ଲେଖ ଥିଲେ ମଧ୍ୟ ବୁଦ୍ଧଙ୍କୁ ବିଷ୍ଣୁଙ୍କ ଅବତାର ଭାବେ ଗ୍ରହଣ କରାଯାଇନାହିଁ ।

ମହାକବି ଶ୍ରୀହର୍ଷକୃତ 'ନୈଷଧୀୟ ଚରିତମ୍' ମହାକାବ୍ୟରେ ନଳରାଜା ୪୦ଟି ଶ୍ଳୋକରେ ଦଶାବତାରଙ୍କ ସ୍ତୁତି କରିଛନ୍ତି । ୧୪ଶ ଶତାବ୍ଦୀରେ ଲିଖିତ ସ୍କନ୍ଦ ପୁରାଣ ଅନ୍ତର୍ଗତ ଉତ୍କଳଖଣ୍ଡରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ପୌରାଣିକ ଗୌରବ ଓ ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି, ଯେଉଁଥିରେ ଏହାକୁ ଦଶାବତାର କ୍ଷେତ୍ର ଭାବେ ବର୍ଣ୍ଣନା କରାଯାଇଛି ।

''ଏତଦ୍ରହସ୍ୟ ପରମଂ ପୁତ୍ର ତେ କଥିତଂ ମୟା' । ଦଶାବତାରକ୍ଷେତ୍ରସ୍ୟ ମାହାତ୍ମ୍ୟଞ୍ଚ ସୁଗୋପିତମ୍ ।'

ଉତ୍କଳର ଜୟଦେବଙ୍କ ଗୀତଗୋବିନ୍ଦ କାବ୍ୟରେ ମଧ୍ୟ ଦଶାବତାରର ବିସ୍ତୃତ ବର୍ଣ୍ଣନା କରାଯାଇଛି । ଲଳିତ ଛନ୍ଦ, ସୁମଧୁର ପଦାବଳୀର ପ୍ରୟୋଗରେ ଜୟଦେବ ଅବତାରମାନଙ୍କ ବିଷୟରେ ଲେଖିଯାଇଛନ୍ତି । 'ସିଦ୍ଧାନ୍ତ ଦର୍ପଣ'ରେ ମଧ୍ୟ ଦଶାବତାର ସ୍ତୋତ୍ର ରଚିତ ହୋଇଚି । ଶଙ୍କରାଚାର୍ଯ୍ୟ ମଧ୍ୟ ଦଶାବତାରକୁ ନେଇ ସ୍ତୋତ୍ର ଲେଖି ଯାଇଛନ୍ତି । ଦୀନକୃଷ୍ଣ ଦାସ ତାଙ୍କ 'ରସକଲ୍ଲୋଳ' କାବ୍ୟରେ କହିଛନ୍ତି– ଶ୍ରୀଜଗନ୍ନାଥ ହେଉଛନ୍ତି 'ଅବତାରୀ' । ସେ ଦଶ ଅବତାରଙ୍କର ଜନକ । କାରଣ ମତ୍ସ୍ୟ, କଚ୍ଛପ, ବରାହ ଓ ନୃସିଂହ ଆଦି ଦଶ ଅବତାର ତାଙ୍କଠାରୁ ଜାତ ହୁଅନ୍ତି । କବି କହିଛନ୍ତି–

'କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ
କରିବାକୁ ଜାତ ଜଗନ୍ନାଥ ଜନକ ।''

ଏହା ଶ୍ରୀଜଗନ୍ନାଥଙ୍କର ଗୋଟିଏ ଲୀଳା । ଅଚ୍ୟୁତାନନ୍ଦ ଦାସ ମଧ୍ୟ ଏ ସଂପର୍କରେ ଲେଖିଛନ୍ତି– 'ଅବତାର ଦଶ ଏହି ଦାରୁରୂପ ଏହି ଦାରୁରେ ସେ ଲୀନ / ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ ବିଜେ ରତ୍ନସିଂହାସନ ' । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ କହିଛନ୍ତି– ଶ୍ରୀଜଗନ୍ନାଥ ହିଁ 'ଦଶ ଅବତାର ଲୀଳା' ରଚନା କରନ୍ତି ଏବଂ ସେହି ଲୀଳା ମାଧ୍ୟମରେ ବିଭିନ୍ନ ଯୁଗର କଥା ଦେଖାନ୍ତି ।

'ଦଶ ଅବତାର ଲୀଳା ଯାତ୍ରା ବିରଚିନ
ଜନଙ୍କୁ ଦେଖାନ୍ତି ଯୁଗାନ୍ତର କଥାମାନ ।'
(୧/୨୩)

ଦଶ ଅବତାରର ସୃଷ୍ଟି ବିଷୟରେ ଏପରି କୁହାଯାଏ ।

***ମତ୍ସ୍ୟ ଅବତାର:*** ଏହି ଅବତାରରେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ନେଇଥିଲେ । ଏହା ଭଗବାନଙ୍କର ପ୍ରଥମ ଅବତାର ଅଟେ । ମାନ୍ୟତା ରହିଛି ଯେ, ଥରେ ଜଣେ ରାକ୍ଷସ ବେଦକୁ ଚୋରି କରି ସମୁଦ୍ରରେ ଲୁଚି ରହିଥିଲା । ସେତେବେଳେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରି ବେଦକୁ ରକ୍ଷା କରିଥିଲେ ଓ ତାର ପୁନଃ ସ୍ଥାପନ କରିଥିଲେ ।

***କଚ୍ଛପ ଅବତାର:*** ହିନ୍ଦୁ ଧର୍ମ ଗ୍ରନ୍ଥ ଅନୁଯାୟୀ ଏହା ଭଗବାନ ବିଷ୍ଣୁଙ୍କର ଦ୍ୱିତୀୟ ଅବତାର ଅଟେ । ଏହି ରୂପରେ ଭଗବାନ ବିଷ୍ଣୁ ସମୁଦ୍ର ମନ୍ଥନ ବେଳେ ମନ୍ଦର ପର୍ବତକୁ ନିଜ ପିଠି ଉପରେ ରଖିଥିଲେ ।

***ବରାହ ଅବତାର:*** ହିନ୍ଦୁ ଧର୍ମ ଗ୍ରନ୍ଥ ଅନୁଯାୟୀ ଏହା ଭଗବାନ ବିଷ୍ଣୁଙ୍କର ତୃତୀୟ ଅବତାର ଅଟେ । ଭଗବାନ ବିଷ୍ଣୁ ଏହି ଅବତାରରେ ଅସୁର ରୂପ ଧାରଣ କରି ରାକ୍ଷସ ହିରଣ୍ୟାକ୍ଷକୁ ବଧ କରିଥିଲେ । ଏହାସହ ସମୁଦ୍ର ଗର୍ଭରୁ ଭୂଦେବୀଙ୍କୁ ଉଦ୍ଧାର କରିଥିଲେ ।

***ନୃସିଂହ ଅବତାର:*** ନୃସିଂହ ଅବତାର ଭଗବାନ ବିଷ୍ଣୁଙ୍କର ଚତୁର୍ଥ ଅବତାର ଅଟେ । ଏହି ଅବତାରରେ ବିଷ୍ଣୁ ଶରୀରର ଅଧା ସିଂହ ଓ ଅଧା ମନୁଷ୍ୟ ରୂପେ ପ୍ରକଟ ହୋଇଥିଲେ । ସେ ନିଜ ଭକ୍ତ ପ୍ରହ୍ଲାଦଙ୍କୁ ହିରଣ୍ୟକଶ୍ୟପ ଠାରୁ ରକ୍ଷା କରିବା ପାଇଁ ଏପରି ଅବତାର ଗ୍ରହଣ କରିଥିଲେ ।

***ବାମନ ଅବତାର:*** ବାମନ ଅବତାର ଭଗବାନ ବିଷ୍ଣୁଙ୍କର ପଞ୍ଚମ ଅବତାର । ଭଗବାନ ବିଷ୍ଣୁ ବ୍ରାହ୍ମଣ ବାଳକର ରୂପ ଧାରଣ କରି ପୃଥିବୀ ଆସି ରାଜା ବଳୀଙ୍କୁ ଦାନ ସ୍ୱରୂପ ତିନି ପାଦ ଜାଗା ମାଗିଥିଲେ । ଏହି ତିନି ପାଦ ଜାଗାରେ ସେ ସମସ୍ତ ପୃଥିବୀ ନେଇଥିଲେ । ଏହାସହ ରାଜା ବଳୀର ଅଂହକାର ଭାଙ୍ଗିଥିଲେ ।

***ପର୍ଶୁରାମ ଅବତାର:*** ଏହା ଭଗବାନ ବିଷ୍ଣୁଙ୍କର ଷଷ୍ଠ ଅବତାର ଅଟେ । ଏହି ଅବତାରରେ ଭଗବାନ ବିଷ୍ଣୁ ଜମଦଗ୍ନି ଓ ରେଣୁକାଙ୍କ ପୁତ୍ର ଥିଲେ । ତେଣୁ ପର୍ଶୁରାମଙ୍କୁ ଜମଦଗ୍ନ୍ୟ କୁହାଯାଏ । ସେ ପ୍ରଭୁ ଶିବଙ୍କର ପରମ ଭକ୍ତ ଥିଲେ । ଶିବ ତାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ତାଙ୍କୁ ପର୍ଶୁ ଦେଇଥିଲେ । ତାଙ୍କ ନାମ ରାମ ଥିଲା ପର୍ଶୁ ଓ ଶିବଙ୍କ ଦ୍ୱାରା ପର୍ଶୁ ପାଇଥିବାରୁ ତାଙ୍କୁ ପର୍ଶୁରାମ କୁହାଯାଇଥାଏ । କୁହାଯାଇଛି ଯେ, ପର୍ଶୁରାମ ଅନେକ ଥର କ୍ଷତ୍ରିୟମାନଙ୍କର ବିନାଶ କରିଥିଲେ ।

***ଶ୍ରୀରାମ ଅବତାର :*** ଭଗବାନ ବିଷ୍ଣୁଙ୍କ ଦଶଟି ଅବତାର ମଧ୍ୟରୁ ଶ୍ରୀରାମ ଅବତାର ଅନ୍ୟତମ । ସେ ଅଯୋଧ୍ୟାର ରାଜା ଦଶରଥ ଓ କୌଶଲ୍ୟାଙ୍କର ପୁତ୍ର ଥିଲେ । ରାବଣର ବଧ ନିମନ୍ତେ ବିଷ୍ଣୁ ଏହି ଅବତାର ନେଇଥିଲେ ।

***ବଳରାମ ଅବତାର:*** ଭଗବାନ ବଳରାମ ହେଉଛନ୍ତି ବିଷ୍ଣୁଙ୍କ ଅବତାର । ଭାଗବତରେ ଶ୍ରୀକୃଷ୍ଣ ଓ ବଳରାମଙ୍କ ଲୀଳା ବିଷୟରେ ବର୍ଣ୍ଣନା କରାଯାଇଛି । ବଳରାମଙ୍କ ମାତା ରୋହିଣୀ ଓ ପିତା ନନ୍ଦ ଥିଲେ । ଶିଶୁପାଳ ଓ ଦନ୍ତବକ୍ରଙ୍କୁ ନିଧନ କରିବା ପାଇଁ ଭଗବାନ ଏହି ଅବତାର ଧାରଣ କରିଥିଲେ ।

***ବୁଦ୍ଧ ଅବତାର :*** ଏହା ଭଗବାନ ବିଷ୍ଣୁଙ୍କର ନବମ ଅବତାର ଅଟେ । ଏହି ଅବତାରରେ ସେ ବୌଦ୍ଧ ଧର୍ମର ରଚନା କରିଥିଲେ । ସଂସାରରେ ଚାରୋଟି ବଡ ଧର୍ମରୁ ବୌଦ୍ଧ ଧର୍ମ ଅନ୍ୟତମ ଅଟେ । ଅହିଂସା ଓ ନ୍ୟାୟର ଅବତାର ଭାବେ ବୁଦ୍ଧ ଅବତାର ।

***କଳ୍କୀ ଅବତାର :*** ଭଗବାନ ବିଷ୍ଣୁଙ୍କର ଏହା ଦଶମ ଅବତାର ଅଟେ । ପୁରାଣ ଅନୁସାରେ, କଳ୍କୀ ଅବତାର କଳିଯୁଗରେ ଶେଷ ହେବ । ଏହାପରେ ପୃଥିବୀରୁ ସମସ୍ତ ପାପ ଓ ଖରାପ କର୍ମ ନାଶ ହୋଇଯିବ । ପୁରୁଷୋତ୍ତମ କ୍ଷେତ୍ରକୁ ଦଶାବତାର କ୍ଷେତ୍ର ଓ ରଥଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ କାହିଁକି 'ଦଶାବତାର ଯାତ୍ରା' କୁହାଯାଏ, ତାହାର ଏକ ସୂତ୍ର ମିଳେ 'ସ୍କନ୍ଦପୁରାଣ'ରୁ । ଏହାର ୫୮ ଅଧ୍ୟାୟରେ ଶ୍ରୀସ୍କନ୍ଦ ଶ୍ରୀମହାଦେବଙ୍କ କଥୋପକଥନ ପ୍ରସଙ୍ଗରେ ଏହା ସୂଚିତ ହୋଇଛି । ସେହି ଅଧ୍ୟାୟରେ ଶ୍ରୀସ୍କନ୍ଦ କହିଛନ୍ତି– ହେ ପିତା ! କେଉଁଥିପାଇଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଦଶାବତାର କ୍ଷେତ୍ର, ମୋତେ ତାହା ବୁଝାଇ କୁହନ୍ତୁ । ପୁତ୍ରର ପ୍ରଶ୍ନର ଉତ୍ତରରେ ଶ୍ରୀମହାଦେବ କହିଛନ୍ତି– ଅବ୍ୟକ୍ତରୂପୀ ସର୍ବନିୟନ୍ତା ଭଗବାନ ବିଷ୍ଣୁ ଲୋକପାଳନ ନିମନ୍ତେ ଯୁଗେ ଯୁଗେ ନାନା ରୂପରେ ଅବତାର ଗ୍ରହଣ କରନ୍ତି ।

ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର କିପରି ଦଶାବତାର କ୍ଷେତ୍ର– ତାହା ଏହି ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି । ଶ୍ରୀମହାଦେବ ଶ୍ରୀସ୍କନ୍ଦଙ୍କୁ କହିଛନ୍ତି– ଏହି କ୍ଷେତ୍ର ହିଁ ସୃଷ୍ଟି, ସ୍ଥିତି ଓ ସଂହାରର ମୂଳ କ୍ଷେତ୍ର । ଭଗବାନ୍ ଏହି ସ୍ଥାନରେ ଅବତୀର୍ଣ୍ଣ ହୋଇ ଲୀଳାବିସ୍ତାର ନିମନ୍ତେ ଅନ୍ୟତ୍ର ଯାଇଥାଆନ୍ତି ଛ ପୃଥିବୀରେ ନିଜର ଅବତାର କୃତ୍ୟ ସଂପାଦନ କରି ପୁନର୍ବାର ସେ ଏହି କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରି ଏଠାରେ ନିବାସ କରିଥାଆନ୍ତି ଛ ଏଣୁ ମତ୍ସ୍ୟାଦି ଅବତାରଙ୍କୁ ଦର୍ଶନ କଲେ ଯେଉଁ ଫଳ ହୁଏ, ମନୁଷ୍ୟ କେବଳ ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ କଲେ ସେହି ଫଳ ଲାଭ କରେ । ଏଣୁ ଏହି ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବା ଦଶାବତାର କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ହେଉଛି 'ଦଶାବତାର ଯାତ୍ରା' ।

ଅନ୍ୟ ଗୋଟିଏ ମତ ହେଉଛି– ଚାରି ଦାରୁ ବିଗ୍ରହ ଓ ତିନି ଧାତୁ ବିଗ୍ରହଙ୍କ ସହିତ, ତିନି ରଥରେ ତିନି 'ଧ୍ୱଜ ଦେବତା' ମଧ୍ୟ ଯାତ୍ରା କରିଥାଆନ୍ତି ଛ ଏହି ତିନି ଧ୍ୱଜଦେବତା ହେଉଛନ୍ତି– ଶ୍ରୀବଳଭଦ୍ରଙ୍କ 'ତାଳଧ୍ୱଜ'ରଥର ଧ୍ୱଜ ଦେବତା 'ଶ୍ରୀନୃସିଂହ', ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ'ରଥର ଧ୍ୱଜଦେବତା 'ଶ୍ରୀହନୁମାନ' ଓ ଦେବୀ ସୁଭଦ୍ରାଙ୍କ 'ପଦ୍ମଧ୍ୱଜ' ରଥର ଧ୍ୱଜଦେବୀ 'ଶ୍ରୀଭୁବନେଶ୍ୱରୀ' । ଏଣୁ ଚାରି ଦାରୁ ବିଗ୍ରହ, ତିନି ଧାତୁ ବିଗ୍ରହ ଓ ତିନି ଧ୍ୱଜଦେବତାଙ୍କୁ ମିଶାଇ ଏହି 'ଦଶାବତାର' ହିଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି ଛ ତେଣୁ ଏହାକୁ ଦଶାବତାର ଯାତ୍ରା କୁହାଯାଏଛ

ପ୍ରଚଳିତ ବିଶ୍ୱାସମତେ ପୂର୍ବୋକ୍ତ ଦଶ ଅବତାର ଛଡ଼ା ବିଷ୍ଣୁ ଅନ୍ୟାନ୍ୟ ଅନେକ ଅବତାର ଧରି ଥିଲେ ଛ (ଭାଗବତରେ ବର୍ଣ୍ଣିତ ବିଷ୍ଣୁଙ୍କର ଚବିଶଟି ଅବତାର ହେଲା: ବରାହ, ହରି, କପିଳ, ଦତ୍ତାତ୍ରେୟ, ଚତୁଃସନକ, କଚ୍ଛପ, ନୃସିଂହ, ବାମନ, ହିଂସା, ମନୁ, ଧନ୍ୱନ୍ତରୀ, ପର୍ଶୁରାମ, ରାମ, କୃଷ୍ଣ, ବଳରାମ, ବ୍ୟାସ, ବୁଦ୍ଧ, କଳ୍କୀ, ଧ୍ରୁବ ପାଇଁ ଓ ଗଜ ଉଦ୍ଧାରଣ ପାଇଁ ଦୁଇ ଅବତାର । ଶ୍ରୀଜଗନ୍ନାଥ ନିଜେ ଅବତାରୀ । ତାଙ୍କରି ସମସ୍ତ ନୀତି, ଯାତ୍ରା ଆଦିରେ ଅନେକ ରହସ୍ୟମୟ ତଥ୍ୟ ଲୁଚି ରହିଛି, ଯାହାକୁ ପାଇବା କଷ୍ଟକର ବ୍ୟାପାର ।


ବୀରଧନଞ୍ଜୟ ପୁର
ବୁଗୁଡ଼ା ଗଞ୍ଜାମ
ମୋ–୯୭୭୬୫୩୪୯୩୦

# ଜଳଚରଙ୍କ ପାଇଁ ବିପଦ ପ୍ରଦୂଷିତ ନଦୀ ଜଳ



**ସତ୍ୟ ସୁନ୍ଦର ଭଞ୍ଜ**

ଏବେ ଜଳଚର ଜୀବଙ୍କ ପ୍ରତି ବିପଦ ଦେଖାଦେଇଛି । ମାଛ ଓ ଜଳଚର ପକ୍ଷୀ ଶୀକାର ପାଇଁ ମହାନଦୀ ସମେତ ଛୋଟ ନଦୀ ଓ ଜଳାଶୟରେ ବେଆଇନ ଡିନାମାଇଟ୍ ବିସ୍ଫୋରଣ କରାଯାଉଛି । ପାଣି ଭିତରେ ବିସ୍ଫୋରଣ ପରେ ଥରି ଉଠୁଛି ନଦୀ ଗର୍ଭ । ଅସ୍ଥିର ହେଉଛି ଜଳରାଶି । ସମ୍ବଲପୁର, ସୋନପୁର, ବୌଦ୍ଧ , ନୟାଗଡ଼ ଓ ଆଖପାଖ ଅଞ୍ଚଳରେ ମହାନଦୀରୁ ମାଛ ମାରିବା ପାଇଁ ପ୍ରତିଦିନ ଏଭଳି ହେଉଛି ଶହ ଶହ ବିସ୍ଫୋରଣ । ସହଜରେ ଅଧିକ ମାଛ ମାରିବାକୁ ବେଆଇନ ଡିନାମାଇଟ ବିସ୍ଫୋରଣର ପନ୍ଥା ଆପଣାଇ ନେଉଛନ୍ତି କିଛି ଦୁର୍ବୃତ୍ତ । ଅନ୍ୟ ପକ୍ଷରେ ଡିନାମାଇଟ୍ ବିସ୍ଫୋରଣ ଯୋଗୁ ପ୍ରଦୂଷିତ ହେଉଛି ପାଣି । ଏହାର ପ୍ରଭାବରେ ମାଛ ସହ ବିଭିନ୍ନ ଜଳଚର ଜୀବ ଲୋପ ପାଇବାକୁ ବସିଲେଣି । ପ୍ରଦୂଷଣ ସହ ମତ୍ସ୍ୟଜୀବୀଙ୍କ ଜୀବିକା ମଧ୍ୟ ପ୍ରଭାବିତ ହେଉଛି । ନଈରେ ମାଛ ଯାଆଁଳ ଛଡ଼ା ଯାଉଥିଲେ ବି ବିସ୍ଫୋରଣ କାରଣରୁ ସାନ ବଡ଼ ସବୁ ମାଛ ମରି ମାଛ ବଂଶ କମିଯାଉଛି । ପରିବେଶ ପାଇଁ ଉପକାରୀ ଜଳଚର ଜୀବଙ୍କ ଅକାଳ ମୃତ୍ୟୁ ହେଉଛି । ଜୀବିକା ହରାଇ ମତ୍ସ୍ୟଜୀବୀ ଭିନ୍ନ ପନ୍ଥା ଆପଣାଇବାକୁ ବାଧ୍ୟ ହେଉଛନ୍ତି । ସେପଟେ ମାଛ ମାରିବା ପାଇଁ ସ୍ୱତନ୍ତ୍ର ନିୟମ ନଥିବା କହି ମତ୍ସ୍ୟ ଅଧିକାରୀ ହାତ ଟେକି ଦେଉଛନ୍ତି । ନଦୀରେ ବିସ୍ଫୋରଣ ନକରିବା ପାଇଁ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ପରାମର୍ଶ ଦେଉଛନ୍ତି ।



ତେବେ ପ୍ରଶ୍ନ ଉଠୁଛି, ମତ୍ସ୍ୟଜୀବୀ କେଉଁଠୁ ଆଣୁଛନ୍ତି ବିସ୍ଫୋରକ । ମତ୍ସ୍ୟଜୀବୀଙ୍କୁ ବେଆଇନ ଭାବେ ବାରୁଦ ବିକିବା ଅପରାଧ ନୁହେଁ କି ବୋଲି ପ୍ରଶ୍ନ ଉଠିଛି । ଡ଼ିନାମାଇଟ ପ୍ରୟୋଗ କରି ମାଛ ମାରୁଥିବା ଖଳ ଲୋକଙ୍କ ପ୍ରତି ସକରାର କଠୋର ମନୋଭାବ ଆପଣେଇଲେ ଯାଇ ଜଳଚର ଜୀବ ବଞ୍ଚି ପାରିବେ ବୋଲି ମତ ପ୍ରକାଶ ପାଉଛି । ଏହାର କୌଣସି ସମାଧାନ ହେଉନଥିବା ବେଳେ ମାଛ ମାରି ଜୀବନ ଜୀବିକା ନିର୍ବାହ କରୁଥିବା ମତ୍ସଜୀବୀ ଶ୍ରେଣୀର ଦୈନିକ ଚଳନୀରେ ପ୍ରଭାବ ପଡୁଛି । ଅନ୍ୟ ପକ୍ଷରେ ବିଭିନ୍ନ ନଦୀ କୂଳରେ ଛୋଟ ବଡ଼ ଶିଳ୍ପ ସଂସ୍ଥା ଗଢ଼ି ଉଠିଛି । ଏହି ସମସ୍ତ ଶିଳ୍ପସଂସ୍ଥା ସେହି ଶିଳ୍ପରୁ ବାହାରୁଥିବା ବର୍ଯ୍ୟବସ୍ତୁ ଓ ବିଷାକ୍ତ ପାଣି ନଦୀ ଭିତରକୁ ଛାଡ଼ି ଦେଉଛନ୍ତି । ଫଳରେ ହୀରାକୁଦ ନଦୀବନ୍ଧ ତଳମୁଣ୍ଡରୁ ପାରାଦୀପ ପର୍ଯ୍ୟନ୍ତ ନଦୀର ଉଭୟ ପାର୍ଶ୍ୱରେ ଥିବା ଶିଳ୍ପସଂସ୍ଥାର ବର୍ଯ୍ୟବସ୍ତୁରେ ମହାନଦୀ ଜଳ ସମ୍ପୂର୍ଣ୍ଣ ପ୍ରଦୂଷିତ । ଗୋଟିଏ ପକ୍ଷରେ ଖଳ ଲୋକଙ୍କ ନଦୀରେ ଡ଼ିନାମାଇଟ ପ୍ରୟୋଗ କରି ମାଛ ମାରିବା ଓ ଅନ୍ୟ ପଟେ ଶିଳ୍ପସଂସ୍ଥାର ନିର୍ଗତ ବର୍ଯ୍ୟବସ୍ତୁରେ ମାଛ ସମେତ ଜଳଚର ଜୀବ ପ୍ରତି ବିପଦ ଘନିଭୂତ ହୋଇଛି । ଫଳରେ ବିରଳ ପ୍ରଜାତିର ପକ୍ଷୀ, ଜଳଚର ପକ୍ଷୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହି ବର୍ଯ୍ୟବସ୍ତୁ ପ୍ରଭାବରେ ମାଛ ବିଭିନ୍ନ ରୋଗର ଶୀକାର ହେଉଛନ୍ତି । କୀଟନାଶକ ଦ୍ୱାରା ମୃତ୍ୟୁମୁଖରେ ପଡୁଥିବା ମାଛ ଖାଇଲେ ମଣିଷ ମଧ୍ୟ ବିଭିନ୍ନ ରୋଗର ଶୀକାର ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଗ୍ରାମାଞ୍ଚଳରେ କୃଷି ବିଶେଷ କରି ଧାନ ଚାଷ କରୁଥିବା ଚାଷୀମାନେ ଧାନର ଉତ୍ପାଦନ ବୃଦ୍ଧି ପାଇଁ ଜମିରେ ଅଧିକ ପରିମାଣରେ କୀଟନାଶକ ପ୍ରୟୋଗ କରୁଛନ୍ତି । ଫଳରେ ଏହାର ନକାରାତ୍ମକ ପ୍ରଭାବ ଉଭୟ କୃଷି ଓ ପାଣି ଉପରେ ପଡୁଛି । ମୃତ୍ତିକା ତାର ଅସ୍ତିତ୍ୱ ହରାଉଥିବା ବେଳେ ମାଛ ପ୍ରତି ମଧ୍ୟ ବିପଦ ଦେଖାଦେଇଥାଏ । କାରଣ ଯେଉଁ ସମୟରେ ଧାନରେ କୀଟ ଲାଗିଥାଏ, ସେହି ସମୟରେ ଚାଷୀ କୀଟ ପାଇଁ ରାସାୟନିକ ସାର ପ୍ରୟୋଗ କରିଥାଏ । ଆଉ ସେହି ସମୟରେ ମାଛର ଅଣ୍ଡାଦେବାର ସମୟ ହୋଇଥାଏ । ଏଥିପ୍ରତି ଚାଷୀଙ୍କୁ ବେଶ ସଚେତନ କରିବାର ଆବଶ୍ୟକତା ରହିଛି । ବିଭିନ୍ନ କାରଣରୁ ଅନେକ ସମୟରେ ମାଛ ଓ ଜଳଚର ଜୀବ ଆବଶ୍ୟକ ଠାରୁ କମ ଅମ୍ଳଜାନ ପାଉଥିବା ମଧ୍ୟ କୁହାଯାଉଛି । ସରକାର ମତ୍ସଜୀବୀଙ୍କ ପାଇଁ ଅନେକ ଯୋଜନା କରୁଥିବାବେଳେ ତାହା ବାସ୍ତବରେ କାର୍ଯ୍ୟକାରୀ ହେଉନାହିଁ । ବିଶେଷ କରି ମତ୍ସଜୀବୀଙ୍କ ଜୀବିକାର କେନ୍ଦ୍ରସ୍ଥଳୀ ହେଉଛି ନଦୀ । ଏହି ନଦୀ ଯଦି ସୁରକ୍ଷିତ ନ ରହିବ ତାହେଲେ ସେମାନଙ୍କ ଜୀବିକା କିପରି ସୁରକ୍ଷିତ ରହିବ ବୋଲି ଗବେଷକଙ୍କ ମଧ୍ୟରେ ମତ ପ୍ରକାଶ ପାଉଛି । ଠିକ୍ ସେହିପରି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ନୀଳାମ୍ବୁ ଚିଲିକାର ରୂପ ମଧ୍ୟ ବଦଳି ଯାଇଛି । ନଦୀନାଳରେ ଆସୁଥିବା ପଟୁମାଟି ଯୋଗୁଁ ଚିଲିକା ସଂକୁଚିତ ହୋଇଛି । ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ପଦାର୍ଥରେ ଏହାର ଜଳ ପ୍ରଦୂଷିତ ହୋଇଛି । ପର୍ଯ୍ୟଟକଙ୍କ ବର୍ଜ୍ୟବସ୍ତୁ ଓ ଚିଙ୍ଗୁଡ଼ି ଘେରି ଜାଲ ଯୋଗୁଁ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ବଢ଼ିଛି । ନଦୀ ଓ ନାଳ ପାଣି ମିଶୁଥିବାରୁ ଚିଲିକା ପାଣିର ଲବଣ ମାତ୍ରା କମିଛି । ଚିଲିକାରେ ଥିବା ବିଭିନ୍ନ ପ୍ରଜାତିର ମାଛ ଲୋପ ପାଉଥିବା ବେଳେ ପ୍ରାକୃତିକ ଭାବେ ବହୁଳ ମାତ୍ରାରେ ମିଳୁଥିବା କଙ୍କଡ଼ା ଆଗ ଭଳି ମିଳୁନାହିଁ । ପରିବେଶ ପରିବର୍ତ୍ତନ ଯୋଗୁଁ ୨ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି କୁହାଯାଉଥିବା ଚିଲିକା ଆଜି ସଙ୍କଟରେ ।

*ଠିକ୍ ସେହିପରି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ନୀଳାମ୍ବୁ ଚିଲିକାର ରୂପ ମଧ୍ୟ ବଦଳି ଯାଇଛି। ନଦୀନାଳରେ ଆସୁଥିବା ପଟୁମାଟି ଯୋଗୁଁ ଚିଲିକା ସଂକୁଚିତ ହୋଇଛି। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ପଦାର୍ଥରେ ଏହାର ଜଳ ପ୍ରଦୂଷିତ ହୋଇଛି। ପର୍ଯ୍ୟଟକଙ୍କ ବର୍ଜ୍ୟବସ୍ତୁ ଓ ଚିଙ୍ଗୁଡ଼ି ଘେରି ଜାଲ ଯୋଗୁଁ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ବଢ଼ିଛି । ନଦୀ ଓ ନାଳ ପାଣି ମିଶୁଥିବାରୁ ଚିଲିକା ପାଣିର ଲବଣ ମାତ୍ରା କମିଛି। ଚିଲିକାରେ ଥିବା ବିଭିନ୍ନ ପ୍ରଜାତିର ମାଛ ଲୋପ ପାଉଥିବା ବେଳେ ପ୍ରାକୃତିକ ଭାବେ ବହୁଳ ମାତ୍ରାରେ ମିଳୁଥିବା କଙ୍କଡ଼ା ଆଗ ଭଳି ମିଳୁନାହିଁ। ପରିବେଶ ପରିବର୍ତ୍ତନ ଯୋଗୁଁ ୨ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି କୁହାଯାଉଥିବା ଚିଲିକା ଆଜି ସଙ୍କଟରେ।*

ହେଲେ ଏସବୁ ସମସ୍ୟାର ସମାଧାନ ବାଟ ଆମ ପାଖରେ ରହିଛି । ବିଶେଷ କରି ହୀରାକୁଦ ନଦୀବନ୍ଧରେ ରହୁଥିବା ବିରଳ ପ୍ରଜାତିର ମାଛ ଓ ପକ୍ଷୀ କ୍ଷତିଗ୍ରସ୍ତ ହେଉଛନ୍ତି । ବୈଜ୍ଞାନିକ ଓ ବିଶେଷଜ୍ଞଙ୍କ ମତରେ ହୀରାକୁଦ ଉପର ମୁଣ୍ଡରୁ ବର୍ଷା ଜଳ ସହ ମାଟି ଜଳଭଣ୍ଡାରରେ ପ୍ରବେଶ କରୁଥିବା ଓ ନିୟମିତ ଏହି ମାଟି କଢ଼ା ଯାଉନଥିବାରୁ ଜଳଭଣ୍ଡାର ପାଇଁ ବିପଦ । ଏହା ସହିତ ଉପର ମୁଣ୍ଡରେ ମାଛ ମାରିବା ପାଇଁ ରାସାୟନିକ ପଦାର୍ଥ ଓ ଡ଼ିନାମାଇଟର ପ୍ରୟୋଗ ଜଳଚର ଜୀବଙ୍କ ପ୍ରତି ବିପଦ ଦେଖାଦେଇଛି । ଏଥିପ୍ରତି ସରକାର ବିଶେଷ ଧ୍ୟାନ ଦେବାର ସମୟ ଆସିଛି ।

ପୂର୍ବରୁ ଚିଲିକାର କ୍ଷେତ୍ରଫଳ ୧୧୬୫ ବର୍ଗ କିଲୋମିଟର ରହିଥିବା ଏବେ ଏହା ସଙ୍କୁଚିତ ହୋଇ ୯୦୦ ବର୍ଗ କିଲୋମିଟର ଭିତରେ ରହିଥିବା କୁହାଯାଉଛି । ଜଳବାୟୁ ପରିବର୍ତ୍ତନ ସହ ଚିଲିକାର ବି ପରିବର୍ତ୍ତନ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟା ଚିଲିକାରେ ଲ୍ୟାଣ୍ଡଫଲ୍ କରିବା ପରେ ଏହା ଉପରେ ବେଶ ପ୍ରଭାବ ପଡ଼ିଛି । ଉଭୟ ସମୁଦ୍ରର ଲୁଣି ପାଣି ଓ ନଦୀନାଳର ମଧୁର ପାଣି ମିଶି ଚିଲିକା ପାଣିର ଲବଣତା ନିୟନ୍ତ୍ରଣ ହେଉଥିଲା। ଲବଣତା ନିୟନ୍ତ୍ରଣ ଯୋଗୁଁ ଚିଲିକାରେ ୩ଶହରୁ ଅଧିକ ପ୍ରଜାତିର ମାଛ ମିଳୁଥିଲା। ଏହା ଉପରେ ନିର୍ଭର କରି ୨ଲକ୍ଷ ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀ ପରିବାର ଜୀବିକା ନିର୍ବାହ କରୁଥିଲେ । ହେଲେ ଚିଲିକା ସଙ୍କୁଚିତ ହେବା ଫଳରେ ୨ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବିକା ସଙ୍କଟରେ ପଡ଼ିଲାଣି । ତଥାପି ଚଳିତବର୍ଷ ଚିଲିକାକୁ ୨୮ ଲକ୍ଷ ବିଦେଶାଗତ ପକ୍ଷୀ ଆସିଥିବା ବେଳେ ୧୫୯ ଡଲଫିନ୍ ଅଛନ୍ତି । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସଙ୍କଟରେ ଚିଲିକା ଥିବା ପରିବେଶବିତମାନେ କ୍ଷୋଭ ପ୍ରକାଶ କରୁଛନ୍ତି ।

ସମୟ ସହ–ସମ୍ପାଦକ
ମୋ–୯୪୩୭୧୫୦୬୩୨

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ଲକ୍ଷ...

ଧୀରେ ଧୀରେ କମୁଥିବାର କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି । ସପ୍ତାହ ପରେ ସୁବର୍ଣ୍ଣରେଖା ରେ ପୁଣି ଏକ ବନ୍ୟା ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଜନଜୀବନକୁ ଦୁର୍ବିସହ କରିଥିବାବେଳେ ଉତ୍ତର ବାଲେଶ୍ୱରର ୪ ବ୍ଲକର ଶତାଧିକ ଗାଁର ଲକ୍ଷାଧିକ ଲୋକେ ଜଳବନ୍ଦୀ ହୋଇଛନ୍ତି । ଭୋଗରାଇ ବ୍ଲକର ୧ ୬, ବାଲିଆପାଳବ୍ଲକର ୧ ୦,ଜଳେଶ୍ୱର ବ୍ଲକ ୧ ୨, ବସ୍ତା ବ୍ଲକର ୬ ପଞ୍ଚାୟତ ସହିତ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଓ ସାରସକଣା ପଞ୍ଚାୟତ ସୁବର୍ଣ୍ଣରେଖା ବନ୍ୟାରେ ଲୋକେ ପ୍ରଭାବିତ ହୋଇଛନ୍ତି । ଭୋଗରାଇବ୍ଲକର ମନୁନଗର, କୁହ୍ଲା, କୁମ୍ଭୀରଗ ମାଟିଖଣା, ନାନକାର, ଖଳାବାଡିଆ, ରସଲପୁର, ସନ୍ତୋଷପୁର, ଗବଗାଁଚିରକୁଳା, ନୀଳପୁରା ପ୍ରଭୃତି ଗାଁ ଗୁଡିକ ବାହ୍ୟଜଗତରୁ ବିଛିନ୍ନ ହୋଇଥିବାବେଳେ ବାଲିଆପାଳ ବ୍ଲକର ବଢାପାଳ, କୁଦମାନସିଂ, ବିଷ୍ଣୁପୁର, କୁହ୍ଲା ଚଢ଼, ପ୍ରଭୃତି ଗାଁ ଗୁଡିକ ଜଳବନ୍ଦୀ ହୋଇଛନ୍ତି । ଗୋଟିଏ ଗାଁରୁ ଅନ୍ୟ ଗାଁ କୁ ଯିବାପାଇଁ ଡ଼ଙ୍ଗା ଏକମାତ୍ର ସାହା ପାଲଟିଛି । ବନ୍ୟାଞ୍ଚଳର ମୁଖ୍ୟ ରାସ୍ତା ଗୁଡିକ ବୁଡ଼ିଯାଇ କେଉଁଠି ଅକାତକାତ ପାଣିର ସ୍ରୋତ ଛୁଟୁଛି । ଭୋଗରାଇ ଓ ବାଲିଆପାଳ ବ୍ଲକରେ ତଳିଆ ଅଞ୍ଚଳରେ ବନ୍ୟାପାଣି ର ଲହଡି ଭାଙ୍ଗୁଥିବାରୁ ଲୋକେ ଭୟଭୀତ ହୋଇଛନ୍ତି । ଆର ଡି ସି ବି ପରମେଶ୍ୱର, ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏ ଡ଼ି ଏମ (ସାଧାରଣ ) ସୁଧାକର ନାୟକ, ଏ ଡ଼ି ଏମ (ରାଜସ୍ୱ ) ହେମନ୍ତ ସିଂ, ୪ ବ୍ଲକର ବିଡ଼ିଓ, ତହସିଲଦାର, ପଞ୍ଚାୟତ ସମିତି ଅଧକ୍ଷ,ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ,ଏସପି ରାଜପ୍ରସାଦ ସହ ବହୁ ବରିଷ୍ଠ ଅଧିକାରୀମାନେ ସୋମବାର ପୂର୍ବାହ୍ନରେ ବନ୍ୟାଞ୍ଚଳ ଅନୁଧ୍ୟାନକରି ବନଭାସି ଲୋକଙ୍କ ସହିତ ସମସ୍ୟା ପଚାରି ବୁଝିଛନ୍ତି । ବନ୍ୟାରେ କେହି ଭୟଭୀତ ନହୋଇ ସୁରକ୍ଷା ସ୍ଥାନକୁ ଚାଲିଯିବାକୁ ଜିଲାପାଳ ପରାମର୍ଶ ଦେଇଥିବାବେଳେ ଯୁଦ୍ଧ କାଳୀନ ଭିତ୍ତିରେ ଶୁଖିଲାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ ସେବା ଓ ଗୋଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି ।

## ବନ୍ୟା...

ସ୍ଥାନାନ୍ତର କରାଯାଇଛି । ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାର ବ୍ୟବସ୍ଥା ସହିତ ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରତିଷ୍ଠା କରାଯାଇଛି । ଶିଶୁ, ମହିଳା ଏବଂ ବୃଦ୍ଧଙ୍କ ଭଳି ଦୁର୍ବଳ ଗୋଷ୍ଠୀମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ।

ସୁବର୍ଣ୍ଣରେଖା ଓ ବୁଢାବଳଙ୍ଗ ଭଳି ପ୍ରମୁଖ ନଦୀର ଜଳସ୍ତର ଉପରେ କଡ଼ା ନଜର ରଖାଯାଇଛି । ସମ୍ବେଦନଶୀଳ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଞ୍ଚଳରୁ ପାଣି ଆସିବାର ଆଶା କରାଯାଉଛି । ଆବଶ୍ୟକୀୟ ସତର୍କତା ଗ୍ରହଣ କରାଯାଇଛି । ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ (ଓଡ୍ରାଫ) ଏବଂ ଅଗ୍ନିଶମ ସେବା ସମେତ ଉଦ୍ଧାର ଏବଂ ରିଲିଫ୍ ଦଳ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି ।

କେନ୍ଦୁଝର, ବାଲେଶ୍ୱର ଏବଂ ମୟୂରଭଞ୍ଜର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଓଡ୍ରାଫ୍ ଦଳଗୁଡ଼ିକୁ ନିୟୋଜିତ କରାଯାଇଛି । ବାଲେଶ୍ୱର ଜିଲ୍ଲାକୁ ଦୁଇଟି ଅତିରିକ୍ତ ଓଡ୍ରାଫ୍ ଦଳ ପଠାଯାଇଛି । ଜଳବନ୍ଦୀ ଗ୍ରାମଗୁଡ଼ିକରେ ଅଗ୍ନିଶମ ସେବା କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ଭାବରେ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ପ୍ରତି ଘଣ୍ଟାରେ ଅପଡେଟ୍ ଗ୍ରହଣ କରୁଛନ୍ତି ।

ଜିଲ୍ଲାପାଳ ଓ ସ୍ଥାନୀୟ ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ଅଛୁ । ଆବଶ୍ୟକ ହେଲେ ଅତିରିକ୍ତ ଏନଡିଆରଏଫ ଦଳ ନିୟୋଜିତ କରାଯିବ । ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁଛ ଆମେ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରୁଛୁ । ଏହି ସଙ୍କଟ ସମୟରେ ରାଜ୍ୟ ସରକାର ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ । ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଉପସ୍ଥିତ ଥିଲେ ।

## ଅନୁଗର୍ଗଙ୍କ...

ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ଜବାବ ତଲବ କରିଛନ୍ତି କମିଶନ । ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବାକି ରଥଯାତ୍ରା ସଠିକ୍ ଢଙ୍ଗରେ ସମାପନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଦୁଇ...

ଆଜି ପୂର୍ବାହ୍ନ ପ୍ରାୟ ୧୨ଟା ସମୟରେ ଡିଭିଏଫ୍ ଯବାନ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏହି ଗୁଳି ବିନିମୟରେ ମଙ୍କୁ ଏବଂ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ଉଭୟଙ୍କ ମୃତ ଦେହ ଜବତ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ଅପେରସନ ଜୋରଦାର କରିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ସଫଳତା ପାଇଁ କନ୍ଧମାଳ ଜିଲ୍ଲା ଏସପି ହରିଶ ବି. ସି. ଏବଂ ଡିଭିଏଫ୍ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ।

## ବିଏମସି...

ସାଂସଦ ଅପରାଜିତା ଷଡଙ୍ଗୀ ମଧ୍ୟ ନିନ୍ଦା କରିଛନ୍ତି । ସୋମବାର ପୂର୍ବାହ୍ନରେ ଅତିରିକ୍ତ କମିଶନର ରତ୍ନାକର ସାହୁ ଅଫିସ୍‌ରେ ଜନଶୁଣାଣି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ୪/୫ଜଣ ପହଞ୍ଚିଥିଲେ । ତାଙ୍କ ସହ କର୍ପୋରେଟର ଜୀବନ ରାଉତ ମଧ୍ୟ ଥିଲେ । ଜୀବନ ଅତିରିକ୍ତ କମିଶନରଙ୍କୁ ପଚାରିଥିଲେ ଯେ, ଆପଣ ଜଗନ୍ନାଥ ପ୍ରଧାନ (ଜଗାଭାଇ)ଙ୍କୁ କିଛି କହିଛନ୍ତି କି ? ସେ ଉତ୍ତର ଦେବା ପୂର୍ବରୁ ଜୀବନଙ୍କ ସହ ଥିବା ଯୁବକମାନେ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ । ଏପରିକି ତାଙ୍କ ଗୋଡକୁ ଧରି ଘୋଷାରି ଘୋଷାରି ନେବା ସହ ମୁହଁକୁ ଗୋଇଠା ମାରୁଥିବା ସିସିଟିଭି ଫୁଟେଜରୁ ଜଣାପଡିଛି । ଘଟଣା ସମୟରେ ମେୟର ସୁଲୋଚନା ଦାସ ତାଙ୍କ ଅଫିସ୍‌ରେ କାର୍ଯ୍ୟରେ ବ୍ୟସ୍ତ ଥିଲେ । ବାହାରେ ପାଟିତୁଣ୍ଡ ଶୁଭିବାରୁ ସେ ଅଫିସ୍ ବାହାରକୁ ଆସି ଦେଖିଥିଲେ ଯେ, ଅତିରିକ୍ତ କମିଶନରଙ୍କୁ ଘୋଷାଡି ଘୋଷାଡି ନେଉଛନ୍ତି । ମେୟର ଓ କେତେକ ମହିଳା ବିଜେଡି କର୍ପୋରେଟର ଆକ୍ରମଣକାରୀ ଯୁବକମାନଙ୍କୁ ପ୍ରତିବାଦରୁ କରିବାରୁ ସେମାନେ ତାଙ୍କୁ ଦୁର୍ବ୍ୟବହାର କରି ପେଲାଠେଲା କରିଥିବା କହିଛନ୍ତି । ଅତିରିକ୍ତ କମିଶନର ତାଙ୍କ ଏତଲାରେ କହିଛନ୍ତି ଯେ, ଆକ୍ରମଣକାରୀମାନେ ଜଗା ପ୍ରଧାନଙ୍କୁ ଭୁଲ୍ ମାଗିବାକୁ କହିବା ସହ ମୋତେ ମରଣାନ୍ତକ ଆକ୍ରମଣ କରିଛନ୍ତି । ଆକ୍ରମଣକାରୀମାନେ ଯେଉଁଭଳି ମୋତେ ଆକ୍ରମଣ କଲେ ତାହା ଜୀବନରୁ ମାରିଦେବା ଉଦ୍ଦେଶ୍ୟ ଥିଲା । ସେମାନେ ବାରମ୍ବାର ଜଗନ୍ନାଥ ପ୍ରଧାନଙ୍କ କଥା କହୁଥିଲେ ବୋଲି ରତ୍ନାକର ସାହୁ କହିଛନ୍ତି । ଜଗନ୍ନାଥ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ, ଯେଉଁ ଆକ୍ରମଣ ହୋଇଛି, ତାହା ଠିକ୍ ନୁହେଁ, ହେଲେ ଅଫିସ୍ ଭିତରେ ଆକ୍ରମଣ କରାଯାଇଛି । ଆକ୍ରମଣକାରୀଙ୍କ ମଧ୍ୟରୁ ମୁଁ ୨/୩ଜଣଙ୍କୁ ଜାଣିଛି ଓ ପୋଲିସ ସହ ସେମାନଙ୍କୁ ଗିରଫ କରିବା ପାଇଁ । ଏହି ଆକ୍ରମଣରେ ମୋର କୌଣସି ସମ୍ପୃକ୍ତି ନାହିଁ । କାର୍ଯ୍ୟରତ ଅଫିସରଙ୍କୁ ଅଫିସ୍ ଭିତରେ ଆକ୍ରମଣ ଘଟଣାକୁ ସବୁ ମହଲରୁ ନିନ୍ଦା ହେଉଛି ।

ପୋଲିସ ୩ଜଣଙ୍କୁ ଗିରଫ କରିବା ସହ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି । ଗିରଫ ୩ଜଣଙ୍କୁ ୩୦୩/୧୩୨/୧୨୧ (୧)/୧୨୧ (୨)/୧୦୯/୩୫୧(୨)/୬୨/୧୪୦(୨)/୩୦୪/୫୪/୬୧(୨)/୧୮ ୯(୨)/୧ ୯୦/୩(୫) ବିଏନ୍‌ଏସ୍ ଦଫାରେ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି । ପୋଲିସ କହିବାନୁଯାୟୀ ଏତଲା ଅନୁଯାୟୀ ତଦନ୍ତ ସଠିକ୍ ଭାବେ କରାଯିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ ଦଫା ଲାଗୁ କରାଯାଉଛି ।

## ମୃତିକା...

ଭିଜିଲାନ୍ସ କହିଛି । ସେହି ଫାର୍ମ ହାଉସ୍‌ର ମୂଲ୍ୟ ୧କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି । ନବରଙ୍ଗପୁରରେ ଥିବା ୬ଏକର ଫାର୍ମ ହାଉସ୍‌ର ମୂଲ୍ୟ ୩୪ଲକ୍ଷ ଟଙ୍କା ହେବ ବୋଲି ଚଢାଉ କରିଥିବା ଟିମ୍ ଆକଳନ କରିଛି । ଭବାନୀପାଟଣା ସହର ନିକଟରେ ୧୧ଏକର ଜମି ଠାବ କରାଯାଇଛି । ୫୮ଲକ୍ଷ ବ୍ୟାଙ୍କ ଜମା ସହ ଅନ୍ୟ ଜମା ବିଷୟରେ ତଦନ୍ତ ଶେଷ ହେଲେ ଜଣାପଡିବ ବୋଲି ଭିଜିଲାନ୍ସ କହିଛି । ଗୋଟିଏ କାର୍, ଗହଣା ପ୍ରଭୃତି ଠାବ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବାରୁ ଆହୁରି ଅଧିକ ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ କହିଛି । ଠାବ ହୋଇଥିବା ଗହଣାର ଓଜନ ୩୧୨ ଗ୍ରାମ୍ । ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍‌କୁ ଭିଜିଲାନ୍ସ ନିଜ ହେପାଜତକୁ ନେଇ ପଚରାଉଚରା କରୁଛି । ଠାବ ହୋଇଥିବା ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ କେତେହେବ ଟେକ୍ନିକାଲ ଟିମ୍ ଆକଳନ କରିବା ପରେ ଜଣାପଡିବ ବୋଲି ଭିଜିଲାନ୍ସ କହିଛି ।

## ଜୁଲାଇରେ...

ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଆଜି ପାଇଁ ଛୁଟି ଘୋଷଣା କରିଛନ୍ତି ମୟୂରଭଞ୍ଜ ଜିଲ୍ଲାପାଳ । ଏହାବ୍ୟତୀତ ଜିଲ୍ଲାରେ ୩ ଦିନ ବନ୍ଦ ରହିବ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ।

ସୂଚନାଯୋଗ୍ୟ, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଲଘୁଚାପ କ୍ଷେତ୍ର ଯୋଗୁଁ ୪ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱରକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଲଘୁଚାପ ଜନିତ ଲଗାଣ ବର୍ଷା କାରଣରୁ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଆଶଙ୍କା ବୃଦ୍ଧି ପାଇଛି । ୩ ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକା ଫୁଲୁଥିବା ବେଳେ ରାଜଘାଟରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା ।

# ମିର୍ଦ୍ଧା ଟପୋ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ

ଭୁବନେଶ୍ୱର (ସବ୍ୟୁ) : ବରିଷ୍ଠ ଓଏଏସ୍ ଅଫିସର ମିର୍ଦ୍ଧା ଟପୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସେ ପୂର୍ବରୁ କେନ୍ଦୁଝର ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ । ଶ୍ରୀ ଟପୋ ଆଜି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି । ସେ ମଧ୍ୟ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିର୍ବାଚନମଣ୍ଡଳୀରେ ବିଡିଓ ସହ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି । ପୂର୍ବରୁ ଚଳିତ ବର୍ଷ ଜାନୁଆରୀରେ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ ଓଏଏସ୍ ଆଲୋକ କୁମାର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଓ ମାର୍ଚ୍ଚ ମାସରେ କେନ୍ଦୁଝର ବାଂଶପାଳ ତହସିଲଦାର କୌସିକ୍ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ଭାବେ ବଦଳି କରାଯାଇଥିଲା ।

# ନୀଳାଚଳ ପରିବାର , ଆୟୁଷ୍ମାନ ଫାଉଣ୍ଡେସନର ଭକ୍ତଙ୍କୁ ଜଳ ବଣ୍ଟନ

ଖଇରା,(ସବ୍ୟୁ): ରିଆନା ଗୁରୁଗ୍ରାମସ୍ଥିତ ସେକଫର୧୮ ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଭକ୍ତଙ୍କର ପ୍ରବଳ ଭୀଡ ଓ ଗୁଳୁଗୁଳିକୁ ଦୃଷ୍ଟିରେ ଦିଲ୍ଲୀର ୨ଓଡିଆ ସାମାଜିକ ସଙ୍ଗଠନ ନିଳାଚଳ ପରିବାର ଓ ଆୟୁଷ୍ମାନ ଫାଉଣ୍ଡେସନ ତରଫରୁ ଘୋଳ ଦହି ସର୍ବତ ଓ ପାନୀୟ ଜଳ ବୋତଲ ବଣ୍ଟନ କରାଯାଇଥିଲା। ସଙ୍ଗଠନର ସଦସ୍ୟମାନେ ମଧ୍ୟାହ୍ନ ୧୨ ଟାରୁ ସଂଧ୍ୟା ୮ଟା ପର୍ଯ୍ୟନ୍ତ ଏହି ସେବା ପ୍ରଦାନ କରିଥିଲେ। ନିଳାଚଳ ପରିବାରର ସଭାପତି ବିପ୍ଳବ କୁମାର ପଣ୍ଡା,ସମ୍ପାଦକ ଜୟଦେବ ପତି,ଉପସଭାପତି ବିଶ୍ୱରଞ୍ଜନ ସାହୁ ଓ କୋଷାଧକ୍ଷ ବିଜୟ ରାଉତ ତଥା ଆୟୁଷ୍ମାନ ଫାଉଣ୍ଡେସନର ସତ୍ୟଶିବ ନାୟକ,ଶରତ କୁମାର,ବିକାଶ ସ୍ୱାଇଁ,ସୁଶାନ୍ତ ମଲ୍ଲିକ,ନନ୍ଦ କିଶୋର ସାମନ୍ତ,ପ୍ରଶାନ୍ତ ପଣ୍ଡା,ରାଜକିଶୋର ପଣ୍ଡା,ନିର୍ମାଲ୍ୟ ଦାସ,ରାଜକିଶୋର ପଣ୍ଡା,ନିର୍ମାଲ୍ୟ ଦାସ,ସତ୍ୟଶିବ ପାତ୍ର,ଉତ୍କଳକେଶରୀ ପଣ୍ଡା,ରବିନ୍ଦ୍ର ସ୍ୱାଇଁ,ବାପି ନାୟକ ପ୍ରମୁଖଙ୍କ ସହଯୋଗରେ ଏହି ମହତ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା।

### ଦ.ପୂ. ରେଳପଥ-ଟେଣ୍ଡର

**ଟେଣ୍ଡର ନୋଟିସ ନଂ. ସିକେପି-ସାଉଥ-୨୫-୨୬-୦୪ ।** ଡିଭିଜନାଲ ରେଳବାଇ ମ୍ୟାନେଜର (ଇଞ୍ଜିନିୟରିଂ) ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓପନ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । **କାର୍ଯ୍ୟର ନାମ :** ସିନିୟର ଡିଇଏନ (ସାଉଥ) / ଚକ୍ରଧରପୁର (୪ର୍ଥ କଲ) ଙ୍କ ଅଧୀନରେ ଥିବା ରାଜଖରସୁଆଁ, ପାଦପାହାଡ଼, ପାଦପାହାଡ-ଜାରୋଲି, ପାଦପାହାଡ, ବଲାଣିଖାଦାନ ସେକ୍ସନରେ ୨୫.୬୩୭ କି.ମି ପାଇଁ ନୂଆ ୬୦ କେଜି ୯୦ ୟୁଟିଏସ୍ / ଆର ୨୬୦ ରେଲ୍ (ଏଲଡବ୍ଲୁଆର) ସହିତ ପିଏସସି-୧୪ ସ୍ଲିପର ଉପରେ ବିଛାଯାଇଥିବା ୬୦ କେଜି ୯୦ ୟୁଟିଏସ୍ ରେଲ୍ ଆଦିର ଟିଏଫଆର ସହିତ ଥ୍ରୋ ରେଲ ନବୀକରଣ (ପ୍ରାଥମିକ) ର ବଳକା କାର୍ଯ୍ୟ । **ଟେଣ୍ଡର ମୂଲ୍ୟ :** ଟ. ୨,୨୧,୩୯,୬୩୭.୧୫ । **ଇଏମ୍‌ଡି :** ଟ. ୨,୬୦,୭୦୦/- । **ଟେଣ୍ଡର ଫର୍ମ ମୂଲ୍ୟ :** ୦ । **ଖୋଲା ତାରିଖ :** ୨୧.୦୭.୨୦୨୫ । ଟେଣ୍ଡର ୱେବସାଇଟ http://www.ireps.gov.in ରେ ଦେଖିବାକୁ ମିଳିପାରିବ । ଟେଣ୍ଡର ଦାତା / ବିଡରଙ୍କର କ୍ଲାସ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ଅଧିନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବା ଆବଶ୍ୟକ । **ସୂଚନା :** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଇସ୍ୟୁ କରାଯିବ । (ଅଥରିଟୀ-ରେଳବାଇ ବୋର୍ଡର ପତ୍ରାଙ୍କ ନଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୭.୨୦୨୦) (PR-332)

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS (ELECTRICAL) DIVISION, SAMBALPUR**
**At-Sakhipada, DIST : SAMBALPUR, Pin-768001**
**Email - eerwiectricaldivn.sambalpur@gmail.com**
**1st Corrigendum to EE/RWELECT/SBP/05/2025-26**
**No. 1927 Dated. 30.06.2025**
**Office Order**

**O-365 :** This is to certify that Bid Identification No. EE/RWELECT/SBP/05/2025-26 is hereby cancelled due to technical error.

**Sd/- Executive Engineer**
**R.W. Electrical Division, Sambalpur**
**OIPR : 34175/11/0009/2526**

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
**"e" Procurement Notice for Road Work**
By E_Mail/e-Despatch
E_MailID :serw balasore&vahoo.in
Ph-No-06782/260318
Balia,Balasore

**O-364**
**Identification No.- Online Tender- Road N.C.B. No. 14 for 2025-26**
**Letter No. 2176 Date. 25.06.2025**

1. Name of the work : SDMF Road
2. Total No. of Work : 06 Nos. of work.
3. Estimated Cost : As per annexure
4. Eligible Class of Contractor : As per annexure.
5. Period of Completion : As per annexure.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Balasore | NCB No.-14 of 2025-26 | 03.07.2025 at 11.00 A.M | 17.07.2025 Up to 5.00 P.M. | 16.07.2025 Up to 5.00 P.M. | 18.07.2025 at 11.00 A.M. | Will be intimated later |

• Further details can be seen from the website : **www.tendersodisha.gov.in**

**OIPR : 25105/11/0060/2526** **Sd/- Chief Construction Engineer, R.W. Circle, Balasore**

**OFFICE OF THE CHIEF CONSTRUCTIN ENGINEER**
**RURAL WORKS CIRCLE, BARIPADA**
By E-Mail-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj,Baripada

**Office Order No.2697/ Dt. 26.6.25**
**O-357**
**1st Corrigendum to National Competitive Bidding e-Procurement Notice**
**No. 26220/ Bridge works, dt. 18.06.2025 (NCB No.378).**

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer Rural Works Circle, Baripada | Bridge Online N.C.B. No-378 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 21.06.2025 at 11.00 am | 11.07.2025 At 11.00 am | 05.07.2025 up to 5.00 pm | 25.07.2025 up to 5.00 pm | 04.07.2025 up to 5.00 pm | 24.07.2025 up to 5.00 pm | 07.07.2025 up to 11.00 am | 28.07.2025 up to 11.00 am | Will be intimated later | Will be intimated later |

**The Tender Call Notice vide NCB No. 378 is being amended to the above extent through this 1st corrigendum. All other terms and conditions are remain unchanged.**

**Sd/- Chief Construction Engineer,**
**R.W. Circle, Baripada**
**OIPR : 25130/11/0036/2526**

OFFICE OF THE SUPERINTENDING ENGINEER, : RWS&S DIVISION, BHUBANESWAR.
E-Mail: eebbsrrwss@gmail.com

**QUOTATION CALL NOTICE No. 12 of 2025-26**

**O-360 :** Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (Tiago/ Bolt/ celerio/ Equivalent etc) having seating capacity 5 Nos. including Driver which shall confirm to the Terms and Conditions (Appendix-A) for official use in O/o Engineer-in-Chief, RWS&S (0), Bhubaneswar on monthly rent basis as per the following details.

| Sl. No. | Nature of work | Hiring of Vehicle for Office use of the Superintending Engineer, RWS&S Division, Bhubaneswar |
|---|---|---|
| 1. | No. of works | 01 (One) |
| 2, | Time of Deployment | Three Years |
| 3. | Cost of bidding document | Rs. 1000/- |
| 4. | Class of Contractors eligible | Reputed Travel Agencies / Tour Operators / Private individuals |
| 5. | Availability of bids in the office Superintending Engineer, RWS&S Division, Bhubaneswar | From dt. 05.07.2025 (11.00 AM) to dt. 15.07.2025 (1.00 PM) |
| 6. | Last date and time of submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar. | Dt. 15.07.2025 (4.00 P.M.) |
| 7. | Date & Time of opening of bids | On dt. 16.07.2025 11.00 AM) in the Office of the Superintending Engineer, RWS&S Division, BBSR |

Subseqent corrigendum if any any shall display in the Office Notice Board.

**OIPR : 25011/11/0023/2526** **Sd/- Executive Engineer, RWS&S Division, Bhubaneswar**

**OFFICE OF THE SUPERINTENDING ENGINEER: RWSS DIVISION:BERHAMPUR**
**Near JaradaBunglow, Pin - 760004, Ph. 0680-2296344**
**eerwss bam@nic.in rwssbam@gmail.com**
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM- 06/2025-26**

**O-349 :** The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 04 Nos. |
| 3 | Estimated cost (Approximate) | From Rs 11.63 Lakhs to Rs 53.72 Lakhs |
| 4 | Period of completion | From 120 to 180 days |
| 5 | Date & Time of availability of bid document in the Portal. | From 02 -07-2025 atl 1.00 hrs to 13-07-2025 upto 17.00 hrs |
| 6 | Last date & time for seeking clarification | 11-07-2025 up to 17.00 hrs |
| 7 | Dt. of opening of Bid | 14-07-2025 at 11.00 hrs |
| 8 | Last date / Time for receipt of bids in the Portal | 13-07-2025 upto 17.00 hrs |
| 9 | Name & address of the Officer inviting tender. | Superintending Engineer, RWSS Division, Near Jarada Bunglow, Berhampur-760004, Dist. Ganjam. Odisha. |

Further details can be seen from the e-procurement portal **https://tendersorissa.gov.in**

**Sd/- Superintending Engineer**
**RWS&S Division, Berhampur**
**OIPR : 25035/11/0021/2526**

# ସମ୍ଭାବନା ସାହିତ୍ୟ ସଂସଦର ସାହିତ୍ୟ ଆସର

ଭଦ୍ରକ,(ସବ୍ୟୁ): ସମ୍ଭାବନା ସାହିତ୍ୟସଂସଦ ମାସିକ ସାହିତ୍ୟ ଆସର ରବିବାର ଦିନ ଭାଗବତ କଲ୍ୟାଣ ମଣ୍ଡପ ଠାରେ ପାଳନ କରି ସାରିଛି । ଏହି ଆସରକୁ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଗାଳ୍ପିକ ତଥା ପୂର୍ବତନ ଅଧକ୍ଷ୍ୟ ପବିତ୍ର ପାଣିଗ୍ରାହୀ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ ଅତିଥିଭାବେ ଯୋଗ ଦେଇଥିଲେ ଶିଶୁ ସାହିତ୍ୟିକ ଇଂ.ଅଭୟ ସୁତାର । ସମୀକ୍ଷକ ଭାବେ ଯୋଗଦେଇଥିଲେ ପାଳିଆବିନ୍ଧା କଲେଜର ଅଧ୍ୟାପକ ଡ଼.ବିଶ୍ୱରଂଜନ ଦାସ । ସମ୍ଭାବନାର ନୂଆ ସ୍ୱର ଭାବେ ଦୁଇ ନୂତନ ବିସ୍ମରଣ ସୁଶ୍ରୀ ବିଳାସିନୀ ମହୁରୀ ଓ ସସ୍ମିତା ସାହୁ ନୂଆନୂଆ କବିତାକୁ ଭଲ ପାଉଥିବା ନୂତନ କବୟିତ୍ରୀଦ୍ୱୟ ସେମାନଙ୍କ ସ୍ୱରଚିତ କବିତା ପଠା କରିଥିଲେ । ସମ୍ଭାବନାର କାର୍ଯ୍ୟକାରୀ ସମ୍ପାଦକ ଯୁବ କବି ଓ ଗୀତିକାର ଅରୂପାନନ୍ଦନାୟକ ସ୍ୱାଗତ ଭାଷଣ,ସମ୍ପାଦକ ରୁତୁରାଜ ଅକ୍ଷୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପୂଜ୍ୟାପୂଜା ସଂସଦର ଯୁବ ସମ୍ପାଦକ ରୂପକ ବିହାରୀ ରାୟ ସମ୍ଭାବନାର ଏହି ଆସରକୁ ପୂର୍ଣ୍ଣ ସହଯୋଗ କରିଥିଲେ ।

### AFFIDAVIT

By virtue of an affidavit sworn before NOTARY PUBLIC SALIPUR on Dated 24th June 2025, I Mr. SAIKH FARZAN BUX S/O SAIKH KARIM BUX, Resident of Village : AT-KANPUR, POST-KOOD, DIST-CUTTACK, ODISHA, 754221, State : Odisha, I have changed my minor daughters name from "SAFIA PARWIN" to "SADIYAH PARWEEN". Henceforth, She shall be known as "SADIYAH PARWEEN" for all purposes.

**SAIKH FARZAN BUX**

### AFFIDAVIT

By virtue of an affidavit sworn before NOTARY PUBLIC SALIPUR on Dated 24th June 2025, I Mrs. MANI MURMU, W/O BUDHAN MURMU, Resident of Village : AT-GOPINATHPUR, POST-BHAIRPUR, DIST-CUTTACK, 754200, State : Odisha, I have changed my name from "PARBATI MAJHI" to "MANI MURMU". Henceforth, She shall be known as "MANI MURMU" for all purposes.

**MANI MURMU**

### ଦ.ପୂ. ରେଳପଥ-ଟେଣ୍ଡର

ସିନିୟର ଡିଭିଜନାଲ ଇଲେକଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନମତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫ୍‌ର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । **କ୍ର.ନଂ. , ଟେଣ୍ଡର ନୋଟିସ ନଂ ଓ କାର୍ଯ୍ୟର ନାମ** ନିମ୍ନରେ ଦିଆଯାଇଛି : **୧. ସିକେପି-ଡି-୬୪୪-ଟିଆରଇଇ-ଟାଟା ।** ଏଡିଇଇ/ଟିଆରଡି/ଟାଟାଙ୍କ ଅଧୀନସ୍ଥ ଓଏଚ୍‌ଇରେ ଏକ ବର୍ଷ ପାଇଁ ପଡିଥିବା ଓଏଚ୍‌ଇ/ ସମ୍ବେଦନଶୀଳ ଅଞ୍ଚଳରୁ ଯଥେଷ୍ଟ କ୍ଲିୟରାନ୍ସ ବଜାଇ ରଖିବା ପାଇଁ ଗଛ ଡାଳ ଗୁଡିକୁ କଟେଇ କରିବା । **ଟେଣ୍ଡର ମୂଲ୍ୟ :** ଟ. ୧୩,୮୬,୬୩୦/- । **ଇଏମ୍‌ଡି :** ଟ. ୨୭,୭୦୦/- । **୨. ସିକେପି-ଡି-୬୪୪-ଟ୍ରି-ବିଏନ୍‌ଡିଏମ୍ ।** ବର୍ଷକ ପାଇଁ ଏଡିଇଇ/ଟିଆରଡି/ବିଏମଡିଏମଙ୍କ କ୍ଷମତାରେ ଥିବା ଓଏଚଇ ଉପରେ ପକାଇବାକୁ ଓଏଚଇ / ସମ୍ବେଦନଶୀଳ ଇଲାକାରୁ ଯଥେଷ୍ଟ କ୍ଲିୟରାନ୍ସ ବଜାଇ ରଖିବାକୁ ଗଛ ଡାଳଗୁଡିକୁ କଟେଇ କରିବା । **ଟେଣ୍ଡର ମୂଲ୍ୟ :** ଟ. ୧୨,୫୪,୫୭୦/- । **ଇଏମ୍‌ଡି :** ଟ. ୨୫,୧୦୦/- । **୩. ବର୍ଷକ ପାଇଁ ଏଡିଇଇ/ଟିଆରଡି/ଡିପିଏସ୍‌ଙ୍କ କ୍ଷମତା** ଅଧୀନରେ ଥିବା ଓଏଚଇ ଉପରେ ପକାଇବାକୁ ଓଏଚଇ/ ସମ୍ବେଦନଶୀଳ ଇଲାକାରୁ ଯଥେଷ୍ଟ କ୍ଲିୟରାନ୍ସ ବଜାଇ ରଖିବାରେ ଗଛ ଡାଳଗୁଡିକୁ କଟେଇ କରିବା । **ଟେଣ୍ଡର ମୂଲ୍ୟ :** ଟ. ୬,୬୦,୩୦୦/- । **ଇଏମଡି :** ଟ. ୧୩,୨୦୦/- । **ସମାପ୍ତି ସମୟ :** ପ୍ରତ୍ୟେକଟି ପାଇଁ ୧୨ ମାସ । ଇ-ଟେଣ୍ଡର ଖୋଲା ସ୍ଥାନ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର / ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ । **ଟେଣ୍ଡର ବନ୍ଦ ତାରିଖ ଓ ସମୟ :** ପ୍ରତ୍ୟେକଟି ପାଇଁ ୨୩.୦୭.୨୦୨୫ ରିଖ ୧୫.୦୦ ଘଟିକା । ଟେଣ୍ଡର ଖୋଲା ତାରିଖ ଓ ସମୟ : ପ୍ରତ୍ୟେକଟି ପାଇଁ ୨୩.୦୭.୨୦୨୫ ରିଖ ୧୫.୩୦ ଘଟିକା । ୱେବସାଇଟ **http://www.ireps.gov.in** ରେ ଇ-ଟେଣ୍ଡର ଦେଖିପାରିବେ । ଟେଣ୍ଡର ଦାତା / ବିଡରଙ୍କର କ୍ଲାସ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ଅଧିନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବା ଆବଶ୍ୟକ । (PR-330)

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER**
**(TESTING & CALIBRATION, STANDARD TESTING LABORATORY)-CUM-ELECTRICAL INSPECTOR**
**PLOTNO.GD-2/7,MAITRIVIHAR, BHUBANESWAR-751023**
**E-Mail ID:sestl-od@gov.in,deistll-od@gov.in**
**Bid Identification No. 02 / A.C.E ( T& C, STL)/ 2025-26**
**No. STL/Tech-2/2025-26/ 1294/Dated Bhubaneswar, the 25.06.2025**

**AA-14 :** The Additional Chief Engineer (T&C,STL)-cum-E.I, Bhubaneswar on behalf of Governor of Odisha invites online bids in item rate contract basis from Equipment Manufacturers or their authorized distributors /dealers in double cover system for three nos of bids as detailed in e-procurement portal i.e. **http://tendersodisha.gov.in.** The bid documents will be available from dt.07.07.2025 at 10A.M. to 28.07.2025 up to 5P.M. The bidder must possess compatible Digital signature certificate of class II or III. Bids received online shall be opened dt. 29.07.2025 in the office of the undersigned. Further details, addendum / corrigendum, if required, will be available only in the website.

**Sd/- Addl. Chief Engineer**
**(T&C,STL)-Cum-E.I.,**
**Bhubaneswar**
**OIPR : 04069/11/0004/2526**

-MM-

ଆମ ଶିମିଳିପାଳ ଆମ ଗର୍ବ
OUR SIMILIPAL OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
**AT-MATIAGARH CHHAKA, PO-K. JASHIPUR,**
**DIST-MAYURBHANJ, ODISHA-757091**
**Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com**

*Office Order No. 76 /, Dated, 25.06.2025*

*02nd Corrigendum to Bid invited vide this Office Tender Call Notice No.1921, dtd.10.06.2025*

In pursuance to this Office Tender Call Notice No.1921, dtd.10.06.2025, only 02 bidders participated in the timeline of opening of technical bid for supply and installation of Solar High Mast Light. Therefore, the above tender for supply and installation of Solar High Mast Light is hereby rescheduled as follows.

| Sl No. As per Original TCN | Items | As per Original TCN | As per 01st Corrigendum to TCN & DTCN | As per 02nd Corrigendum to TCN & DTCN |
|---|---|---|---|---|
| 3. | Date & time of availability of tender document | From 13.06.2025 (during office time) to 11.00 AM of 21.06.2025 | - | From 01.07.2025 (during office time) to 11.00 AM of 15.07.2025 |
| 4. | Receipt of bid documents | On or before 21.06.2025 by 12.00 | - | on or before 15.07.2025 by 12.00 |
| 5. | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards | Dt.15.07.2025 at 12.30 hours onwards |

**Yours faithfully**
**Sd/- Deputy Director,**
**Similipal (North) WL Division, Jashipur**
**OIPR : 08133/11/0018/2526**

**GOVERNMENT OF ODISHA : "e"-PROCUREMENT NOTICE**
**OFFICE OF THE NOTIFIED AREA COUNCIL, DASPALLA**
**No.1457 Dt.25/06/2025**
**REQUEST FOR PROPOSAL (RFP)**
**Bid Identification No. NAC-Daspalla/01/2025-26**

**C-597 :** The Executive Officer, NAC, Daspalla, Dist-Nayagarh is inviting proposal from eligible Public Sector Undertakings/Autonomous Bodies/Consulting Firms in online mode with double cover for the work described in the RFP as detailed in the table below.

1. Nature of Work :- As per RFP
2. No of Work :- 01 Preparation of Comprehensive Drainage
3. Name of Work :- Master Plan and DPR for Storm Water Drainage System of Daspalla NAC
4. Available of Bid Document in Website. :- From dt. 01.07.2025 9.00 AM to dt. 25.07.2025 5.00 PM
5. Date for Pre- Proposal Query :- Dt. 08.07.2025 at 11.00 AM
6. Date for Pre- Proposal Meeting :- Dt. 09.07.2025 at 11.00 AM
7. Date of receiving of Hard copy of proposal :- Dt. 29.07.2025 at 5.00 PM
8. Date and time of opening of Technical Bid :- Dt. 30.07.2025 at 11.00 AM
9. Date and time of opening of Financial Bid :- Will be intimated later.

The Bidders have to participate through ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Sd/- Executive Officer,**
**NAC, Daspalla**
**OIPR : 13141/11/0006/2526**

ପ୍ରୋଫର୍ମା ୧୦-୦୧
**ଭାରତୀୟ ରେଳ**
**ଦକ୍ଷିଣ ପୂର୍ବ ରେଳ**

### ଶକ୍ତିକରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି

ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନର ନିମ୍ନଲିଖିତ ସେକ୍ସନର ସମ୍ପୂର୍ଣ୍ଣ ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି ଯେ, 25000ଭୋଲ୍ଟ, 50Hz, AC ଓଭରହେଡ୍ ଟ୍ରାକ୍ସନ ତାରକୁ ସେକ୍ସନ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ତାରିଖ କିମ୍ବା ତା'ପରେ ଶକ୍ତିଶାଳୀ କରାଯିବ । ସେହି ତାରିଖରୁ ଓଭରହେଡ୍ ଟ୍ରାକ୍ସନ ଲାଇନକୁ ସର୍ବଦା ଲାଇଭ ଭାବରେ ବିବେଚନା କରାଯିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ପାଖରେ ପହଞ୍ଚିବେ ନାହିଁ କିମ୍ବା କାମ କରିବେ ନାହିଁ ।

ଷ୍ଟେସନ: ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ଧୁତରାଠାରେ ଅଲଟ୍ରା ଟେକ୍ ସିମେଣ୍ଟ ଲିମିଟେଡ୍ (ଝାରସୁଗୁଡା ସିମେଣ୍ଟ ୱାର୍କସ) ।

| କ୍ର. ସଂ. | ରେଖା | Chainage (କିଲୋମିଟରରେ) From | Chainage (କିଲୋମିଟରରେ) To | OHEର ଲମ୍ବ | ରେଳ ବିଭାଗ | ଶକ୍ତିକରଣ ତାରିଖ |
|---|---|---|---|---|---|---|
| ୧. | ଲାଇନ ନମ୍ବର 2ର OHEର Loc No JCW/105ରୁ Wagon Tippler ଲାଇନ Loc No JCW/L-24/25 ପର୍ଯ୍ୟନ୍ତ ସମ୍ପ୍ରସାରଣ | ସ୍ଥାନ ନମ୍ବର. JCW/105 (Ch: 3/156.00 w.r.t ସାଇଡିଂର ଉତ୍ପାଣ ପଏଣ୍ଟ ପାଇଁ ରାସ୍ତା) | ସ୍ଥାନ ନଂ. JCW/L-2/25 (Ch: 4/033.30 ସାଇଡିଂର ଉତ୍ପାଣ ପଏଣ୍ଟ ପାଇଁ ରାସ୍ତା) | 877.30m | ଦ.ପୂ. ରେଳ / ଚକ୍ରଧରପୁର | 25.05.2025 |
| ୨. | ଲାଇନ ନମ୍ବର 3ର OHEର Loc No JCW/L-3/3ରୁ Wagon Tippler ଲାଇନ Loc No JCW/L-3/24A ପର୍ଯ୍ୟନ୍ତ ସମ୍ପ୍ରସାରଣ | ସ୍ଥାନ ନମ୍ବର. JCW/L-3/3 (Ch:3/174.0 ସାଇଡିଂର ଉତ୍ପାଣ ପଏଣ୍ଟ) | ସ୍ଥାନ ନଂ. JCW/L-3/24A (Ch:4/085.00 ସାଇଡିଂ ପଏଣ୍ଟ ନେବା ପାଇଁ w.r.t) | 911.00m | | |
| ୩. | ଲାଇନ ନମ୍ବର 4ର OHEର Loc No JCW/L-4/12ରୁ ଡେଡ୍ ଏଣ୍ଡ ସ୍ଥାନ No-JCW/L-198 ପର୍ଯ୍ୟନ୍ତ ସମ୍ପ୍ରସାରଣ । | ସ୍ଥାନ ନଂ. JCW/L-4/12 (Ch: 3/174.86 ସାଇଡିଂ ଲାଇନର ଉତ୍ପାଣ ପଏଣ୍ଟ) | ସ୍ଥାନ ନଂ. JCW/198 (ଅଧ୍ୟାୟ: 4/225.40 ସାଇଡିଂର ଉତ୍ପାଣ ପଏଣ୍ଟ) | 1050.54m | | |
| ୪. | UTCL ପ୍ଲାଣ୍ଟ ଯାର୍ଡର ଡେଡ୍ ଏଣ୍ଡରେ ସଣ୍ଟିଂ ନେକ୍ ଲାଇନ ସମେତ ଲାଇନ ନମ୍ବର 1 ଏବଂ 2 ମଧ୍ୟରେ କ୍ରସ ଓଭର | ସ୍ଥାନ ନଂ. JCW/L-1/21 (Ch: 3/797.00 ସାଇଡିଂ ଲାଇନର ଉତ୍ପାଣ ପଏଣ୍ଟ w.r.t) | ସ୍ଥାନ ନଂ. JCW/L-1/33 (Ch: 4/171.26 ସାଇଡିଂ ପଏଣ୍ଟ ନେବା ପାଇଁ ଉପଯୁକ୍ତ) | 374.26m | | |
| ୫. | ସାଇଡିଂର ଶେଷ ଭାଗରେ ନମ୍ବର 3 ଏବଂ 4 ମଧ୍ୟରେ କ୍ରସ ଓଭର | ସ୍ଥାନ ନଂ. JCW/L-3/15 (Ch: 3/782.00 ସାଇଡିଂ ଲାଇନର ଉତ୍ପାଣ ପଏଣ୍ଟ w.r.t) | ସ୍ଥାନ ନଂ. JCW/L-4/29 (Ch: 4/031.90 ସାଇଡିଂ ପଏଣ୍ଟ ନେବା ପାଇଁ ଉପଯୁକ୍ତ) | 249.90m | | |
| ୬. | ସାଇଡିଂର ଶେଷ ଭାଗରେ ନମ୍ବର 3 ଏବଂ 4 ମଧ୍ୟରେ କ୍ରସ ଓଭର | ସ୍ଥାନ ନଂ. JCW/L-3/14 (Ch: 3/746.00 ସାଇଡିଂ ଲାଇନର ଉତ୍ପାଣ ପଏଣ୍ଟ w.r.t) | ସ୍ଥାନ ନଂ. JCW/L-3/23 (Ch: 4/075.50 ସାଇଡିଂ ପଏଣ୍ଟ ନେବା ପାଇଁ ଉପଯୁକ୍ତ) | 329.50m | | |
| ୭. | ସାଇଡିଂର ଶେଷ ଭାଗରେ ନମ୍ବର 3 ଏବଂ 2 ମଧ୍ୟରେ କ୍ରସ ଓଭର | ସ୍ଥାନ ନଂ. JCW/L-2/16 (Ch: 3/788.00 ସାଇଡିଂ ଲାଇନର ଉତ୍ପାଣ ପଏଣ୍ଟ w.r.t) | ସ୍ଥାନ ନଂ. JCW/L-3/20 (Ch: 3/990.00 ସାଇଡିଂ ପଏଣ୍ଟ ନେବା ପାଇଁ ଉପଯୁକ୍ତ) | 202.00m | | |

**Sr. DEE/TRD/CKP** **M/s UTCL/Dhutra**

# ଓଡ଼ିଶା ଡିଏଭି ଆନ୍ଦୋଳନର ପୁରୋଧା ୟୁପିଆର୍ ଭିଠାଲ୍ ରାଜାଙ୍କ ତିରୋଧାନ




ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ଡିଏଭି ଆନ୍ଦୋଳନର ପୁରୋଧା ତଥା ଡିଏଭି ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପୂର୍ବତନ ଅଧ୍ୟକ୍ଷା ମହୀୟସୀ ପୁଣ୍ୟାତ୍ମା ଶ୍ରୀମତୀ ୟୁପି ଆର୍‌ଭି ଠାଲ୍ ରାଜା ଗତ ୨୯ତାରିଖରେ ବିଶାଖାପାଟଣା ଠାରେ ୯୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ଓଡ଼ିଶାର ପ୍ରତ୍ୟେକ ଡିଏଭି ବିଦ୍ୟାଳୟର ପ୍ରତିଷ୍ଠା ପାଇଁ ତାଙ୍କର ଆନ୍ତରିକ ଅବଦାନ ଅତୁଳନୀୟ। ତାଙ୍କର ବିୟୋଗ ଡିଏଭି ଅନୁଷ୍ଠାନ ପାଇଁ ଏକ ଅପୂରଣୀୟ କ୍ଷତି। ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ ଡଃ ଅଯୋଧ୍ୟା ନାଥ ଖୋସ୍‌ଲାଙ୍କ ଆନ୍ତରିକ ଉଦ୍ୟମରେ ଜାତୀୟ ସ୍ତରରେ ତୃତୀୟ ତଥା ଓଡ଼ିଶାରେ ପ୍ରଥମ ଡିଏଭି ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା ୧୯୭୧ ମସିହାରେ। ୫୦ବର୍ଷ ତଳେ ପ୍ରାରମ୍ଭିକ ସମୟରେ ଅନେକ ଘାତ ପ୍ରତିଘାତ ମଧ୍ୟରେ ଗତି କରି ମଧ୍ୟ ନିଜର ମନୋବଳକୁ ସୁଦୃଢ଼ ରଖି ଡିଏଭି ସଂସ୍ଥାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଶ୍ରୀମତୀ ଭିଠାଲ୍ ରାଜା। ୧୯୭୨ରୁ ୧୯୯୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ଧରି ସେ ଆଠ ନମ୍ବର ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷା ଭାବରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ପରବର୍ତ୍ତୀ ସମୟରେ ଡିଏଭି ଚନ୍ଦ୍ରଶେଖରପୁର, ଡିଏଭି ପୋଖରୀପୁଟ ସ୍ଥାପନ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଜଣେ ଦକ୍ଷ ସୁପରିଚାଳିକା ଭାବରେ ଡିଏଭି ବିଦ୍ୟାଳୟ ସମୂହର ଅଗ୍ରଗତି ପାଇଁ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମ୍ୟାଡାମ୍ ଦେଖିଥିଲେ ଅସୁମାରି ସ୍ୱପ୍ନ। ତାଙ୍କର ପ୍ରେରଣାରେ ଅନୁପ୍ରାଣିତ ହୋଇ ଏବଂ ତାଙ୍କର ସେହି ସ୍ୱପ୍ନକୁ ସାକାର କରି ଆଜି ରାଜଧାନୀରେ ଡିଏଭି ବିଦ୍ୟାଳୟ ସମୂହ ନିଜ ପାଇଁ ଗଢ଼ି ପାରିଛନ୍ତି ଏକ ଅନନ୍ୟ ପରିଚୟ। ଶିକ୍ଷା, ବୈଷୟିକ, ଖେଳକୁଦ ଏପରି ଅନେକ କ୍ଷେତ୍ରରେ ଡିଏଭି ବିଦ୍ୟାଳୟ ସମୂହର ଭୂମିକା ଆଜି ଅବର୍ଣ୍ଣନୀୟ। ସେହି ମହାନ ଆତ୍ମାର ସଦ୍‌ଗତି ପାଇଁ ଭୁବନେଶ୍ୱର ସ୍ଥିତ ୫ଟି ଯାକ ଡିଏଭି ବିଦ୍ୟାଳୟରେ ଭାବପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଗଣ ତାଙ୍କର ସ୍ମୃତିଚାରଣ କରିବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଓଡ଼ିଶା ଡିଏଭି ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେ. ସି ଶତପଥୀ, ଡିଏଭି ପରିଚାଳନା ସମିତିର ଅଧ୍ୟକ୍ଷବୃନ୍ଦ ଓ ପୁରାତନ ଛାତ୍ରସଂସଦଗଣ ତାଙ୍କର ଅବଦାନ ଡିଏଭି ପରିବାରର ପ୍ରତିଟି ସଦସ୍ୟ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିବା ସହିତ ଶ୍ରୀମତୀ ଭିଠାଲ୍ ରାଜା ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## 'ଜଗନ୍ନାଥ ଯେ ଷୋଳ କଳାଦ ଲୋକାର୍ପିତ

କଟକ, (ସବ୍ୟୁ) : ଜଗନ୍ନାଥ, ସଂସାରରେ ବିରାଜିତ ସର୍ବଜୀବର ବି ସେ ନାଥ ।ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କର ନାଥ । କୌଣସି ସମ୍ପ୍ରଦାୟରେ ସେ ସୀମିତ ନୁହଁନ୍ତି, ଜଗନ୍ନାଥ ସର୍ବଜନ ପୂଜିତ । ପୁଣି ଭଲର ଭାବକୁ ଗ୍ରହଣ କରିଥିବା ହେତୁ ସେ ଭାବଗ୍ରାହୀ ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ହାଇକୋର୍ଟର ପ୍ରବୀଣ ଆଇନଜୀବୀ ସାଇ ଆଶ୍ରିତ ତଥା ଶ୍ରୀଜଗନ୍ନାଥ ଚେତନାର ଗବେଷକ କିଶୋର କୁମାର ଜେନାଙ୍କ ଲେଖନୀରେ ଚଳିତ ରଥଯାତ୍ରାରେ ଲୋକାର୍ପିତ ହୋଇଛି ପୁସ୍ତକ ' ଜଗନ୍ନାଥ ଯେ ଷୋଳ କଳା'। କାର୍ଯ୍ୟକ୍ରମରେ ପ୍ରକାଶିକା ତଥା ସମାଜ ସେବିକା କଳ୍ପନା ଜେନା ପୌରହିତ୍ୟ କରିଥିବାବେଳେ ବଙ୍ଗାଳୀ ସାହି କୃଷ୍ଣମୋହନ ବୀଣାପାଣି ପ୍ରକାଶନୀ ପକ୍ଷରୁ ଡାକ୍ତର ସାଇପ୍ରଜ୍ଞା ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କରିଥିଲେ।




ପବିତ୍ର ରଥଯାତ୍ରା ଅବସରରେ ପୁରୀରେ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପୁରୀ ତାଳବଣିଆ, ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ ଠାରେ ପ୍ରାୟ ୧୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଇଁ ରନ୍ଧନ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି ।

# ଷଷ୍ଠ 'ଶ୍ରୀ ସତ୍ୟସାଇ ବାଳବିକାଶ ଲେଖକ ସମାରୋହ

କଟକ, (ସବ୍ୟୁ): ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ ଓଡ଼ିଶାର ୧୮ ତମ ପ୍ରତିଷ୍ଠା ଦିବସ ଓ ଷଷ୍ଠ ଶ୍ରୀସତ୍ୟସାଇ ବାଳବିକାଶ ଲେଖକ ଆଧ୍ୟାତ୍ମିକ ଭକ୍ତିପୂର୍ଣ୍ଣ ପରିବେଶରେ 'ସାଇ ଜନନୀ' ଠାରେ ଅନୁଷ୍ଠିତ ହୋଇଯାଇଛି । ବେଦପାଠ ପରେ ଓଡ଼ିଶା ଭଜନ ଗ୍ରୁପ ପକ୍ଷରୁ ସାଇ ଗାୟତ୍ରୀ ଓ ସତନ୍ତ୍ର ପ୍ରଶାତି ଭଜନ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ସଂଗଠନର ଜାତୀୟ (ପୂର୍ବମଣ୍ଡଳ) ସଭାପତି ନାରାୟଣ ପ୍ରସାଦ ସର ପ୍ରଦୀପପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିବାବେଳେ ରାଜ୍ୟ ପୁସ୍ତକ ଓ ପ୍ରକାଶନ ନ୍ୟାସର ଆବାହକ ବିଜୟ କୁମାର ପୃଷ୍ଟି ସାଗତ ଭାଷଣ ପ୍ରଦାନ କରିଥିଲେ । ସଦସ୍ୟ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଇ ସାହିତ୍ୟ ପାଠକ ପାଠିକା, ଡକ୍ଟର ହରିକ୍ରୀଷ୍ଣ ଦାସ, ଦୁଷ୍ମନ୍ତ କୁମାର ସାହୁ, ମିହିର କୁମାର ସାହୁ, ବିଷ୍ଣୁ ମୋହନ ନାୟକ, ବେଦପ୍ରକାଶ ନାୟକ, ପ୍ରଭାତି ଦାସ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ପ୍ରଭା ରାୟ, ଡକ୍ଟର ନୟନତାରା ଛୋଟରାୟ, ନିହାରିକା କାନୁନଗୋ ପ୍ରମୁଖ ପାଠକୀୟ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ ଢ ସନାତନ ସାରଥୀ ସମ୍ପାଦକୀୟ ଅଭିମତ ପ୍ରଦାନ କରିଥିଲେ ସୁଧାଂଶୁ କୁମାର ନାୟକ ଓ ବାଳବିକାଶ ସଂପାଦକୀୟ ଅଭିମତ ସଚ୍ଚିଦାନନ୍ଦ ନନ୍ଦଙ୍କ ପକ୍ଷରୁ ମିହିର କୁମାର ସାହୁ। ଏହି ଅବସରରେ ପୁରସ୍କୃତ ପ୍ରତିଭା ଭାବେ ଅଭିଲିପ୍ସା ବେହେରା, ରୁଦ୍ର ସଶିଲ, ସାଇ ସର୍ମିଷ୍ଠା ଦାସ, ପ୍ରିନ୍ସ ପୁନ୍ୟାନ୍ ଦାସ, ଗାରିମା ପଟେଲ, ସାଇ ଅର୍ପିତ ନାୟକ, ଗଣେଶ୍ୱର ପାତ୍ର, ଶିତିକଣ୍ଠ ସାମଲ, ସୁନୀଲ ଶ୍ରେଷ୍ଠ ପ୍ରମୁଖ । ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ ଟ୍ରଷ୍ଟି ପିତାମ୍ବର ମିଶ୍ର, ବିଜୟ କୁମାର ମଲ୍ଲିକ, ମିହିର କୁମାର ସାହୁ। ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟ ସରୂପ ପଟ୍ଟନାୟକ ଉଦ୍‌ଜାପନୀ ଭାଷଣ ପ୍ରଦାନ କରିଥିଲେ, ଟ୍ରଷ୍ଟି ରମେଶ ଚନ୍ଦ୍ର ପାତ୍ର କୃତଜ୍ଞାପନ କରିଥିବାବେଳେ ମଙ୍ଗଳ ଆରତୀ ଅର୍ପଣ କରିଥିଲେ ପୂର୍ବତନ ରାଜ୍ୟ ସଭାପତି ପ୍ରଫେସର ଡକ୍ଟର ହରିକ୍ରୀଷ୍ଣ ଦାସ ।

# ଆଦାନୀ ଓ ଇସ୍କନର ମିଳିତ ସହଯୋଗରେ ପୁରୀ ରଥଯାତ୍ରାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ

ଭୁବନେଶ୍ୱର (ସବ୍ୟୁ): ପୁରୀ ରଥଯାତ୍ରା ଭାରତର ଆଧ୍ୟାତ୍ମିକ ଦୃଶ୍ୟପଟ ପରିବର୍ତ୍ତନ କରି ବିଶ୍ୱର ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରିଥାଏ । ୨୦୨୫ ମସିହାରେ ଏହି ଦୃଶ୍ୟପଟରେ ଭକ୍ତି, ସେବା ଏବଂ ସାମାଜିକ ଦାୟିତ୍ୱର ଏକ ମିଶ୍ରଣ ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ଏକ ଅନନ୍ୟ ସହଯୋଗ ସ୍ଥାପନ ହୋଇ ଶ୍ରଦ୍ଧାଳୁ ତଥା ସ୍ୱେଚ୍ଛାସେବୀମାନଙ୍କୁ ପ୍ରସାଦ ସେବନ କରାଇବାର ଦାୟିତ୍ୱ ତୁଲାଇଥିଲେ । ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ସେବା କରିବାର ଯେଉଁ ସରଳ ମନୋଭାବ ସୃଷ୍ଟି ହୋଇଥିଲା ତାହା ଶାରୀରିକ ଏବଂ ଆଧ୍ୟାତ୍ମିକ ସ୍ତରରେ ଏକ ହୃଦୟସ୍ପର୍ଶୀ ଅନୁଭୂତିରେ ପରିଣତ ହୋଇଥିଲା । ଗତ ୩ ଦିନ ହେଲା ରଥଯାତ୍ରାରେ ଆଦାନୀ ଗ୍ରୁପ ତଥା ଇସ୍କନର ମିଳିତ ସହଯୋଗରେ ଏହି ପ୍ରସାଦ ସେବା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି । ଏହି ପ୍ରସାଦରେ ଅନ୍ନ, ଦହି ଭାତ, ରୁଟି,



ପରିବା ତରକାରୀ, ଡାଲି, ପାୟସମ୍, ଗୁଲାବ୍ ଜାମୁନ, ଏବଂ ହାଲୱା ଆଦି ଅନ୍ତର୍ଭୁକ୍ତ ରହିଛି । ଏହା କେବଳ ଶ୍ରଦ୍ଧାଳୁମାନଙ୍କ ପେଟ ପୁରିବା ପାଇଁ ନୁହେଁ ବରଂ ଖରାରେ ଦୀର୍ଘ ବାଟ ଅତିକ୍ରମ କରି ଆସୁଥିବା ଲୋକଙ୍କ ପୁଷ୍ଟିକର ଆବଶ୍ୟକତାକୁ ମଧ୍ୟ ପୂରଣ କରିବାରେ ସାହାଯ୍ୟ କରିଥିଲା । ପ୍ରତ୍ୟେକ ଥାଳିରେ ପ୍ରାୟ ୭୦୦ ରୁ ୯୦୦ କ୍ୟାଲୋରୀ, ୨୦ ଗ୍ରାମରୁ ଅଧିକ ପ୍ରୋଟିନ ଏବଂ ଫାଇବର, ଭିଟାମିନ ଏବଂ ଅତ୍ୟାବଶ୍ୟକ ଖଣିଜ ତତ୍ତ୍ୱର ଏକ ପୌଷ୍ଟିକ ମିଶ୍ରଣ ବିତରଣ କରାଯାଇଥିଲା । ତାଳବଣିଆ ବସଷ୍ଟାଣ୍ଡଳ ପୁରୀ ରେଳ ଷ୍ଟେସନ, ଗୁଣ୍ଡିଚା ମନ୍ଦିର ନିକଟ, ସ୍ୱର୍ଗଦ୍ୱାର ଜଙ୍କସନ୍, ବଗଲା ଧର୍ମଶାଳା, ଦିଗବାରେଣୀ ପାର୍କିଂ ଏବଂ ଦୁଧୱାଲା ଧର୍ମଶାଳା ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ସ୍ୱେଚ୍ଛାସେବୀମାନେ ନମ୍ରତାର ସହ ସକାଳ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି ।

ଏହି 'ପ୍ରସାଦ ସେବା'ରେ ସ୍ୱଚ୍ଛତା ଏବଂ ପରିବେଶଗତ ସଚେତନତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିବାରୁ ଆଦାନୀ ଗ୍ରୁପ ଓ ଇସ୍କନର ଏହି ମିଳିତ ପ୍ରୟାସକୁ ସମସ୍ତ ବର୍ଗରେ ପ୍ରଶଂସା କରାଯାଇଛି । ଖାଦ୍ୟ ପରିବେଷଣରେ କୌଣସି ପ୍ରକାର ଥର୍ମୋକୁଲ କିମ୍ବା ପ୍ଲାଷ୍ଟିକ୍‌ର ବ୍ୟବହାର କରାଯାଇନଥିଲା ବେଳେ ଜୈବ ବିଘଟନଶୀଳ କାଗଜପ୍ଲେଟ୍ର ବ୍ୟବହାର କରାଯାଉଛି । ସ୍ୱେଚ୍ଛାସେବୀମାନେ ସେବା କରିବା ସମୟରେ ହାତରେ ଗ୍ଲୋଭ୍ସ ପିନ୍ଧିଥିଲେ ଏବଂ ଉପଯୁକ୍ତ ଅଳିଆ ନିଷ୍କାସନ ପାଇଁ ବଡ଼ ବଡ଼ ପଲିଥିନ ବ୍ୟାଗ୍ର ବ୍ୟବସ୍ଥା କରାଯାଇଥିଲା । କୌଣସି ଆଧ୍ୟାତ୍ମିକ ଅନୁଷ୍ଠାନ ଏବଂ ଦାୟିତ୍ୱବାନ ନିଗମଗୁଡ଼ିକ ଧାର୍ମିକ ରୀତିନୀତି ବ୍ୟତୀତ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଏକାଠି ହୋଇପାରିବେ ବୋଲି ଏହି ପ୍ରୟାସ ପ୍ରମାଣିତ କରିପାରିଛି । ସେବାର ଏକ ସ୍ୱରୂପ ଭାବେ ଖାଦ୍ୟ ବଣ୍ଟନ, ଆଦାନୀ ଓ ଇସ୍କନ ଆମକୁ ମନେ ପକାଇ ଦେଇଛନ୍ତି ଯେ ପ୍ରକୃତ ସମର୍ପଣ ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ସେବା କରିବାରେ ନିହିତ । ଏହା କେବଳ ଏକ ଉତ୍ସବ ନ ଥିଲା- ଏହା ଭାରତର କାଳଜୟୀ ନୀତିର ଏକ ଜୀବନ୍ତ ପ୍ରତିଫଳନ ଥିଲା: 'ସେବା ହେଉଛି ସର୍ବୋଚ୍ଚ ପୂଜା' ।

## ସୋଆ ଉପକୁଳପତିଙ୍କୁ ରୟାଲ କଲେଜ ଅଫ୍

# ଫିଜିସିଆନ୍ସ ଆଣ୍ଡ ସର୍ଜନସ୍ ଅଫ୍ ଗ୍ଲାସଗୋ ଫେଲୋସିପ୍ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଦନ୍ତ ଚିକିତ୍ସା, ଶିକ୍ଷା, ଗବେଷଣା, ନୂତନତା ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟର ଉପକୁଳପତି (ଗବେଷଣା ସହଭାଗିତା) ପ୍ରଫେସର (ଡାକ୍ତର) ନୀତା ମହାନ୍ତିଙ୍କୁ ସମ୍ମାନଜନକ ରୟାଲ କଲେଜ ଅଫ୍ ଫିଜିସିଆନ୍ସ ଆଣ୍ଡ ସର୍ଜନସ୍ ଅଫ୍ ଗ୍ଲାସଗୋ ଫେଲୋସିପ୍‌ରେ ସମ୍ମାନିତ କରାଯାଇଛି। ୪୨୫ ବର୍ଷ ପୁରାତନ ରୟାଲ କଲେଜ ଅଫ୍ ଫିଜିସିଆନ୍ସ ଆଣ୍ଡ ସର୍ଜନସ ଅଫ୍ ଗ୍ଲାସଗୋ ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ବୃତିରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଏକ ଅନୁଷ୍ଠାନ। ପ୍ରଫେସର (ଡାକ୍ତର) ମହାନ୍ତି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍)ର



ଡିନ୍ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ମୁଖ ସ୍ୱାସ୍ଥ୍ୟ ଏବଂ ଦନ୍ତ ଚିକିତ୍ସା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ସେ ୨୮ ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷା ଦାନ କାର୍ଯ୍ୟରେ ସଂପୃକ୍ତ ରହିଛନ୍ତି। ତାଙ୍କ ଦ୍ୱାରା ଲିଖିତ ୧୦୦ରୁ ଊର୍ଦ୍ଧ୍ୱ ସନ୍ଦର୍ଭ ବିଭିନ୍ନ ଆନ୍ତର୍ଜାତିକ ଜର୍ନାଲରେ ପ୍ରକାଶିତ ହୋଇଛି। ପ୍ରଫେସର ମହାନ୍ତି ମଧ୍ୟ ଆଇଡିଏସ୍‌ରେ ଓରାଲ ପାଥୋଲଜି ଓ ମାଇକ୍ରୋବାୟୋଲଜି ବିଭାଗର ପ୍ରଫେସର ଭାବେ କାର୍ଯ୍ୟ କରିବା ସହିତ କକ୍‌ରେନ୍ ଇଣ୍ଡିଆ ଆଫିଲିଏଟ୍ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂର୍ବରୁ ପ୍ରଫେସର ମହାନ୍ତିଙ୍କୁ ଆମେରିକା ସ୍ଥିତ ଏକାଡେମୀ ଅଫ୍ ଡେଂଟିଷ୍ଟ୍ରି ଇଂଟରନ୍ୟାସ୍‌ନାଲ୍ ପକ୍ଷରୁ ଫେଲୋସିପ୍ ପ୍ରଦାନ କରାଯାଇଥିବା ବେଳେ ତାଙ୍କୁ ଡକ୍ଟର ଏ.ପି.ଜେ. ଅବ୍‌ଦୁଲ କାଲାମ ଜାତୀୟ ପୁରସ୍କାର, ବେଷ୍ଟ ଡେଂଟାଲ୍ ଆଡମିନିଷ୍ଟ୍ରେଟର ଆୱାର୍ଡ ଓ ଟାଇମ୍ସ ପାୱାର ୱମାନ୍ ଆୱାର୍ଡ ମଧ୍ୟ ମିଳିଛି।

# ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ସହରାଞ୍ଚଳ-୩ ପ୍ରକଳ୍ପରେ ସୋମବାର କିଶୋରୀ ଶୁଭଦ୍ରା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିଶୁ ବିକାଶ ଯୋଜନା ଅଧିକାରୀ ସହରାଞ୍ଚଳ-୩ ସଙ୍ଗୀତା ପାଢ଼ୀ, ଡିସିପିଓ ବାଣିଶ୍ରୀ ପଟ୍ଟନାୟକ, ସିଡବ୍ଲ୍ୟୁସିର ସଦସ୍ୟ, ସମସ୍ତ ପରିଦର୍ଶିକା, ଏନ୍‌ଜିଓ କର୍ମକର୍ତ୍ତା, ମିଶନ ଶକ୍ତି ବିଭାଗର କାର୍ଯ୍ୟକର୍ତ୍ତା, ଏଏନ୍‌ଏମ୍, ଆଶା ଓ କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୁଚି



ଖେଳ, କବାଡି, ରଜ ମୁକୁଟ, ରଜ ରିଲର୍ସ ଓ ର୍ୟାମ୍ପ ୱାକ୍ ପ୍ରତିଯୋଗିତା କିଶୋରୀମାନଙ୍କ ମଧ୍ୟରେ କରାଯାଇଥିଲା। ବିଭିନ୍ନ ପାରମ୍ପାରିକ ଖାଦ୍ୟ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ପ୍ରତିଟି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା।

## ବର୍ଷା ଜଳ ଅବରୋଧକୁ ସଫାକଲେ ଗ୍ରାମବାସୀ

ବାରଙ୍ଗ (ସବ୍ୟୁ) : ସାମାନ୍ୟ ବର୍ଷା ହେଲେ ତ୍ରିଶୁଳିଆ ଗାଁମୁଣ୍ଡ ବର୍ଷାଜଳରେ ଭରି ରହି ଯାତାୟତରେ ବାଧକ ସାଜିଛି ।କେବଳ ଗାଁମୁଣ୍ଡ ନୁହେଁ ଗାଁର ଚତୁର୍ପାସ ବର୍ଷଜଳ ଭରିରହି ଗ୍ରାମବାସୀମାନେ ଏକପ୍ରକାର ଜଳବନ୍ଦୀ ଭାବେ ବର୍ଷାଦିନେ ରହିଥାନ୍ତି ।ବର୍ଷାଜଳ ନିଷ୍କାସନ ସ୍ଥାନ ଗୁଡ଼ିକୁ ଜବରଦାଖଲ ହେବା ଓ ଡ୍ରେନରେ ଠିକ ଭାବେ ପାଣି ନଯିବାରୁ ଏହିଭଳି ପରିସ୍ଥିତି ଉପୁଜିଥାଏ ।ବର୍ଷାଜଳ ନିଷ୍କାସନର ସ୍ଥାୟୀ ପ୍ରତିକାରପାଇଁ ଗ୍ରାମବାସି ମାନେ ବହୁବାର ପ୍ରଶାସନିକ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନଥିଲା । ଗତ ଦୁଇଦିନହେବ ବର୍ଷା ଲାଗିରହି ଥିବାରୁ ଜଳବନ୍ଦୀ ଭଳି ସ୍ଥିତି ତ୍ରିଶୁଳିଆ ଗ୍ରାମମୁଣ୍ଡରେ ଉପୁଜିଥିଲା ।ଏଥିରୁ ସାମୟିକ ଭାବେ ମୁକ୍ତିପାଇବା ପାଇଁ ଗ୍ରାମବାସୀମାନେ ନିଜ ପକ୍ଷରୁ ଉଦ୍ୟମ ଆରମ୍ଭ କରିଛନ୍ତି ।ଶନିବାର ସନ୍ଧ୍ୟାରେ ବର୍ଷା କମିବା ପରେ ତ୍ରିଶୁଳିଆଗ୍ରାମବାସୀ ମାନେ ଜେସିବି ଲଗାଇ ବର୍ଷାଜଳକୁ ଅବରୋଧ କରିଥିବା ସ୍ଥାନକୁ ସଫା କରିଛନ୍ତି ।

## ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ସଡ଼କ ନିରାପତା ଏବଂ ସଚେତନତାର ସଂସ୍କୃତି ଗଢିତୋଳିବା ପ୍ରୟାସ ଜାରି ରଖି ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ଓଡ଼ିଶାର ଭବାନିପାଟଣାରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। କମ ବୟସରୁ ସଡ଼କ ସୁରକ୍ଷା ଆଚରଣକୁ ଅନ୍ତର୍ନିବେଶ କରିବା ନିମନ୍ତେ ଡିଜାଇନ କରାଯାଇଥିବା ଏହି ପ୍ରୟାସ ପ୍ରଗତି ଡିଗ୍ରୀ କଲେଜରୁ ୨୦୦୦ରୁ ଅଧିକ ଛାତ୍ର ଛାତ୍ରୀ ଏବଂ କର୍ମଚାରୀଙ୍କୁ ଆନ୍ତଃକ୍ରିୟାଶୀଳ କାର୍ଯ୍ୟକ୍ରମ ଏବଂ ବାସ୍ତବ ସ୍ତରରେ ସଡ଼କ ନିରାପତା ସମ୍ପର୍କିତ ପ୍ରଶିକ୍ଷଣ ଜରିଆରେ ଶିକ୍ଷଣ ଓ ନିୟୋଜିତ କରିବା ନିମନ୍ତେ ଆଗ୍ରହୀ ଅଂଶଗ୍ରହଣକୁ ଏକତ୍ରିତ କରିଥିଲା। ଏହି ଅଭିଯାନରେ ଏକାଧିକ କାର୍ଯ୍ୟକଳାପ ଓ ଅଧିବେଶନ ଜରିଆରେ ଛାତ୍ରଛାତ୍ରୀଙ୍କୁ ନିୟୋଜିତ ରଖାଯାଇଥିଲା, ଯାହା ସେମାନଙ୍କ ଦୈନନ୍ଦିନ ପରିବେଶକୁ ନିରାପଦ ସଡ଼କ ବ୍ୟବହାର ପ୍ରଶିକ୍ଷଣ ନିମନ୍ତେ ଏକ ପ୍ଲାଟଫର୍ମରେ ପରିଣତ କରିଥିଲା। ଶିକ୍ଷଣକୁ ଉଭୟ ନିୟୋଜନକାରୀ




ଏବଂ ପ୍ରଭାବୀ କରି ଗଢିତୋଳିବା ନିମନ୍ତେ ଅଧିବେଶନଗୁଡ଼ିକୁ ନିଖୁଣ ଭାବରେ ଡିଜାଇନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ ନିରାପଦ ଗାଡିଚାଳନାର ମୌଳିକ ବିଷୟଗୁଡ଼ିକ ସମ୍ପର୍କରେ ଅବଗତ କରାଯାଇଥିଲା, ଯେଉଁଥିରେ ସଡ଼କରେ ଗାଡିଚାଳନା ସମୟରେ ହେଲମେଟ ପିନ୍ଧିବା ଏବଂ ଶୃଙ୍ଖଳା ଅନୁପାଳନ କରିବାର ଗୁରୁତ୍ୱ ସାମିଲ ଥିଲା। ଭବାନିପାଟଣାରେ ଆୟୋଜିତ ଅଭିଯାନ ଓଡ଼ିଶାରେ ଏଚଏମଏସଆଇର ବର୍ଦ୍ଧିତ ଉପସ୍ଥିତିକୁ ଜାହିର କରୁଛି, ଯେଉଁଠାରେ କମ୍ପାନୀ ମୂଳ ସ୍ତରରୁ ସଡ଼କ ସୁରକ୍ଷା ସଂସ୍କୃତି ଗଢିତୋଳିବା ନିମନ୍ତେ ସ୍ଥାନୀୟ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ସହିତ ଘନିଷ୍ଠ ଭାବରେ ମିଶି କାର୍ଯ୍ୟ କରିବା ଜାରି ରଖିଛି।

## ଡକ୍ଟର ଦିବସ ଅବସରରେ

# ସେବା ଯୋଗାଇ ଦେଉଥିବା ଡାକ୍ତର ନାୟକଙ୍କୁ ବେଦାନ୍ତର ଅଭିନନ୍ଦନ

ଭୁବନେଶ୍ୱର, (ସବ୍ୟୁ): ଭାରତ ଜାତୀୟ ଡକ୍ଟର ଦିବସ ପାଳନ କରୁଥିବା ସମୟରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ୧୦୫ ଜଣ ଡାକ୍ତରଙ୍କ ଅଟଳ ସମର୍ପଣ ଏବଂ କରୁଣାକୁ ସାଲ୍ୟୁଟ୍ କରିଛି। ଏହି ଡାକ୍ତରୀ ଦଳ ଓଡ଼ିଶା ଏବଂ ଛତିଶଗଡ଼ର ବେଦାନ୍ତ ଆଲୁମିନିୟମର ହସ୍ପିଟାଲ ଏବଂ ଡାଇଗ୍ନୋଷ୍ଟିକ୍ ସେଂଟରରେ ପାଂଚ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବାର ଜୀବନରେଖା ଅଟନ୍ତି। ଚିକିତ୍ସା ବୃତିଗତଙ୍କ ଅବଦାନକୁ ସମ୍ମାନିତ କରିବା ପାଇଁ ଉତ୍ସର୍ଗୀକୃତ ଏହି ଦିନରେ, ବେଦାନ୍ତ ସୁଗମ, ଉଚ୍ଚ-ଗୁଣବତା ସ୍ୱାସ୍ଥ୍ୟସେବା ମାଧ୍ୟମରେ ସୁସ୍ଥ ସମ୍ପ୍ରଦାୟ ଗଠନ ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଛି । ପ୍ରତ୍ୟେକ ହସ୍ପିଟାଲ ପଛରେ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମଏଚୟୁ) ଏବଂ ସ୍ୱାସ୍ଥ୍ୟ ଶିବିରରେ ୧୦୫ ଜଣ ଡାକ୍ତର ଏବଂ ୪୫୫ ଜଣ ନର୍ସ ଏବଂ ଚିକିତ୍ସା କର୍ମଚାରୀଙ୍କ ଏକ ଦଳ ରହିଛି, ଯାହାଙ୍କ ଅକ୍ଳାନ୍ତ ସେବା ଭାରତର କିଛି ଦୁର୍ଗମ ଏବଂ ଅବହେଳିତ ସମ୍ପ୍ରଦାୟ ପାଇଁ ଆଶାର ଆଲୋକ ପାଲଟିଛି। ସେମାନଙ୍କର ନିରନ୍ତର ପ୍ରୟାସ ଚିକିତ୍ସାମୂଳକ ଯତ୍ନ ବ୍ୟତୀତ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ସଚେତନତା ନିର୍ମାଣ ଏବଂ ସୁସ୍ଥ ଭବିଷ୍ୟତକୁ ପୋଷଣ କରିବା ପର୍ଯ୍ୟନ୍ତ ବିସ୍ତାରିତ। ବାଲକୋ ମେଡିକାଲ୍ ସେଂଟର (ଛତିଶଗଡର ନୟା ରାୟପୁରରେ ଥିବା ଏକ ୧୭୦ ଶଯ୍ୟା ବିଶିଷ୍ଟ ବିଶ୍ୱସ୍ତରୀୟ ଅଙ୍କୋଲୋଜି ହସ୍ପିଟାଲ), ପଶ୍ଚିମ ଓଡ଼ିଶାର ସର୍ବବୃହତ ଝାରସୁଗୁଡା ଏବଂ ଲାଇକେରାରେ ଡାଇଗ୍ନୋଷ୍ଟିକ୍ ସେଂଟର, ଓଡ଼ିଶାର କଳାହାଣ୍ଡିରେ ଥିବା ବେଦାନ୍ତ ହସ୍ପିଟାଲ ଏବଂ ମାତା ସନ୍ତୋଷୀ ଜନ କଲ୍ୟାଣ ହସ୍ପିଟାଲ ଏବଂ (ଏମଏଚୟୁ) ମାନଙ୍କର ଏକ ଫ୍ଲିଟ୍ ସମେତ ଏହାର ପ୍ରମୁଖ ସ୍ୱାସ୍ଥ୍ୟସେବା ସୁବିଧା ମାଧ୍ୟମରେ, ବେଦାନ୍ତର ଡାକ୍ତରୀ ବୃତିଗତମାନେ ଅଗଣିତ ଜୀବନକୁ ସ୍ପର୍ଶ କରିଛନ୍ତି। ଆଜି ପର୍ଯ୍ୟନ୍ତ, ଦଳଗୁଡ଼ିକ ୩.୫ ଲକ୍ଷରୁ ଅଧିକ ଓପିଡି ପରିଦର୍ଶନକୁ ସୁବିଧା ପ୍ରଦାନ କରବା ତଥା ୫୪,୦୦୦ରୁ ଅଧିକ କର୍କଟ ରୋଗୀଙ୍କୁ ଚିକିତ୍ସା କରିବା ସହିତ ୧,୫୦୦ରୁ ଅଧିକ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଛନ୍ତି, ଯାହା ହଜାର ହଜାର ଲୋକଙ୍କୁ ସ୍ୱାସ୍ଥ୍ୟ, ମର୍ଯ୍ୟାଦା ଏବଂ ଆଶା ଫେରାଇ ଆଣିବାରେ ସାହାଯ୍ୟ କରିଛି।

ବାଲକୋ ମେଡିକାଲ୍



ସେଂଟରରେ, ଡାକ୍ତରୀ ଦଳ ୧୦,୦୦୦ରୁ ଅଧିକ ଅସ୍ତ୍ରୋପଚାର କରିଛନ୍ତି ଏବଂ ସମଗ୍ର ଅଂଚଳରୁ ରୋଗୀଙ୍କୁ ବ୍ୟାପକ, ସୁଲଭ କର୍କଟ ଚିକିତ୍ସା ପ୍ରଦାନ କରିଆସୁଛନ୍ତି, ଯେଉଁଠାରେ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଶା ପ୍ରଦାନ କରୁଛି। ବେଦାନ୍ତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ଆହୁରି ବିସ୍ତାରିତ ହୋଇଛି, ଝାରସୁଗୁଡା ଏବଂ ଲାଇକେରାରେ ଡାଇଗ୍ନୋଷ୍ଟିକ୍ ସେଂଟରଗୁଡ଼ିକ ୫୭,୦୦୦ରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରୁଛନ୍ତି, ଉନ୍ନତ ରେଡିଓଲୋଜି ଏବଂ ପାଥଲୋଜି। ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ, ଏମଏଚୟୁ-ପ୍ରତ୍ୟେକଟିରେ ଜଣେ ଡାକ୍ତର, ନର୍ସ, ଲ୍ୟାବ ଟେକ୍ନିସିଆନ୍ ଏବଂ ଫାର୍ମାସିଷ୍ଟ ଅଛନ୍ତି - ସ୍ୱାସ୍ଥ୍ୟସେବା ଉପଲବ୍ଧତାର ବ୍ୟବଧାନକୁ ପୂରଣ କରିବାରେ ଜାରି ରଖିଛନ୍ତି। ଏହି ୟୁନିଟ୍ଗୁଡ଼ିକ ମାଗଣା ପରାମର୍ଶ, ଔଷଧ ଏବଂ ନିଦାନ ସେବା ସିଧାସଳଖ ଲୋକଙ୍କ ଦ୍ୱାରଦେଶରେ ପହଂଚାଇଥାନ୍ତି। ଡାକ୍ତରମାନେ ଉଚ୍ଚ ରକ୍ତଚାପ, ମଧୁମେହ, ମାତୃତ୍ୱ ଏବଂ ଶିଶୁ ସ୍ୱାସ୍ଥ୍ୟ, ଋତୁସ୍ରାବ ପରିଚ୍ଛନ୍ନତା ଏବଂ ଦୀର୍ଘକାଳୀନ ରୋଗ ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ନିୟମିତ ସଚେତନତା ଅଧିବେଶନ ମଧ୍ୟ ପରିଚାଳନା କରନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଆମର ଡାକ୍ତର, ନର୍ସ ଏବଂ ଚିକିତ୍ସା କର୍ମଚାରୀମାନେ ସମ୍ପ୍ରଦାୟ ସ୍ୱାସ୍ଥ୍ୟର ପ୍ରକୃତ ଚାମ୍ପିଅନ୍ ଅଟନ୍ତି। ସେମାନଙ୍କର ଅଟଳ ପ୍ରତିବଦ୍ଧତା ଏବଂ ଅକ୍ଳାନ୍ତ ସେବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଂଚାଇଛି ଯେଉଁମାନେ ଏହାର ସବୁଠାରୁ ଅଧିକ ଆବଶ୍ୟକତା ରଖନ୍ତି। ଡକ୍ଟର ଦିବସରେ, ଆମେ ସେମାନଙ୍କ ଆତ୍ମାକୁ ସଲାମ କରୁଛୁ ଏବଂ ସୁସ୍ଥ, ଅଧିକ ସଶକ୍ତ ସମ୍ପ୍ରଦାୟ ସୃଷ୍ଟି କରିବା ପାଇଁ ସେମାନଙ୍କ ମିଶନରେ ସେମାନଙ୍କୁ ସମର୍ଥନ କରିବା ପାଇଁ ଆମର ସଂକଳ୍ପକୁ ପୁନଃ ଦୃଢ଼ କରୁଛୁ।"

# ବିମାନ ଦୁର୍ଘଟଣା : ୭ ଦିଗପ୍ରତି କଡ଼ାକଡ଼ି ଯାଞ୍ଚ

ନୂଆଦିଲ୍ଲୀ: ଅହମଦାବାଦରେ ଜୁନ୍ ୧୨ ତାରିଖରେ ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମଲାଇନର୍ ବିମାନ ଦୁର୍ଘଟଣା ଦେଶକୁ ଥରାଇ ଦେଇଥିଲା ଏହି ବିମାନ ଦୁର୍ଘଟଣାରେ ୨୭୫ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଯେଉଁଥିରେ ୨୪୧ଜଣ ବିମାନ ଯାତ୍ରୀ ଥିଲେ। ବିମାନ ଦୁର୍ଘଟଣା ଘଟିବା ଦିନ ଠାରୁ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଦୁର୍ଘଟଣାର ତଦନ୍ତରେ କୌଣସି ପ୍ରକାର ଅବହେଳା ନକରି ନିଜନିଜ ଯାଞ୍ଚରେ ଆଗେଇ ଚାଲିଛନ୍ତି।



ବିଶେଷ ସୂତ୍ରରୁ ଜଣାପଡିଛି ଯେ, ବିରଳ ଡୁଆଲ୍ ଇଞ୍ଜିନ୍ ବିଫଳତା ଘଟଣାକୁ ଧ୍ୟାନରେ ରଖିସାତଟି ସମ୍ଭାବ୍ୟ ଷଡ଼ଯନ୍ତ୍ରର ତଦନ୍ତ ଆରମ୍ଭ କରାଯାଇଛି। ଏଥିରେ ଇନ୍ଧନ ଟ୍ୟାମ୍ପରିଂ, ସୁରକ୍ଷା ତ୍ରୁଟି ଏବଂ ବୈଷୟିକ ତ୍ରୁଟି ଭଳି ଦିଗ ଉପରେ ଗଭୀର ତଦନ୍ତ ଚାଲିଛି। ଜୁନ୍ ୧୨ ତାରିଖରେ ଏୟାର ଇଣ୍ଡିଆର ଲଣ୍ଡନ ଯାଉଥିବା ବିମାନ ଏଆଇ ୧୭୧ ଅହମଦାବାଦ ବିମାନବନ୍ଦରରୁ ଉଡ଼ିବା ଆରମ୍ଭ କରିବାର ୪୦ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ୨୪୨ ଜଣ ବିମାନ ଯାତ୍ରୀଙ୍କ ମଧ୍ୟରୁ କେବଳ ଜଣଙ୍କୁ ଛାଡ଼ିଦେଲେ ବାକିମାନଙ୍କ ମୃତ୍ୟୁ ହୋଇଥିଲା।

ଦୁର୍ଘଟଣା ପରେ ପ୍ରାରମ୍ଭିକ ରିପୋର୍ଟରେ ଡୁଆଲ୍ ଇଞ୍ଜିନ୍ ବିଫଳତା କିମ୍ବା ହାଇଡ୍ରୋଲିକ୍/ଇଲେକ୍ଟ୍ରୋନିକ୍ ସିଷ୍ଟମର ବିଫଳତା ସନ୍ଦେହ କରାଯାଉଛି। ଦୁର୍ଘଟଣା ପରେ ଉଦ୍ଧାର ହୋଇଥିବା ବ୍ଲାକ୍ ବାକ୍ସରୁ ତଥ୍ୟ ଦିଲ୍ଲୀର ଏଏଆଇବି ଲ୍ୟାବରେ ଡାଉନଲୋଡ୍ କରାଯାଇଛି ଏବଂ ଏହାର ବିସ୍ତୃତ ତଦନ୍ତ ଚାଲିଛି।

ଗୁଇନ୍ଦା ସୂତ୍ରରୁ ଜଣାପଡ଼ିଛି ଯେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସାତଟି ପ୍ରମୁଖ ଦିଗ ଉପରେ ମୁଖ୍ୟତଃ ଧ୍ୟାନ ଦେଇ ଯାଞ୍ଚ କରୁଛନ୍ତି। ପ୍ରଥମତଃ: ଇନ୍ଧନ ଶୃଙ୍ଖଳାରେ ହେରଫେର ହେବାର ସମ୍ଭାବନା, ଯେଉଁଥିରେ ବିମାନବନ୍ଦରରେ ଇନ୍ଧନ ଯୋଗାଣ କିମ୍ବା ଗୁଣବତ୍ତା ହେରଫେର ଅନ୍ତର୍ଭୁକ୍ତ ହୋଇପାରେ। ଦ୍ୱିତୀୟତଃ: ସୁରକ୍ଷା ପ୍ରୋଟୋକଲରେ ତ୍ରୁଟି, ଯାହା ବୋର୍ଡିଂ ପ୍ରକ୍ରିୟା କିମ୍ବା ବ୍ୟାଗେଜ ଯାଞ୍ଚରେ ଅବହେଳା ଥିବା ସନ୍ଦେହ କରାଯାଉଛି। ତୃତୀୟତଃ: ସାଇବର ଆକ୍ରମଣର କୋଣ, ଯେଉଁଥିରେ ବିମାନର ଇଲେକ୍ଟ୍ରୋନିକ୍ ସିଷ୍ଟମ ହ୍ୟାକିଂ ହେବାର ସମ୍ଭାବନା ଅନ୍ତର୍ଭୁକ୍ତ ରହିଛି। ଯେଉଁଥିରେ ଇଞ୍ଜିନ କିମ୍ବା ଅନ୍ୟାନ୍ୟ ଅଂଶରେ ନିର୍ମାଣ ତ୍ରୁଟି ଥିବାରତଦନ୍ତ କରାଯାଉଛିଛ ପଞ୍ଚମ: ଆଭ୍ୟନ୍ତରୀଣ ତ୍ରୁଟି, ଯେଉଁଥିରେ କ୍ରୁ କିମ୍ବା ଭୂମି କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯାଉଛି। ଷଷ୍ଠ: ବାହ୍ୟ ଆତଙ୍କବାଦୀ ଷଡ଼ଯନ୍ତ୍ରଛ ଯେଉଁଥିରେ ବିମାନକୁ ଟାର୍ଗେଟ କରିବାର ଯୋଜନା ଅନ୍ତର୍ଭୁକ୍ତ ହୋଇପାରେଛ ସପ୍ତମ: ମାନବ ତ୍ରୁଟି, ଯେଉଁଥିରେ ପାଇଲଟ୍ କିମ୍ବା ନିୟନ୍ତ୍ରଣ ଟାୱାରର ଭୁଲ ଥିବା ଦିଗରେ ତଦନ୍ତ କରାଯାଉଛି।

## ତେଲେଙ୍ଗାନା ଫାର୍ମା କମ୍ପାନୀରେ ବିସ୍ଫୋରଣ : ୧୨ ମୃତ



ନୂଆଦିଲ୍ଲୀ : ତେଲେଙ୍ଗାନାରେ ଏକ ଫାର୍ମା କମ୍ପାନୀରେ ବିସ୍ଫୋରଣ ହୋଇ ୧୨ ଜଣଙ୍କର ଜୀବନ ଯାଇଥଲବାବେଳେ ୩୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି।

ପୂର୍ବାହ୍ନ ୮.୧୫ରୁ ୯.୩୫ ମଧ୍ୟରେ ତେଲେଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲାର ସିଗାଚୀ ଫାର୍ମ କମ୍ପାନୀରେ ବିରାଟ ବିସ୍ଫୋରଣ ଘଟିଥଲଲା। ଘଟଣା ଘଟିବା ପରେ ୧୧ ଦମକଳ ବାହିନୀକୁ ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ପହଞ୍ଚଲଥଲଲେ। ତେବେ ପ୍ରଶାସନକୁ ଏ ପର୍ଯ୍ୟନ୍ତ କୌଣସି ମୃତଦେହ ମିଳିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ତାଙ୍କ ପରିବାରବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତିଛ ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତିଛ ସେ ଉଲ୍ଲେଖ କରିଛନ୍ତି ଯେ ତେଲେଙ୍ଗାନାରେ ଏଭଳି ଦୁର୍ଘଟଣାର ଖବର ପାଇବା ତାଙ୍କୁ ହତବାକ୍ କରିଛିଛ ଯେଉଁମାନେ ନିଜର ଆମଳୀୟସ୍ୱଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁଦ୍ଧାକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଛି। ରାଜ୍ୟ ସରକାରଙ୍କ କର୍ତ୍ତୃପକ୍ଷ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି।

## ପାଇଲଟ ପୁଅଙ୍କ ମୃତ୍ୟୁ ପରେ ଆଖି ବୁଜିଲେ ମା

ନୂଆଦିଲ୍ଲୀ: କେଦାରନାଥ ଧାମରେ ଜୁନ୍ ୧୫ ତାରିଖରେ ହେଲିକପ୍ଟର ଦୁର୍ଘଟଣାରେ ୫ଜଣ ଯାତ୍ରୀଙ୍କ ସମେତ ୨ଜଣ ପାଇଲଟଙ୍କୁ ମିଶାଇ ୭ଜଣଙ୍କ ମୃତ୍ୟୁ ହୋଇଥିବାର ଦୁଃଖଦ ଘଟଣା ସାମ୍ନାକୁ ଆସିଥିଲା। ପ୍ରାଣ ହରାଇଥିବା ମହାରାଷ୍ଟ୍ରର ଜୟସୱାଲ ପରିବାରର ତିନିଜଣ ସଦସ୍ୟ ରାଜକୁମାର ଜୟସୱାଲ, ତାଙ୍କ ପତ୍ନୀ ଶ୍ରଦ୍ଧା ଜୟସୱାଲ ଏବଂ ସେମାନଙ୍କର ୨୩ମାସର ଶିଶୁ କାଶୀ ଜୟସୱାଲଙ୍କ ସମେତ ସ୍ଥାନୀୟ ବାସିନ୍ଦା ବିନୋଦ ନେଗି, ବିକ୍ରମ ସିଂହ ଏବଂ ପାଇଲଟ କ୍ୟାପ୍ଟେନ ରାଜବୀର ସିଂହ ଚେହ୍ୱାନଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଜୟପୁର ପାଇଲଟ୍ ରାଜବୀର ସିଂହ ଚେହ୍ୱାନଙ୍କ ମାଆ ତାଙ୍କ ପୁଅର ମୃତ୍ୟୁର ଦୁଃଖକୁ ସହ୍ୟ କରିପାରି ନଥିଲେ। ହେଲିକପ୍ଟର ଦୁର୍ଘଟଣାରେ ରାଜବୀରଙ୍କ ମୃତ୍ୟୁର ୧୩ ଦିନ ପରେ ତାଙ୍କ ମାଆ ଜୟପୁରରେ ମୃତ୍ୟୁ ହୋଇଥିବାର ଦୁଃଖଦ ଘଟଣା ସାମ୍ନାକୁ ଆସିଛି।

## ସୁପ୍ରିମକୋର୍ଟରେ ପହଞ୍ଚିଲା ଆଇନଛାତ୍ରୀଙ୍କ ଗଣଦୁଷ୍କର୍ମ ମାମଲା

କୋଲକାତା: କୋଲକାତାରେ ଜଣେ ଆଇନ ଛାତ୍ରୀଙ୍କୁ କରାଯାଇଥିବା ଗଣଦୁଷ୍କର୍ମ ମାମଲା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛି। ସୁପ୍ରିମକୋର୍ଟର ଓକିଲ ସତ୍ୟମ ସିଂହ ସୋମବାର କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଦାବି କରି ଏକ ଆବେଦନ ଦାଖଲ କରିଛନ୍ତି। ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନରେ ଆବେଦନକାରୀ ଦୁଇଟି ଦାବି କରିଛନ୍ତି। ଗୋଟିଏ ତଦନ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହୋଇଯିବା ଆବଶ୍ୟକ। ଦ୍ୱିତୀୟରେ ପୀଡିତାଙ୍କ ସୁରକ୍ଷା ଏବଂ କ୍ଷତିପୂରଣର ଦାବି କରାଯାଇଛି । ଉଲ୍ଲେଖଯୋଗ୍ୟ, ଜୁନ ୨୫ ତାରିଖରେ ଦକ୍ଷିଣ କୋଲକାତାର ଆଇନ କଲେଜର ଜଣେ ପ୍ରଥମ ବର୍ଷର ଛାତ୍ରୀଙ୍କୁ ଦୁଇଜଣ ସିନିୟର ଛାତ୍ର ଏବଂ ଜଣେ ପୂର୍ବତନ ଛାତ୍ର ଗଣଦୁଷ୍କର୍ମ କରିଥିଲେଛ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ର ସହିତ ୪ଜଣଙ୍କୁ ଏଯାବତ ଗିରଫ କରାଯାଇଛି।

ଆଇନ ଛାତ୍ରୀଙ୍କୁ କରାଯାଇଥିବା ଗଣଦୁଷ୍କର୍ମ ମାମଲା ସାମ୍ନାକୁ ଆସିବା ପରେ, ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ କଂଗ୍ରେସ ଦଳ ଅସନ୍ତୋଷ ବ୍ୟକ୍ତ କରି ବଙ୍ଗଳାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇଛନ୍ତି।

## ସୀମା ବିବାଦର ସମାଧାନ ପାଇଁ ସମୟ ଲାଗିବ : ଚୀନ

ବେଜିଂ : ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜୁନ୍ ୨୬ ତାରିଖରେ କ୍ୱିଂଡାଓରେ ତାଙ୍କର ଚୀନ୍ ପ୍ରତିପକ୍ଷ ଡଙ୍ଗ୍ ଜୁନଙ୍କ ସହ ଏକ ବୈଠକରେ ପ୍ରସ୍ତାବ ଦେଇଥିଲେ ଯେ ଭାରତ ଏବଂ ଚୀନ୍ ସୀମାରେ ଉତ୍ତେଜନା ହ୍ରାସ କରିବା ଏବଂ ସୀମା ନିର୍ଦ୍ଧାରଣର ବର୍ତ୍ତମାନର ବ୍ୟବସ୍ଥାକୁ ପୁନର୍ଜୀବିତ କରିବା ପାଇଁ ପଦକ୍ଷେପ ନେଇ ଏକ ସୁସଂଗଠିତ ଢାଞ୍ଚା ଅଧୀନରେ ଏହ 'ଜଟିଳ ସମସ୍ୟା' ସମାଧାନ କରିବା ଉଚିତ।



ଏ ସମ୍ପର୍କରେ, ସୋମବାର ଚୀନ୍ କହିଛି ଯେ ଭାରତ ସହିତ ସୀମା ବିବାଦ ସମୟ ଲାଗିବ । ତେବେ ସୀମା ନିର୍ଦ୍ଧାରଣ ଏବଂ ଶାନ୍ତିପୂର୍ଣ୍ଣ ପରିସ୍ଥିତି ବଜାୟ ରଖିବାକୁ ମଧ୍ୟ ଚୀନ ଇଚ୍ଛା ପ୍ରକାଶ କରିଛି। ସଂଗଠନ (ଏସସିଓ) ସମ୍ମିଳନୀ ଅବସରରେ ସିଂହ ଏବଂ ଡଙ୍ଗ୍ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ, ଯେଉଁଥିରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଉପରେ ଆଲୋଚନା କରାଯାଇଥିଲା। ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ଚୀନର ପ୍ରତିକ୍ରିୟା ବିଷୟରେ ପଚରାଯିବାରୁ, ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି, ମୁଁ ଆପଣଙ୍କୁ କହିପାରିବି ଯେ ଚୀନ୍ ଏବଂ ଭାରତ ସୀମା ସମ୍ବନ୍ଧୀୟ ପ୍ରସଙ୍ଗରେ ଏକ ସ୍ୱତନ୍ତ୍ର ଦଳ ଗଠନ କରିଛନ୍ତି ଏବଂ ଚୀନ୍-ଭାରତ ସୀମା ସମସ୍ୟାର ସମାଧାନ ପାଇଁ ରାଜନୈତିକ ପାରାମିଟର ଏବଂ ମାର୍ଗଦର୍ଶକ ନୀତି ଉପରେ ସହମତ ହୋଇଛନ୍ତି।

## ଆଜିଠୁ ରେଳଯାତ୍ରା ମହଙ୍ଗା



ନୂଆଦିଲ୍ଲୀ : ଆସନ୍ତା କାଲି ଅର୍ଥାତ ଜୁଲାଇ ୧ରୁ ବର୍ଦ୍ଧିତ ରେଳଭଡ଼ା ଲାଗୁ ହେବ । ଏ ନେଇ ରେଳ ମନ୍ତ୍ରାଳୟ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ରିଜର୍ଭେସନ୍ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛିଛଏହି ବିଜ୍ଞପ୍ତି ଅନୁସାରେ ସାଧାରଣ ଶ୍ରେଣୀରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯାଇନାହିଁ । ତେବେ ୫୦୧ରୁ ୧୫୦୦ କିଲୋମିଟର ଦୂରତା ପାଇଁ ୫ ଟଙ୍କା ଏବଂ ୨୫୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତା ପାଇଁ ୧୦ ଟଙ୍କା ଏବଂ ୨୫୦୧ ରୁ ୩୦୦୦ କିଲୋମିଟର ଦୂରତା ସ୍ଲାବ୍ ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି । ପ୍ରଥମ ଶ୍ରେଣୀ ପାଇଁ ପ୍ରତି କିଲୋମିଟରରେ ୦.୫ ପଇସା ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ ଏସି ଚେୟାର କାର୍, ଏସି-୩ ଟାୟାର /ଏସି-୩ ଟାୟାର ଇକୋନୋମି, ଏସି ୨-ଟାୟାର, ଏବଂ ଏସି ପ୍ରଥମ/ଏକଜୁକୁଟିଭ ଶ୍ରେଣୀ ଲାଗି ପ୍ରତି କିଲୋମିଟରରେ ୦୨ ପଇସା ବୃଦ୍ଧି କରାଯାଇଛି।

ଏହି ଭଡ଼ା ସଂଶୋଧନ ରାଜଧାନୀ, ଶତାବ୍ଦୀ, ଦୂରନ୍ତ, ବନ୍ଦେ ଭାରତ, ତେଜସ, ହମସଫର, ଅମୃତ ଭାରତ, ମହାମାନ, ଗତିମାନ, ଅନ୍ତ୍ୟୋଦୟ, ଜନ ଶତାବ୍ଦୀ, ଯୁବା ଏକ୍ସପ୍ରେସ୍, ଏସି ଭିଷ୍ଟାଡୋମ୍ କୋଚ୍, ଅନୁଭୂତି କୋଚ୍ ଏବଂ ସାଧାରଣ ଅଣ-ଉପନଗର ସେବା ଭଳି ପ୍ରିମିୟର ଏବଂ ସ୍ୱତନ୍ତ୍ର ଟ୍ରେନ୍ ସେବା ପାଇଁ ମଧ୍ୟ ପ୍ରଯୁଜ୍ୟ । ତେବେ ରିଜର୍ଭେସନ୍ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି।

## କର୍ଣ୍ଣାଟକ କଂଗ୍ରେସରେ କନ୍ଦଳ : ହାଇକମାଣ୍ଡ ନେବେ ନିଷ୍ପତ୍ତି



ନୂଆଦିଲ୍ଲୀ : କର୍ଣ୍ଣାଟକ କଂଗ୍ରେସରେ ଦେଖାଦେଇଥଲବା କନ୍ଦଳକୁ ନେଇ ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡଗେ ମୁହଁ ଖୋଲିଛନ୍ତି। କର୍ଣ୍ଣାଟକରେ ନେତୃତ୍ବ ପରିବର୍ତ୍ତନ ନେଇ ସେ କହିଛନ୍ତି ଯେ ଦଳୀୟ ହାଇକମାଣ୍ଡ ଏ ସମ୍ପର୍କରେ ନିଷ୍ପତ୍ତି ନେବେ।

କଂଗ୍ରେସ ସାଧାରଣ ସମ୍ପାଦକ ରଣଦ୍ଧୀପ ସିଂହ ସୁରଜୱାଲା। ବେଙ୍ଗାଲୁରୁ ଗସ୍ତ କରି କର୍ଣ୍ଣାଟକରେ ସୃଷ୍ଟି ହୋଇଥଲବା ବିବାଦ ଉପରେ ଅନୁଧ୍ୟାନ କରୁଛନ୍ତି। ସିଦ୍ଧରମେୟାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଅପସାରଣ କରି ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ନେଇ ଚର୍ଚ୍ଚା ହେଉଛି। ତେବେ ଏ ସମ୍ପର୍କରେ ଖଡଗେଙ୍କୁ ପଚାରିବାରୁ ସେ କହିଥଲଲେ ଯେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ନିଷ୍ପତ୍ତି ହାଇକମାଣ୍ଡ ନେବେ। ଏ ସମ୍ପର୍କରେ କେହି କିଛି କହିପାରିବେ ନାହିଁ। ଏହା ହାଇକମାଣ୍ଡଙ୍କ ଉପରେ ଛାଡି ଦିଆଯାଇଛି। ହାଇକମାଣ୍ଡଙ୍କ କ୍ଷମତା ରହିଛି ସେ ଯାହା କିଛି କରିପାରିବେ। ତେବେ କୌଣସି ଲୋକ ସମସ୍ୟା ସୃଷ୍ଟି କରନ୍ତୁ ନାହିଁ। ପୂର୍ବରୁ କର୍ଣ୍ଣାଟକ କଂଗ୍ରେସ ବିଧାୟକ ଏଚ୍ଏ ଇକବାଲ୍ ହୁସେନ୍ ଦାବି କରିଥଲଲେ ଯେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ୨ ରୁ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ କରାଯାଉଛ ଆମେ ସମସ୍ତେ ଜାଣିଛେ କଂଗ୍ରେସ କ୍ଷମତାକୁ ଆସିବା ପଛରେ ତାଙ୍କର ଅବଦାନ ରହିଛି। ତାଙ୍କର ରଣନୀତି ଯୋଗୁ ଏକ ଇତିହାସ ସୃଷ୍ଟି ହୋଇଥଲଲା। ମୁଁ କଳ୍ପନା ଜଳ୍ପନାରେ ବିଶ୍ୱାସ କରେନାହିଁ। ଶିବକୁମାର କହିଥଲଲେ ଯେ ଯିଏ କଂଗ୍ରେସର ସଭାପତି ଥଲବ ସେ ଏହିବର୍ଷ ମୁଖ୍ୟମନ୍ତ୍ରୀ ହେବାକଥାଛ ତେବେ ହୁସେନ୍ କହିଥଲଲେ ଯେ ମୁଁ ସେୟା କହୁଛି, ସେପ୍ଟେମ୍ବର ପରେ ରାଜନୈତିକ ପରିବର୍ତ୍ତନ କରାଯାଉଛ ଆମେ ସମସ୍ତେ ଦିଲ୍ଲୀ ଯାଇ ସୋନିଆ ଗାନ୍ଧି, ରାହୁଲ ଗାନ୍ଧ ଓ ଖଡଗେଙ୍କୁ ସାକ୍ଷାତ କରି ନିଷ୍ପତ୍ତି ଜଣାଇବୁ। ତେବେ ନେତୃତ୍ବ ପରବର୍ତ୍ତନ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। କଳ୍ପନା ଜଳ୍ପନା ଅନୁଯାୟୀ ସିଦ୍ଧରମେୟା ଓ ଶିବକୁମାରଙ୍କ ମଧ୍ୟରେ କ୍ଷମତା ବଣ୍ଟାଯିବ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥଲଲା। ମେ ୨୦୨୩ରେ କଂଗ୍ରେସ କର୍ଣ୍ଣାଟକ ବିଧାନସଭା ଜିତିବା ପରେ ଉଭୟ ଉଭୟ ସିଦ୍ଧରମେୟା ଓ ଶିବକୁମାର ସିଏମ୍ ପଦବୀ ପାଇଁ ଦାବିଦାର ଥଲଲେ। କଂଗ୍ରେସ ଶିବକୁମାରଙ୍କୁ ବୁଝାଇ ଉପମୁଖ୍ୟମନ୍ତ୍ରୀ ପଦ ନେବାପାଇଁ ରାଜି କରିଥଲଲା। ତେବେ ସୂଚନା ଅନୁଯାୟ ରୋଟେସନ୍ ଅନୁଯାୟୀ ମୁଖ୍ୟମନ୍ତ୍ରୀ ପଦବୀରେ ଅଦଳ ବଦଳ କରାଯିବ। ଶିବକୁମାରଙ୍କୁ ଅଢେ଼ ବର୍ଷ ଦାୟିତ୍ବ ଦିଆଯିବ। ତେବେ ଖଡଗେଙ୍କ ହାଇକମାଣ୍ଡ ମନ୍ତବ୍ୟ ଉପରେ ବିଜେପି ପ୍ରତିକ୍ରିୟା ଦେଇଛି। ବିଜେପି ମୁଖପାତ୍ର ସେହେଜାଦା ପୁନାୱାଲା କହିଛନ୍ତି ଯେ କଂଗ୍ରେସ ସଭାପତିଙ୍କର ଦଳରେ କିଛି ମୂଲ୍ୟ ନାହିଁ।

## ଆପଲକୁ ପୁଣି ଟ୍ରମ୍ପଙ୍କ ଧମକ

ୱାସିଂଟନ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ବିଶ୍ୱର ପ୍ରମୁଖ ଟେକନଲୋଜୀ କମ୍ପାନି ଆପଲକୁ ଚେତାବନୀ ଦେଇଛନ୍ତି ଯେ ଯଦି ଏହାର ମୋବାଇଲ୍ ଫୋନ୍ ଆମେରିକାରେ ତିଆରି ନହୁଏ, ତେବେ ଏହା ଉପରେ ଭାରୀ ଟିକସ ଲାଗୁ କରାଯିବ। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ସେ ଚାହାଁନ୍ତି ଯେ ଆମେରିକାରେ ବିକ୍ରି ହେଉଥିବା ମୋବାଇଲ୍ ଫୋନ୍ ଏବେ ଆମେରିକୀୟ ମାଟିରେ ତିଆରି ହେବା ଉଚିତ, ଭାରତ କିମ୍ବା ଅନ୍ୟ କୌଣସି ଦେଶରେ ନୁହେଁଛ ସେ କହିଛନ୍ତି ଯେ ଯଦି ଏହା ନହୁଏ, ତେବେ ସେ ଆପଲ ଫୋନ୍ ସମେତ ଆମେରିକା ବାହାରେ ତିଆରି ସମସ୍ତ ମୋବାଇଲ୍ ଫୋନ୍ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲାଗୁ କରିବା ବିଷୟରେ ବିଚାର କରିବେ। ଆପଲର ଯୋଗାଣକାରୀ କମ୍ପାନୀ ଫକ୍ସକନ୍ ଭାରତର କର୍ଣ୍ଣାଟକ ରାଜ୍ୟର ଦେବନାହଲ୍ଲୀ ଅଞ୍ଚଳରେ ୩୦୦ ଏକର ଜମିରେ ବିସ୍ତୃତ ଏକ କାରଖାନାରେ ପ୍ରାୟ ୨୦,୦୦୦ କୋଟି ଟଙ୍କା ନିବେଶ କରିଛି।

## ଆଗ୍ରା ଏୟାର୍‌ପୋର୍ଟକୁ ବୋମା ଧମକ

ଆଗ୍ରା : ବିମାନବନ୍ଦରକୁ ମିଳିଥିବା ମେଲ୍ ଅନୁସାରେ, ବିମାନବନ୍ଦର ନିକଟରେ ବିସ୍ଫୋରକ ଲୁଚାଇ ରଖାଯାଇଛି। ତୁରନ୍ତ ବିମାନବନ୍ଦର ଖାଲି କରନ୍ତୁଛ ଏଭଳି ଧମକ ମେଲ୍ଆଇଡି ପଠାଯାଇଛି। ମେଲରେ ରୋଡକିଲ୍ ଏବଂ କ୍ୟୋ ଆତଙ୍କବାଦୀ ଆକ୍ରମଣର ଦାୟିତ୍ୱ ନେଇଛନ୍ତି। ବିମାନବନ୍ଦରର ମୁଖ୍ୟ ସୁରକ୍ଷା ଅଧିକାରୀ ସୁକୀର୍ତ୍ତି ନିଗମ ଶାହଗଞ୍ଜ ପୁଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି। ଭାରତର ଅନ୍ୟ ବିମାନବନ୍ଦରଗୁଡ଼ିକୁ ମଧ୍ୟ ଏଭଳି ମେଲ୍ ପଠାଯାଇଛି, ଯାହା ପରେ ଏଜେନ୍ସିଗୁଡ଼ିକ ସତର୍କତା ଅବଲମ୍ବନ କରାଯାଇଛି। ଆଗ୍ରା ପୁଲିସ ଷ୍ଟେସନ ଶାହଗଞ୍ଜ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଗ୍ରା ବିମାନବନ୍ଦରର ମୁଖ୍ୟ ସୁରକ୍ଷା ଅଧିକାରୀ ସୁକୀର୍ତ୍ତି ନିଗମ ଅଭିଯୋଗରେ କହିଛନ୍ତି, 'ଆମକୁ ମିଳିଥିବା ଧମକରେ କୁହାଯାଇଛି ବିମାନବନ୍ଦରରେ ଶକ୍ତିଶାଳୀ ବିସ୍ଫୋରକ ଉପକରଣ ଲୁଚାଇ ରଖାଯାଇଛି, ଆପଣଙ୍କୁ ତୁରନ୍ତ ବିମାନବନ୍ଦର ଖାଲି କରିବାକୁ ହେବଛ ନଚେତ ଅନେକ ଯାତ୍ରୀଙ୍କ ଜୀବନ ଜୀବନ ଚାଲିଯିବ।'ଏହି ସମ୍ପୂର୍ଣ୍ଣ ମାମଲା ସମ୍ପର୍କରେ ଡିସିପି ସୋନମ କୁମାର କହିଛନ୍ତି ଯେ ଗତକାଲି ମୁଖ୍ୟ ସୁରକ୍ଷା ଅଧିକାରୀ ଏକ ଅଭିଯୋଗ କରିଥିଲେଛ ଯେଉଁଥିରେ ଆଗ୍ରା ବିମାନବନ୍ଦରକୁ ବୋମାରେ ଉଡ଼ାଇ ଦେବା ପାଇଁ ଏକ ଧମକପୂର୍ଣ୍ଣ ମେଲ୍ ମିଳିଥିବାର ସୂଚନା ଦେଇଥିଲେଛ ଯେଉଁ ଇମେଲ୍ ଠିକଣାରୁ ଏହି ମେଲ୍ ପଠାଯାଇଛି ତାହା ଠାବ କରାଯାଉଛି, ଖୁବ୍ ଶୀଘ୍ର ଅପରାଧୀମାନଙ୍କୁ ପୁଲିସ କାବୁ କରିବ। ଅନ୍ୟପକ୍ଷରେ, ତାଜମହଲର ପାର୍କିଂ ନିକଟରେ ମଧ୍ୟ ଗୁଳିବିନିମୟ ହୋଇଛିଛ ଗୁଳି ଫୁଟିବା ଶବ୍ଦ ଶୁଣି ପର୍ଯ୍ୟଟକଙ୍କ ମଧ୍ୟରେ କୋକୁଆଭୟ ଖେଳି ଯାଇଥିଲା। ତାଜମହଲର ପାର୍କିଂ ନିକଟରେ ଏକ କାରରେ ଥିବା ଦୁଇଜଣ ଯୁବକ ଏହି ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଗୁଳି ଚଳାଇବା ପରେ ଉଭୟ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୁଲିସ ସେମାନଙ୍କୁ ଧରିବା ପାଇଁ ତଦନ୍ତ କରୁଛି।

# ଆମେରିକାରେ ରଥଯାତ୍ରା

### ଓଡିଶା ସୋସାଇଟ୍ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ୱାଶିଂଟନ୍ : ଆମେରିକାର ରୋଡ଼ସ ଆଇଲ୍ୟାଣ୍ଡ ରାଜ୍ୟରେ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଏହି ଉପଲକ୍ଷେ ଚାରି ଠାକୁର ବିରାଜମାନ କରୁଥିବା ୱାରୱିକ ସ୍ଥିତ ଶ୍ରୀସିଦ୍ଧି ବିନାୟକ ମନ୍ଦିରକୁ ଖୁବ ସୁନ୍ଦର ଭାବରେ ସଜା ଯାଇଥିବା ଦେଖା ଯାଇଥିଲା। ଏଠାରେ ସକାଳେ ମୁଖ୍ୟ ପୂଜାରୀ ଚନ୍ଦ୍ର ଶେଖରଙ୍କ ତତ୍ତ୍ୱାବଧାନରେ ମଙ୍ଗଳ ଆରତୀ, ହୋମ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ତଥା ନୀତିକାନ୍ତି ଆଦି ଧାର୍ମିକ ବିଧି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ରୋଡ଼ସ ଆଇଲ୍ୟାଣ୍ଡରେ ଅଷ୍ଟମ ଥର ପାଇଁ ଅନୁଷ୍ଠିତ ହେଉଥିବା ରଥଯାତ୍ରା ମହୋତ୍ସବକୁ କେନ୍ଦ୍ର କରି ଉପସ୍ଥିତ ଶତାଧିକ ଭକ୍ତଗଣଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ, ଅସୀମ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଦମ୍ୟ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲାଛ ଚଳିତବର୍ଷ ଘୋଷ ଯାତ୍ରାରେ ରୋଡ଼ସ ଆଇଲ୍ୟାଣ୍ଡର ଶ୍ରଦ୍ଧାଳୁମାନଙ୍କ ସହିତ ସୁଦୂର ପେନସିଲଭାନିଆ, ନିୟୁଜର୍ସି, କନେକ୍ଟିକଟ ଓ ମାସାଚ୍ୟୁଟସ ଆଦି ସ୍ଥାନରୁ ବହୁ ସଂଖ୍ୟାରେ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ, ସେମାନଙ୍କର ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ଆସି ଭାଗ ନେଇଥିବାର ଲକ୍ଷ୍ୟ କରାଯାଇଥିଲା।



ଦିନ ସାଢ଼େ ୧୧ ଟାରେ ମନ୍ତ୍ର ଗହଗହ ଉଚ୍ଚାରଣ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ତଥା ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଘୋର ଘର୍ଘର ସ୍ୱର ଝଙ୍କାର ଦ୍ୱାରା ଗଗନ ପବନ ପ୍ରକମ୍ପିତ ହେବା ମଧ୍ୟରେ ଚାରି ଠାକୁରଙ୍କର ଧାଡ଼ି ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେବାୟତ ଓ ସଙ୍ଗଠକମାନେ ସାହି ରୋଷଣୀ କରି ମନ୍ଦିର ସାମ୍ନାରେ ଦଣ୍ଡାୟମାନ ସୁନ୍ଦର, ସୁରମ୍ୟ ଓ ବିଭିନ୍ନ ରଙ୍ଗବେରଙ୍ଗ କପଡାରେ ସୁସଜ୍ଜିତ ୧୫ଫୁଟ ଉଚ୍ଚତା ବିଶିଷ୍ଟ ରଥ ଉପରକୁ ନେଇ ଆସୀନ କରାଯାଇଥିଲା। ଏଠାରେ ମହିଳାମାନେ ଦେବୀ ସୁଭଦ୍ରାଙ୍କୁ ନଚେଇ ନଚେଇ ରଥ ଉପରକୁ ନେଉଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲାଛ ପଦ୍ମିନୀ ପଣ୍ଡା, ସୁଦୀପା ନାୟକ ଏବଂ ଶ୍ରଦ୍ଧା ନାୟକ ପ୍ରମୁଖ ଶ୍ରୀଜିଉମାନଙ୍କୁ ଓ ସେମାନଙ୍କ ରଥକୁ ଖୁବ ସୁନ୍ଦର ଭାବରେ ଫୁଲ ମାଳ ସହିତ ସଜାଇ ଥିଲେ।

ନୌସେନାର ଅବସର ପ୍ରାପ୍ତ ଲେଫ୍ଟନାଣ୍ଟ ଅଶୋକ କୁମାର ମହାପାତ୍ର ପାରମ୍ପରିକ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଭଜନ, ଜଣାଣ ଓ କୀର୍ତ୍ତନର ତାଳେତାଳେ ଅପରାହ୍ନ ୧ଟା ବେଳେ ରଥଟଣା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ରଥଟିକୁ ସିଦ୍ଧିବିନାୟକ ମନ୍ଦିରର ଚତୁଃପାର୍ଶ୍ୱରେ ଦେଢ଼ କିଲୋମିଟର ଦୂର ପର୍ଯ୍ୟନ୍ତ ଟଣା ଯାଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲାଛ ୱାରୱିକର ରାଜରାସ୍ତାରେ ରାଜକୀୟ ଠାଣିରେ ଚତୁର୍ଦ୍ଧା ମୂର୍ତ୍ତି ଆରୋହଣ କରିଥିବା ଅପରୂପ ଓ ଅନୁପମ ରଥଟି ଗଡ଼ି ଗଡ଼ି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅବିସ୍ମରଣୀୟ ଥିଲା।

# ଭାରତୀୟ ଅଭ୍ୟାସ ଶିବିରରେ ବ୍ରାର୍



ଏଜବାଷ୍ଟନ: ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ପଞ୍ଜାବ କିଙ୍ଗ୍ସର ବାମହାତୀ ସ୍ପିନର ହରପ୍ରୀତ ବ୍ରାର୍‌ଙ୍କୁ ଭାରତୀୟ ଦଳର ଅଭ୍ୟାସ ଶିବିରରେ ଦେଖିବାକୁ ମିଳିଛନ୍ତି । ଏଜ୍‌ବାଷ୍ଟେନ୍‌ର ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ପୂର୍ବରୁ ନେଟ୍ସ ଲାଗି ତାଙ୍କୁ ଗେଷ୍ଟ୍ ବୋଲର ଭାବେ ସାମିଲ କରାଯାଇଛି । ଭାରତୀୟ ଅଧିନାୟକ ତଥା ପଞ୍ଜାବ ଜନ୍ମିତ ଶୁବମନ ଗିଲ୍‌ଙ୍କ ଅନୁରୋଧରେ ସେ ବି ନେଟ୍ସରେ ଯୋଗ ଦେଇ ବୋଲିଂ ଆରମ୍ଭ କରି ଦେଇଛନ୍ତି । ତାଙ୍କୁ କେବଳ ଅଭ୍ୟାସ ଉଦ୍ଦେଶ୍ୟରେ ସାମିଲ କରାଯାଇଥିବାରୁ ସେ ଅଣଦଳୀୟ ପୋଷାକ ପିନ୍ଧି ବୋଲିଂ କରିଥିଲେ । ବିସିସିଆଇ ବ୍ରାର୍‌ଙ୍କୁ ଅଭ୍ୟାସ ଅଧିବେଶନର ଏକ ଭିଡିଓ ପୋଷ୍ଟ କରିଛି । ଯେଉଁଥିରେ ବ୍ରାର୍, ପତ୍ନୀଙ୍କ ଘରୋଇ ସହର ସ୍ୱିଡେନ୍‌ରେ ଥିବା ଉଲ୍ଲେଖ କରିବା ସହ ଅଧିନାୟକ ଗିଲ୍‌ଙ୍କ ମେସେଜ୍ ପାଇବା ପରେ ସେ ତା'ପରଦିନ ଭାରତୀୟ ଦଳର ଅଭ୍ୟାସ ଅଧିବେଶନରେ ଯୋଗ ଦେଇଥିବା କହିଛନ୍ତି । ""ମୋ ପତ୍ନୀ ଘର ସ୍ୱିଡେନ୍ । ଏହା ବର୍ମିହାମ୍ର ଅତି ନିକଟରେ । ମାତ୍ର ୧-୧.୫ ଘଣ୍ଟା ସମୟ ଲାଗୁଛି । ଶୁବମନ

# ସିରାଜଙ୍କ ବ୍ୟାଟ୍ ଭାଙ୍ଗିଲା

ଏଜ୍‌ବାଷ୍ଟନ, ୩୦।୬(ଏଜେନ୍ସି) : ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ପୂର୍ବରୁ ନିଜ ବ୍ୟାଟିଂକୁ ଶାଣିତ କରୁଛନ୍ତି । ଏଥିପାଇଁ ଏଜ୍‌ବାଷ୍ଟେନ୍‌ର ବ୍ୟାଟିଂ ଅଭ୍ୟାସ ଜୋର୍ଦାର କରୁଛନ୍ତି । ଅଭ୍ୟାସ ଅଧିବେଶନ ବେଳେ ତାଙ୍କ ବ୍ୟାଟ୍ ଭାଙ୍ଗିଥିବା ନେଇ ସିରାଜ ଜାଣିବାକୁ ପାଇଲେଛ ଏହା ଦେଖି ସେ ଦ୍ୱନ୍ଦ୍ୱରେ ପଡ଼ିବା ସହ ନିରାଶ ହୋଇଥିଲେ । ଏହା ଅନ୍‌ଲାଇନରେ ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଅଭ୍ୟାସ ଅଧିବେଶନର ଏହି ନାଟକୀୟ ମୁହୂର୍ତ୍ତର ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହୋଇଥିଲା । ଏହି ଭିଡିଓରେ ସିରାଜ ନେଟ୍ସକୁ ଯାଉଥିଲା ବେଳେ ବ୍ୟାଟ୍ ଭାଙ୍ଗିଥିବା ଦେଖୁଛନ୍ତି । ଏହା ପରେ ସ୍ମିତ ହସ ସହ ମଜାଦାର କ୍ରୋଧ ଦେଖାଉଛନ୍ତି ।

## ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍

# ଫାଇନାଲ୍‌ରେ ତନ୍ୱୀ, ଆୟୁଷ

: ଲୋଓ୍ୱା, ୩୦।୬(ଏଜେନ୍ସି) : ସମ୍ମାନଜନକ ୟୁଏସ୍ ଓପନ୍ ସୁପର ୩୦୦ ବ୍ୟାଡ୍ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଲଳନା ତନ୍ୱୀ ଶର୍ମା ଜୟଯାତ୍ରା ଜାରି ରଖି ଫାଇନାଲ୍ ସ୍ଥାନ ପକ୍କା କରିଛନ୍ତି । ସେହିଭଳି ପୁରୁଷ ଏକକରେ ଆୟୁଷ ସେଟ୍ଟୀ ଐତିହାସିକ ସଫଳତା ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି । ରବିବାର ୧୬ବର୍ଷୀୟା ତନ୍ୱୀ ମହିଳା ଏକକ ସେମିଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ୟୁକ୍ରେନ୍‌ର ପୋଲିନା ବୁରୋଭାଙ୍କୁ ମାତ୍ର ୩୪ ମିନିଟ୍‌ରେ ୨୧-୧୪, ୨୧-୧୬ରେ ହରାଇଥିଲେ । ଏଥିସହ ତନ୍ୱୀ ଏହିୟୁକ୍ରେନ୍ ଖେଳାଳିଙ୍କ ବିପକ୍ଷରେ ଦ୍ୱିତୀୟ ବିଜୟ ଅର୍ଜନ କରିବା ସହ ବିଶ୍ୱ ଟୁର୍ ଇଭେଣ୍ଟ୍ର ଫାଇନାଲ୍ ପହଞ୍ଚିବାରେ ସବୁଠୁ କନିଷ୍ଠ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି । ଫାଇନାଲ୍ରେ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଆମେରିକାର ବିଓ୍ୱେନ୍ ଝାଙ୍ଗଙ୍କୁ ଭେଟିବେ । ପୁରୁଷ ଏକକରେ ଚତୁର୍ଥ ମାନ୍ୟତାପ୍ରାପ୍ତ






ଆୟୁଷ କଡ଼ା ସଂଘର୍ଷ ପରେ ୨୧-୨୩, ୨୧-୧୫, ୨୧-୧୪ରେ ବିଶ୍ୱର ୬ ନମ୍ବର ଚାଇନିଜ୍ ତାଇପେର ଚେଉ ତିନ ଚେନ୍‌ଙ୍କୁ ପରାସ୍ତ କରିଥିଲେ । ଫାଇନାଲ୍‌ରେ ଆୟୁଷ ତୃତୀୟ ମାନ୍ୟତାପ୍ରାପ୍ତ କାନାଡ଼ାର ବ୍ରାଏନ ୟଙ୍ଗଙ୍କୁ ଭେଟିବେ । ୟଙ୍ଗ ୨୧-୧୦, ୨୧-୧୨ରେ ଚାଇନିଜ୍ ତାଇପେର ଲିଆଓ ଝୁଓ-ଫୁଙ୍କୁ ପରାସ୍ତ ହରାଇଥିଲେ ।

# ଏଏଫ୍‌ସି ମହିଳା ଏସୀୟ କପ୍ : ଭାରତର ଜୟଯାତ୍ରା



ଚିଆଙ୍ଗମାଇ (ଥାଇଲାଣ୍ଡ), ୩୦।୬(ଏଜେନ୍ସି) : ଭାରତୀୟ ମହିଳା ଫୁଟବଲ୍ ଦଳ ଚଳିତ ଏଏଫ୍ସି ମହିଳା ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟରେ ବିଜୟ ଧାରା ଜାରି ରଖିଛି । ମଙ୍ଗୋଲିଆକୁ ୧୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ରବିବାର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଟିମର ଲିଷ୍ଟେକୁ ୪-୦ ଗୋଲ୍‌ରେ ମାତ ଦେଇଛି । ଚିଆଙ୍ଗମାଇ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମନୀଷା କଲ୍ୟାଣ ଦୁଇଟି ଏବଂ ଅଞ୍ଜୁ ତମାଙ୍ଗ ଓ ଲିଣ୍ଡା କମ୍ ଗୋଟିଏ ଲେଖାଏଁ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ତୁଲାଇ ଥିଲେ । ମନୀଷା (୧୨ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପ୍ରଥମାର୍ଦ୍ଧକୁ ନିଜ ନିୟନ୍ତ୍ରଣରେ ରଖିଥିଲା । ଦ୍ୱିତୀୟାର୍ଦ୍ଧରେ ଅଞ୍ଜୁ (୫୮ ମିନିଟ୍), ମନୀଷା (୮୦ ମିନିଟ୍) ଓ ଲିଣ୍ଡା (୮୫ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ । ଏହି ବିଜୟ ସହ ୫ଦଳୀୟ ଗ୍ରୁପ୍-"ବି'ରେ ଭାରତ ୨ରୁ ୨ ଜିତି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିଛି । ଭାରତ ପରବର୍ତ୍ତୀ ମ୍ୟାଚ୍ ଜୁଲାଇ ୨ରେ ଇରାକ ଏବଂ ୫ରେ ଥାଇଲାଣ୍ଡକୁ ଭେଟିବ । ଗ୍ରୁପ୍ ଶୀର୍ଷ ଦଳ ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍ସି ମହିଳା ଏସୀୟ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ ।

# ରଗ୍‌ବି ପ୍ରିମିୟର୍ ଲିଗ୍: ଚେନ୍ନାଇ ବୁଲ୍ସ ବିଜେତା

ମୁମ୍ବାଇ, ୩୦।୬(ଏଜେନ୍ସି) : ରଗ୍ବି ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ଚେନ୍ନାଇ ବୁଲ୍ସ ବିଜେତା ହେବାର ଗୌରବ ଅର୍ଜନ କରିଛି । ରବିବାର ସ୍ଥାନୀୟ ଅନ୍ଧେରି ସ୍ଥିତ ଶାହାଜି ରାଜେ ଭୋସାଲେ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିବା ଫାଇନାଲ୍‌ରେ ଚେନ୍ନାଇ ଦଳ ଏକପାଖିଆ ଭାବେ ୪୧-୦ ପଏଣ୍ଟରେ ଦିଲ୍ଲୀରେ ରେଡ୍ସ ମାତ୍ ଦେଇଥିଲା । ଆରମ୍ଭରୁ ଆଧିପତ୍ୟ ବିସ୍ତାର କରିଥିବା ଚେନ୍ନାଇ ପ୍ରଥମ କ୍ୱାର୍ଟରରେ ୧୨, ଦ୍ୱିତୀୟରେ ୧୨, ତୃତୀୟରେ ୭ ଏବଂ ଶେଷ କ୍ୱାର୍ଟରରେ ୧୦ ପଏଣ୍ଟ୍ ପାଇଥିଲା ବେଳେ ଦିଲ୍ଲୀ ପଏଣ୍ଟ୍ ସୁଯୋଗ ଦେଇ ନଥିଲା । ଏହା ପୂର୍ବରୁ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ହାଇଦ୍ରାବାଦ ହିରୋଜ୍ ୧୭-୧୨ରେ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସକୁ ହରାଇ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା । ଏହି ୬ ଦଳିଆ ପ୍ରତିଯୋଗିତାରେ ଓଡ଼ିଶା ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ପଞ୍ଚମ ସ୍ଥାନରେ ରହିଥିଲା ।




# ଶିଶୁ ଚେସ୍ ପ୍ରତିଭା ସାତ୍ତ୍ୱିକ ସମ୍ବର୍ଦ୍ଧିତ

ଭୁବନେଶ୍ୱର : ସୋମବାର ପୋଲିସ କମିଶନର ଡ଼ଃ. ସୁପରଶ ପଦବଦଉ ସିଂହ ପୋଲିସ ସେବ ଭବନ ଠାପର ଓଡିଶାର ଉଦୀୟମାନ ଶିଶୁ ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁଙ୍କୁ ତାଙ୍କର ବିରଳ ସଫଳତା ସମ୍ବର୍ଦ୍ଧିତ କରିଛନ୍ତି । ୯ ବର୍ଷ ବୟସର ମେଧାବୀ ସାତ୍ତ୍ୱିକ ନିକଟରେ ହରିଆଣାର ଗୁରୁଗ୍ରାମଠାରେ ଅନୁଷ୍ଠିତ ୩୮ତମ ଜାତୀୟ ନଅ ବର୍ଷରୁ କମ ଓପନ୍ ଚେସ୍‌ର ଚାମ୍ପିଅନ୍‌ସିପ୍ ବିଜେତା ହେବା ସହ ଏହି ବର୍ଗରେ ପ୍ରଥମ ଓଡ଼ିଆ ଚାମ୍ପିଅନ୍ ହେବା ସହ କୃତିତ୍ୱ ଅର୍ଜନ କରିଛନ୍ତି ।

ଡ଼ଃ. ସିଂହ ଏହି ଅପୂର୍ବ ସଫଳତା ପାଇଁ ଏହି ବିସ୍ମୟ ବାଳକ ଓ ତାଙ୍କ ପରିବାରବର୍ଗଙ୍କୁ ଅଶେଷ ଶୁଭେଚ୍ଛା ଜଣାଇବା ସହ ସହ ତାଙ୍କ ଉପଲବ୍ଧି ଓ ଭବିଷ୍ୟତ ଉପରେ ସମ୍ୟକ ଆଲୋଚନା କରିଥିଲେ ।ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଚେସ୍ ଚାମ୍ପିଅନ୍‌ସିପ୍‌ର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।




# ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଇଂଲଣ୍ଡ ଦଳକୁ ଫେରିଲେ ଆର୍ଚର

ଭାରତ ବିପକ୍ଷ ପ୍ରଥମ ଟେଷ୍ଟକୁ ବେଶ ଚମତ୍କାର ଢଙ୍ଗରେ ଜିତିଥିବା ଇଂଲଣ୍ଡ ଏବେ ବଡ଼ ନିଷ୍ପତ୍ତି ନେଇଛି ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରିଛିଛ ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜର ଦ୍ୱିତୀୟ ଟେଷ୍ଟ ପାଇଁ ଆଜି ଇଂଲଣ୍ଡ ଘୋଷଣା କରିଥିବା ସ୍କ୍ୱାର୍ଡରେ ଆର୍ଚରଙ୍କ ନାଁ ରହିଛି । ଆର୍ଚରଙ୍କ କମବ୍ୟାକ ଇଂଲଣ୍ଡକୁ ଆହୁରି ମଜବୁତ କରିଛି ।

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦ୍ରୁତ ବୋଲର ଭାବେ ପରିଚିତ ୩୦ ବର୍ଷୀୟ ଆର୍ଚର ଆହତ ସମସ୍ୟା ଯୋଗୁ ଦୀର୍ଘ ବର୍ଷ ହେଲାଣି ନାଲି ବଲ କ୍ରିକେଟରୁ ଦୂରେଇ ରହିଥିଲେଛ ହେଲେ ଏବେ ସେ କମବ୍ୟାକ କରିଛନ୍ତି । ଆର୍ଚର ଶେଷଥର ପାଇଁ ୨୦୨୧ ଫେବୃଆରୀ ମାସରେ ଇଂଲଣ୍ଡ ପାଇଁ ଟେଷ୍ଟ ମ୍ୟାଚ୍ ଖେଳିଥିଲେଛ ଏବେ ଜୁଲାଇ ୨ରୁ ଭାରତ ବିପକ୍ଷ ବର୍ମିହାମର ଏଜବାଷ୍ଟନରେ ଖେଳା ଯିବାକୁ ଥିବା ଟେଷ୍ଟରେ ସେ ନଜର ଆସିବା ଏକ ପ୍ରକାରର ନିଶ୍ଚିତ ହୋଇଛି ।

ଆହତ ସମସ୍ୟା ଦେଇ ଗତି କରୁଥିବା ଆର୍ଚର ନିକଟରେ କାଉଣ୍ଟୀ ଚାମ୍ପିୟନଶିପ ଖେଳିବା ଆରମ୍ଭ କରିଥିଲେଛ ସକସେସ ପାଇଁ ଠିକଠାକ ପ୍ରଦର୍ଶନ କରିବା ପରେ ତାଙ୍କୁ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଇଂଲଣ୍ଡ ସ୍କ୍ୱାର୍ଡରେ ସୁଯୋଗ ମିଳିଛି । ସବୁଠା କୌତହଳର ବିଷୟ ହେଲା ଆର୍ଚର ଇଂଲଣ୍ଡ ପାଇଁ ଶେଷ ଟେଷ୍ଟ ୨୦୨୧ ଫେବୃଆରୀରେ ଭାରତ ବିପକ୍ଷରେ ହିଁ ଖେଳିଥିଲେ । ସେବେଠାରୁ ସେ ଆହତ ସମସ୍ୟା ଦେଇ ଗତି କରୁଥିବା ବେଳେ ୨୦୨୪ରେ ମୈଦାନକୁ ଓହ୍ଲାଇଥିଲେ ।



ଆର୍ଚରଙ୍କ ବ୍ୟତୀତ ସ୍କ୍ୱାର୍ଡରେ ଆଉ କୌଣସି ପରିବର୍ତ୍ତନ କରାଯାଇନିଛ ପ୍ରଥମ ଟେଷ୍ଟ ବେଳେ ସ୍କ୍ୱାଡରେ ଯେଉଁମାନେ ଥିଲେ ଦ୍ୱିତୀୟ ଟେଷ୍ଟ ପାଇଁ ଘୋଷଣା ହୋଇଥିବା ସ୍କ୍ୱାର୍ଡରେ ସେହିମାନେ ରହିଛନ୍ତିଛ କେବଳ ଅତିରିକ୍ତ ଭାବେ ଆର୍ଚରଙ୍କୁ ସ୍କ୍ୱାର୍ଡରେ ସାମିଲ କରାଯାଇଛି ।

ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବ୍ରାୟଣ୍ଡନ କାର୍ସେ, ଜୋଶ ଟଙ୍ଗଙ୍କ ଭଳି ଯୁବ ବୋଲରଙ୍କ ଉପରେ ଦ୍ରୁତ ବୋଲିଂର କମାଣ ଛାଡ଼ିଥିଲା । ସେମାନଙ୍କୁ ବେନ ଷ୍ଟୋକ୍ସ ଓ କ୍ରିସ ଓ୍ୱିକ୍ସ ସହଯୋଗ କରିଥିଲେ । କାର୍ସେ ଓ ଟଙ୍ଗ ଦମଦାର ବୋଲିଂ ମଧ କରିଥିଲେ । ଏବେ ଆର୍ଚରଙ୍କ କମବ୍ୟାକ ଭାରତର ଚିନ୍ତାକୁ ଆହୁରି ବାଢ଼ଇବ ।

ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ସ୍କ୍ୱାଡ: ବେନ ଷ୍ଟୋକ୍ସ(ଅଧିନାୟକ), ଜୋଫ୍ରା ଆର୍ଚର, ଶୋଏବ ବଶିର, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାୟଣ୍ଡନ କାର୍ସେ, ସାମ କୁକ, ଜ୍ୟାକ କ୍ରଉଲୀ, ବେନ ଡକେଟ, ଜାମି ଓଭରଟନ, ଓଲି ପୋପଳ, ଜୋ ରୁଟ, ଜାମି ସ୍ମିଥ, ଜୋଶ ଟଙ୍ଗ ଓ କ୍ରିସ ଓ୍ୱିକ୍ସ ।

# ଡିଆଇସି ସହ କ୍ରିଡାମନ୍ତ୍ରାଳୟର ଏମ୍ଓୟୁ

ନୂଆଦିଲ୍ଲୀ : ଦେଶର ଯୁବପିଢ଼ିଙ୍କ ସହିତ ଡିଜିଟାଲ୍ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ମାଇ ଭାରତ ୨.୦ ପ୍ଲାଟଫର୍ମର ବିକାଶ ପାଇଁ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଡିଜିଟାଲ୍ ଇଣ୍ଡିଆ କର୍ପୋରେସନ୍ (ଡିଆଇସି) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ।

ଉନ୍ନତ ଜାତୀୟ ଯୁବ ପ୍ଲାଟଫର୍ମ ଦେଶବ୍ୟାପୀ ଯୁବକମାନଙ୍କୁ ସଶକ୍ତ ଏବଂ ସଂଯୋଗ କରିବା ପାଇଁ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନଗୁଡ଼ିକୁ ବ୍ୟବହାର କରିବ ।କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ଏବଂ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆ ଏବଂ କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ସଚିବ ଏସ୍ କ୍ରିଷ୍ଣନ୍ ଯୁବ ବ୍ୟାପାର ବିଭାଗର ସଚିବ ଡକଫର ପଲ୍ଲବୀ ଜୈନ୍ ଗୋଭିଲ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଡିଓଓ୍ୱାଇଏର ଯୁଗ୍ମ ସଚିବ ନିତେଶ କୁମାର ମିଶ୍ର ଏବଂ ଡିଜିଟାଲ୍ ଇଣ୍ଡିଆ କର୍ପୋରେସନର ଏମ୍‌ଡି ଏବଂ ସିଇଓ ନନ୍ଦ କୁମାରମ୍ ମୋ ଭାରତ ୨.୦ ପ୍ଲାଟଫର୍ମର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତ । ଏହି ଅବସରରେ, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଜି, ଯେତେବେଳେ ଆମେ ଜୀବନକୁ ପରିବର୍ତ୍ତନ କରୁଥିବା ସାର୍ବଜନୀନ ଡିଜିଟାଲ୍ ପ୍ଲାଟଫର୍ମ ନିର୍ମାଣ କରୁଛୁ, ମୋ ଭାରତ ପଛରେ ଥିବା ଧାରଣା ଆମେୟୁପିଆଇ , ଡିଜିଲକର କିମ୍ବା କମନ୍ କମ୍ପ୍ୟୁଟ୍ ସୁବିଧା ସହିତ ଯାହା କରିଛୁ ତାହାଠାରୁ ଭିନ୍ନ ନୁହେଁ ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି